CMYK

• Vol.- 46, Issue No. 18
• Saturday, 18 April 2026
• ଶନିବାର, ୧୮ ଏପ୍ରିଲ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

# କାଟ୍ ଖାଇଲା ମହିଳା ସଂରକ୍ଷଣ ବିଲ୍



- ★ ମିଳିଲାନି ଦୁଇ-ତୃତୀୟାଂଶ ମତ
- ★ ଆବଶ୍ୟକ ଥିଲା ୩୨୬ ଭୋଟ୍
- ★ ସପକ୍ଷରେ ମିଳିଲା ୨୯୮, ବିରୋଧରେ ୨୩୦
- ★ ମହିଳାଙ୍କ ସମ୍ମାନ ପାଇଁ ଲଢ଼େଇ ଜାରି ରଖିବେ ମୋଦି
- ★ ସରକାରଙ୍କ ପ୍ରୟାସ ରାଷ୍ଟ୍ର ବିରୋଧୀ କାର୍ଯ୍ୟଠାରୁ କମ୍ ନୁହେଁ: ରାହୁଲ

ନୂଆଦିଲ୍ଲୀ,୧୭।୪: ଶୁକ୍ରବାର ଲୋକସଭାରେ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାରଙ୍କୁ ଝଟକା ଲାଗିଛି। ଲୋକସଭାରେ ଏନଡିଏ ସରକାର ମହିଳା ସଂରକ୍ଷଣ ବିଲ୍ ପାରିତ କରିବାରେ ବ୍ୟର୍ଥ ହୋଇଛି। ୧୩୧ତମ ସମ୍ବିଧାନ ବିଲ୍ ଜରିଆରେ କେନ୍ଦ୍ର ସରକାର ତତ୍କାଳ ମହିଳା ସଂରକ୍ଷଣ ବିଲ ଲାଗୁ କରିବାକୁ ଲକ୍ଷ୍ୟ ରଖିଥିଲେ। ମହିଳା ସଂରକ୍ଷଣକୁ ସୀମା ପୁନଃ ନିର୍ଦ୍ଧାରଣ ସହ ଯୋଡ଼ିଥିଲେ।ମାତ୍ର ଏହି ବିଲ୍ ଲୋକସଭାରେ ଆବଶ୍ୟକ ଦୁଇ-ତୃତୀୟାଂଶ ମତ ହାସଲ କରିପାରି ନାହିଁ। ଏହି ବିଲ୍ ପାରିତ ହେବାକୁ ୩୨୬ ଖଣ୍ଡ ଭୋଟର ଆବଶ୍ୟକ ରହିଥିଲା।ମାତ୍ର ବିଲ୍ ସପକ୍ଷରେ ମିଳିଥିଲା ୨୯୮ ଭୋଟ । ସେହିପରି ବିରୋଧରେ ପଡ଼ିଥିଲା ୨୩୦ ଖଣ୍ଡ ଭୋଟ । ଅର୍ଥାତ ମୋଟ୍ ୫୨୮ ଜଣ ସାଂସଦ ଭୋଟିଂରେ ଅଂଶ ଗ୍ରହଣ କରିଥିଲେ। ବିଲ୍ ପାରିତ ହେବାକୁ ୩୨୬ ଖଣ୍ଡ ଭୋଟର ଆବଶ୍ୟକତା ଥିଲେ ହେଁ ଏନଡିଏ ଏହାକୁ ଯୋଗାଡ଼ କରିପାରି ନଥିଲା। ଏଥିଯୋଗୁ ସମ୍ବିଧାନ ସଂଶୋଧନ ବିଲ ଲୋକସଭାରେ ଗୃହୀତ ହୋଇ ପାରିନାହିଁ। ଏହି ସମ୍ବିଧାନ ସଂଶୋଧନ ବିଲ୍ ସହ ସରକାର ସୀମା ପୁନଃ ନିର୍ଦ୍ଧାରଣ ଓ କେନ୍ଦ୍ର ଶାସିତ ଅଞ୍ଚଳ ଆଇନ ସଂଶୋଧନ ବିଲ ୨୦୨୬ ମଧ୍ୟ ଆଣିଥିଲେ। ସମ୍ବିଧାନ ସଂଶୋଧନ ବିଲ୍ ସହ ଏହାକୁ ଯୋଡ଼ା ଯାଇଥିଲା। ହେଲେ ସମ୍ବିଧାନ ସଂଶୋଧନ ବିଲ ପାରିତ ହୋଇ ପାରି ନଥିବାରୁ ଉଭୟ ବିଲକୁ ମଧ୍ୟ ସରକାର ଆଗକୁ ଆଉ ବଢ଼ାଇବାକୁ ମନା କରି ଦେଇଛନ୍ତି।ଅର୍ଥାତ୍ କେନ୍ଦ୍ର ସରକାର ଆଣିଥିବା ୩ଟି ଯାକ ବିଲ୍ ଲୋକସଭାର ଅନୁମୋଦନ ହାସଲ କରିପାରି ନାହିଁ। ଫଳରେ ବାଚସ୍ପତି ଓମ ବିର୍ଲା ଏହା ଘୋଷଣା ପୂର୍ବକ ଶନିବାର ଦିନ ୧୧ଟା ଯାଏଁ ଗୃହକୁ ସ୍ଥଗିତ ଘୋଷଣା କରିଛନ୍ତି। ବିଲ୍ ପାରିତ ହୋଇଥିଲେ ମହିଳାଙ୍କ ପାଇଁ ସଂସଦ ଓ ରାଜ୍ୟ ବିଧାନସଭାରେ ୩୩ପ୍ରତିଶତ ଆସନ ସଂରକ୍ଷଣ ହୋଇଥାଆନ୍ତା। ସେହିପରି ଲୋକସଭାର ଆସନ ସଂଖ୍ୟା ୮୫୦କୁ ବୃଦ୍ଧି ହୋଇଥାଆନ୍ତା। କିନ୍ତୁ ସରକାର ଏହା ସହ ସୀମା ନିର୍ଦ୍ଧାରଣକୁ ଯୋଡ଼ି ଥିବାରୁ ବିରୋଧୀ ଜୋର୍‌ଦାର ବିରୋଧ କରିଥିଲେ। ବିଲ୍ ପାରିତ ହୋଇ ନଥିବାରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ମହିଳାଙ୍କୁ ସମ୍ମାନ ଦେବାକୁ ନରେନ୍ଦ୍ର ମୋଦି ସରକାର ବ୍ୟବସ୍ଥା କରିଥିଲେ ହେଁ ଏହାକୁ ବିରୋଧୀ ସମର୍ଥନ କରି ନାହାନ୍ତି। ସେମାନେ ଐତିହାସିକ ସୁଯୋଗ ହାତ ଛଡ଼ା କରିଛନ୍ତି। ହେଲେ ମୋଦି ସରକାର ମହିଳାଙ୍କ ସମ୍ମାନ ପାଇଁ ଲଢ଼େଇ ଜାରି ରଖିବେ ବୋଲି ସେ ଘୋଷଣା କହିଛନ୍ତି।ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଲୋକସଭାରେ ତାଙ୍କ ଭାଷଣ ସମୟରେ କହିଥିଲେ ଯେ ସମ୍ବିଧାନ ସଂଶୋଧନ ବିଲ୍‌ର ମହିଳା ସଂରକ୍ଷଣ ସହିତ କୌଣସି ସମ୍ପର୍କ ନାହିଁ, କିନ୍ତୁ ଏହା ଦକ୍ଷିଣ, ଉତ୍ତର-ପୂର୍ବ ଏବଂ ଛୋଟ ରାଜ୍ୟଗୁଡ଼ିକରୁ ପ୍ରତିନିଧିତ୍ୱ ହଟାଇ ଦେଶର ନିର୍ବାଚନ ମାନଚିତ୍ରକୁ ପରିବର୍ତ୍ତନ କରିବା ପାଇଁ ସରକାରଙ୍କ ଏକ ପ୍ରୟାସ, ଯାହା "ଏକ ରାଷ୍ଟ୍ର ବିରୋଧୀ କାର୍ଯ୍ୟଠାରୁ କମ୍ ନୁହେଁ"।

## ଖୋଲିଲା ହର୍ମୁଜ: ଇରାନ

### ସମ୍ପୂର୍ଣ୍ଣ ପଥ ପାଇଁ ପ୍ରସ୍ତୁତ, ଧନ୍ୟବାଦ: ଟ୍ରମ୍ପ



ତେହରାନ,୧୭।୪: ଇସ୍ରାଏଲ-ଲେବାନନ ଅସ୍ତ୍ରବିରତି ପରେ ଇରାନ ବଡ଼ ଘୋଷଣା କରିଛି । ହର୍ମୁଜ ପ୍ରଣାଳୀକୁ ସମ୍ପୂର୍ଣ୍ଣ ଖୋଲି ଦିଆଯାଇଛି। ଏହା କହିଛନ୍ତି ଇରାନର ବୈଦେଶିକ ମନ୍ତ୍ରୀ ସୟଦ ଆବାସ ଆରାଘଚି। ଏବେ ହର୍ମୁଜରେ ଜାହାଜ ଚଳାଚଳ ସ୍ୱାଭାବିକ ହେବ।ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟ କରି ଆରାଘଚି କହିଛନ୍ତି, ଲେବାନନ୍‌ରେ ଯୁଦ୍ଧବିରତି ସହିତ, ଇସଲାମିକ୍ ଗଣରାଜ୍ୟ ଇରାନର ବନ୍ଦର ଏବଂ ସାମୁଦ୍ରିକ ସଂଗଠନ ଦ୍ୱାରା ପୂର୍ବରୁ ଘୋଷଣା କରାଯାଇଥିବା ସମନ୍ୱିତ ମାର୍ଗରେ, ହର୍ମୁଜ୍ ପ୍ରଣାଳୀ ଦେଇ ସମସ୍ତ ବାଣିଜ୍ୟିକ ଜାହାଜ ପାଇଁ ରାସ୍ତା ଯୁଦ୍ଧବିରତିର ଅବଶିଷ୍ଟ ସମୟ ପାଇଁ ସମ୍ପୂର୍ଣ୍ଣ ଖୋଲା ଘୋଷଣା କରାଯାଇଛି।ସୂଚନା ଥାଉକି, ଫେବୃଆରୀ ୨୮ରୁ ହର୍ମୁଜ ଅବରୋଧ ଥିଲା। ଏହି ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ସାମାଜିକ ଗଣମାଧ୍ୟମରେ ନିଶ୍ଚିତ କରି ଲେଖିଛନ୍ତି ଯେ, ହରମୁଜ୍ ପ୍ରଣାଳୀ ଏବେ ସମ୍ପୂର୍ଣ୍ଣ ଖୋଲା । ଇରାନ ଘୋଷଣା କରିଛି ଯେ ଇରାନର ପ୍ରଣାଳୀ ସମ୍ପୂର୍ଣ୍ଣ ଖୋଲା ଏବଂ ସମ୍ପୂର୍ଣ୍ଣ ପଥ ପାଇଁ ପ୍ରସ୍ତୁତ। ଧନ୍ୟବାଦ!", ଟ୍ରମ୍ପ, ବୋଲି ସେ ଲେଖିଛନ୍ତି। ଆଉଏକ ପୋଷ୍ଟରେ ସେ ସ୍ପଷ୍ଟ କରିଛନ୍ତି ଯେ ଇରାନ ସମ୍ପୂର୍ଣ୍ଣ ଖାଲି ନ କରିବା ପର୍ଯ୍ୟନ୍ତ ଆମେରିକା ନୌସେନାର ଅବରୋଧ ଜାରି ରହିବ। ଅନ୍ତର୍ଜାତୀୟ ଗଣମାଧ୍ୟମ ଅନୁଯାୟୀ ଏହା ଦ୍ୱାରା ପେଟ୍ରୋଲ ଦର ୧୦ପ୍ରତିଶତ କମିବାର ସମ୍ଭାବନା ଅଛି।

## 'ବିଜୁବାବୁଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବ ଆମ ସରକାର'

ଭୁବନେଶ୍ୱର୧୭।୪: ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ୨୯ ତମ ଶ୍ରାଦ୍ଧ ଦିବସ ଅବସରରେ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଜୁ ବାବୁ ଜଣେ ସ୍ୱାଧୀନତା ସଂଗ୍ରାମୀ,ଶିଳ୍ପପତି, ଓଡ଼ିଶାକୁ ଭଲ ପାଉଥିବା ରାଜନେତା । ଓଡ଼ିଶା ମାଟିର ଗୌରବ ଏବଂ ଦେଶର ସମ୍ମାନ ପାଇଁ ସିଏ ସର୍ବଦା ଲଢେଇ କରୁଥିଲେ । ଓଡ଼ିଶାର ସ୍ୱାଭିମାନ ଏବଂ ସମ୍ମାନ ପାଇଁ ସିଏ କେବେ ସାଲିସ କରିନଥିଲେ । ଓଡ଼ିଶାକୁ ସମୃଦ୍ଧ କରିବାକୁ ସ୍ୱପ୍ନ ଦେଖିଥିଲେ ବିଜୁ ପଟ୍ଟନାୟକ । ବିଜୁ ପଟ୍ଟନାୟକ ସଂକଳ୍ପ ଏବଂ ସ୍ୱପ୍ନକୁ ନେଇ ଆମ ସରକାର ମଧ୍ୟ ସମୃଦ୍ଧ ଓଡ଼ିଶା ଗଠନ କରିବାକୁ କାର୍ଯ୍ୟ କରୁଛି । ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ଓଡିଶାକୁ ସମୃଦ୍ଧ କରିବା ଏବଂ ଓଡ଼ିଶା ଅସ୍ମିତାକୁ ବିଶ୍ୱ ଦରବାରରେ ପରିଚିତ କରାଇବାରେ ବିଜୁବାବୁଙ୍କର ଯେଉଁ ସ୍ୱପ୍ନ ଅଧୁରା ରହିଯାଇଛି, ସେହି ସ୍ୱପ୍ନକୁ ପୂରା କରିବାକୁ ଆମ ସରକାର ସଂକଳ୍ପ ନେଇଛନ୍ତି । ଆଗାମୀ ଦିନରେ ଓଡ଼ିଆ ସ୍ୱାଭିମାନ ବିଶ୍ୱ ଦରବାରରେ ପହଞ୍ଚିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## 'ଓଡ଼ିଶା ନାଗରିକ ମଞ୍ଚ ଓଡ଼ିଶାବାସୀଙ୍କ ସ୍ୱର ହେବ'

ଭୁବନେଶ୍ୱର,୧୭।୪: ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ବିଜୁ ଲିଗାସି ପାଇଁ ଏକାଠି ହୋଇଥିଲେ ବିଜୁ ପ୍ରେମୀ । ଶୁକ୍ରବାର ଓୟୁଏଟି ଅଡ଼ିଟୋରିୟମରେ ଓଡ଼ିଶା ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ ହୋଇଥିଲା ସଭା। ଏହି ଅବସରରେ ବରିଷ୍ଠ ରାଜନେତା ସୌମ୍ୟରଞ୍ଜନ ପଟ୍ଟନାୟକ କହିଥିଲେ, ମୁଁ ବିଜୁ ବାବୁଙ୍କ ବିରୋଧରେ ଏକଦା ନିର୍ବାଚନ ଲଢ଼ିଥିଲି, ବିଜୁ ବାବୁଙ୍କୁ ଅନେକ ସମାଲୋଚନା କରିଛି। ନିର୍ବାଚନ ଲଢ଼ିବା ପରଠାରୁ ମୋ ସମ୍ପର୍କରେ ପରିବର୍ତ୍ତନ ଆସିଲା । ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ମୋତେ ରାତ୍ରୀ ଭୋଜନ ପାଇଁ ସେ ଡାକିଥିଲେ। ଓଡ଼ିଶାର ବିକାଶ ପାଇଁ ହାତ ମିଶାଇବା ପାଇଁ ମୋତେ କହିଥିଲେ । ସେହିଦିନଠାରୁ ମୁଁ ବିଜୁବାବୁଙ୍କ ନିକଟତର ହୋଇଗଲି। ଆମ କଥାରେ ଯଦି ବିଶ୍ୱାସ କରୁଛନ୍ତି ତେବେ ଆମ ସହିତ ଯୋଗ ଦିଅନ୍ତୁ । ଅପରପକ୍ଷେ ବରିଷ୍ଠ ରାଜନେତା ବିଜୟ ମହାପାତ୍ର କହିଛନ୍ତି ଯେ, ଓଡ଼ିଶା ନାଗରିକ ମଞ୍ଚ ଓଡ଼ିଶାବାସୀଙ୍କ ସ୍ୱର ହେବ। ଆଜିଠାରୁ ଏହାର ମୂଳଦୂଆ ପଡ଼ିଲା । ରାଜ୍ୟସଭା ସାଂସଦ ଦିଲୀପ ରାୟ, ଅରବିନ୍ଦ ମହାପାତ୍ର, ଅମର ଶତପଥୀ, ପ୍ରଭାତ ତ୍ରିପାଠୀ, ପ୍ରସନ୍ନ ପାଟ୍ଟଶାଣୀ, ପୂର୍ବତନ ପୋଲିସ୍ ଡିଜି ସଞ୍ଜୀବ ମାରିକ ପ୍ରମୁଖ ଏକ ମଞ୍ଚରେ ଏକତ୍ର ହୋଇଥିଲେ।

## ୪୩.୫ ଡିଗ୍ରୀରେ ସିଝିଲା ଟିଟିଲାଗଡ଼

### ବଲାଙ୍ଗିରରେ ୨୧ ପର୍ଯ୍ୟନ୍ତ ଅଙ୍ଗନବାଡ଼ି, ସ୍କୁଲ ଓ କଲେଜ ଛୁଟି

ଭୁବନେଶ୍ୱର,୧୭।୪: ଭୁବନେଶ୍ୱରସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର ଦ୍ୱାରା ଜାରି ବୁଲେଟିନ୍ ଅନୁଯାୟୀ, ଶୁକ୍ରବାର ଟିଟିଲାଗଡ଼ରେ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୩.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି।ସେହିପରି ଝାରସୁଗୁଡ଼ା (୪୧.୨ ଡିଗ୍ରୀ ସେଲସିୟସ୍), ସମ୍ବଲପୁର (୪୧.୨ ଡିଗ୍ରୀ ସେଲସିୟସ୍), ବଲାଙ୍ଗୀର (୪୨.୩ ଡିଗ୍ରୀ ସେଲସିୟସ୍), ଭବାନୀପାଟଣା (୪୧.୫ ଡିଗ୍ରୀ ସେଲସିୟସ୍), ବୌଦ୍ଧ (୪୦.୫ ଡିଗ୍ରୀ ସେଲସିୟସ୍) ଏବଂ ସୋନପୁର (୪୦.୪ ଡିଗ୍ରୀ ସେଲସିୟସ୍) ଭୁବନେଶ୍ୱରରେ (୩୫.୭ ଡିଗ୍ରୀ ସେଲସିୟସ୍) ଓ କଟକରେ ୩୫.୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଶୁକ୍ରବାର ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି । ପଶ୍ଚିମ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଏଣୁ ବଲାଙ୍ଗିର ଜିଲ୍ଲାରେ ଆସନ୍ତା ୧୮ ରୁ ୨୧ ତାରିଖ ପର୍ଯ୍ୟନ୍ତ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ସ୍କୁଲ ଓ କଲେଜକୁ ଛୁଟି ଘୋଷଣା କରାଯାଇଛି । ଖରା ଓ ଅସହ୍ୟ ଗରମକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଏହି ନିଷ୍ପତ୍ତି ନେଇଛନ୍ତି ।

## ହରିବଂଶ ପୁଣି ରାଜ୍ୟସଭା ଉପାଧ୍ୟକ୍ଷ

ନୂଆଦିଲ୍ଲୀ, ୧୭।୪: ରାଜ୍ୟସଭାରେ ଶୁକ୍ରବାର ହରିବଂଶ ଲଗାତାର ତୃତୀୟ ଥର ପାଇଁ ରାଜ୍ୟସଭାର ଉପସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି।ବିରୋଧୀ ଦଳ ପକ୍ଷରୁ କୌଣସି ପ୍ରାର୍ଥୀ ନ ଥିଲେ, ତେଣୁ ତାଙ୍କର ନିର୍ବାଚନ ନିର୍ଦ୍ୱନ୍ଦ୍ୱରେ ହୋଇଥିଲା। ଏହା ସହିତ, ସେ ଏହି ପଦବୀରେ ଲଗାତାର ତୃତୀୟ ଥର ପାଇଁ ନିର୍ବାଚିତ ହୋଇଛନ୍ତି । ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ,ନେତା



ଜଗତ ପ୍ରକାଶ ନଡ୍ଡା ଏବଂ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ତାଙ୍କୁ ମଞ୍ଚ ନିକଟକୁ ନେଇ ଉପସଭାପତିଙ୍କ ଚୌକିରେ ବସାଇଥିଲେ ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହରିବଂଶଙ୍କ ପୁନଃ ନିର୍ବାଚିତ ହେବା ନେଇ ଅଭିନନ୍ଦନ ଜଣାଇ ଉଚ୍ଚ ସଦନ ପରିଚାଳନାରେ ତାଙ୍କ ଅଭିଜ୍ଞତା ଏବଂ ଅବଦାନକୁ ପ୍ରଶଂସା କରିଥିଲେ। ଏହି ସମୟରେ, ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ ଏବଂ ଆଶା ପ୍ରକାଶ କରିଥିଲେ ଯେ ସେ ଗୃହ ମଧ୍ୟରେ ସମସ୍ତ ପକ୍ଷକୁ ସମାନ ସୁଯୋଗ ପ୍ରଦାନ କରିବେ।ଖାର୍ଗେ ଏହି ଅବସରରେ ଲୋକସଭାରେ ଉପାଧ୍ୟକ୍ଷ ପଦ ଦୀର୍ଘ ସମୟ ଧରି ଖାଲି ରହିବା ପ୍ରସଙ୍ଗ ମଧ୍ୟ ଉଠାଇଥିଲେ।

## ସାର କଳାବଜାର କରୁଥିଲେ ଏତଲା ଦିଅ: ମୁଖ୍ୟମନ୍ତ୍ରୀ

- ■ ୬ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଲେ
- ■ ଚାଷୀ ସନ୍ତୁଳିତ ସାର ପ୍ରୟୋଗ କରନ୍ତୁ

ଭୁବନେଶ୍ୱର,୧୭।୪(ନିପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ଖରିଫ ଋତୁ ପାଇଁ ସାର ଉପଲବ୍ଧତା ଓ ସୁଷମ ବଣ୍ଟନ ଉପରେ ସମୀକ୍ଷା କରି ସାରର ଲାଷ୍ଟ ମାଇଲ ଡେଲିଭରୀ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶୁକ୍ରବାର ଜିଲ୍ଲାପାଳମାନଙ୍କ ସହିତ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ଆଲୋଚନା କରି ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ କୃଷି ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାରର ଉପଲବ୍ଧତା ସମ୍ପର୍କରେ ଉପସ୍ଥାପନା ରଖି କହିଥିଲେ ଚଳିତ ବର୍ଷ କେନ୍ଦ୍ର ସରକାର ବିଭିନ୍ନ ସାର ପାଇଁ ୧୧,୪୨,୯୫୦ ମେଟ୍ରିକ ଟନର ସାର ଯୋଗାଇଦେବେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ୬ଟି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ବେନିୟମ ସାର ମହଜୁଦକାରୀଙ୍କ ବିରୋଧରେ ଏତଲା କରି ସେମାନଙ୍କ ଲାଇସେନ୍ସ ବାତିଲ କରାଯାଉ ।ପଡୋଶୀ ରାଜ୍ୟକୁ ସାର ଚୋରାଚାଲଣ ନହୁଏ ସେଥିପାଇଁ ପୋଲିସ ଓ କୃଷି ବିଭାଗ ମିଳିତ ଭାବେ ସୀମାନ୍ତ ଅଞ୍ଚଳର ଚେକପୋଷ୍ଟ ଗୁଡିକପ୍ରତ୍ୟେକ ସନ୍ଦେହ ଜନକ ଗାଡିର ଯାଞ୍ଚ ହେବା ଜରୁରୀ।ବେଳେବେଳେ ଶିଳ୍ପ କ୍ଷେତ୍ରରେ ରେଜିନ୍, ପ୍ଲାଇଉଡ କିମ୍ବା ପଶୁଖାଦ୍ୟ ଶିଳ୍ପକୁ ଚାଷପାଇଁ ଉଦ୍ଦିଷ୍ଟ ସବସିଡ୍‌ଯୁକ୍ତ ୟୁରିଆ ଚୋରାଚାଲାଣ ହେବାର ଆଶଙ୍କା ଥାଏ। ତେଣୁ, ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ଗୁଡିକ ଏହାର ଯାଞ୍ଚ କରାଯାଉ।ପଞ୍ଚାୟତ ସ୍ତରରେ ସାରର ଉପଲବ୍ଧତା ଏବଂ ଯୋଗାଣ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ନିରୀକ୍ଷଣ ସମିତି ଗଠନ କରାଯାଉଛି। ସମିତି ଗଠନ ୫୬୫ଟି ପଞ୍ଚାୟତରେ ବାକି ଅଛି। ଏହାକୁ ଦୁଇ-ତିନ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଚାଷୀମାନେ ଯେପରି ସରକାରଙ୍କ ସମସ୍ତ ଯୋଜନାର ସୁଫଳ ଠିକ୍ ଭାବେ ପାଇପାରିବେ ସେଥିପାଇଁ ଚାଷୀମାନଙ୍କର ଡିଜିଟାଲ ପଞ୍ଜୀକରଣ କରାଯାଉଛି। ଏହାକୁ ମିଶନ ମୋଡରେ କାର୍ଯ୍ୟକାରୀ କରି ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ୟୁରିଆ ପରି ଅଧିକ କେମିକାଲ ସାର ବ୍ୟବହାର ନକରି ସନ୍ତୁଳିତ ସାର ପ୍ରୟୋଗ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହ ବିଭିନ୍ନ ସାର ବିକ୍ରୟ କେନ୍ଦ୍ର ମାନଙ୍କରେ ସାରର ଷ୍ଟକ୍ ପରିମାଣ ଓ ଏହାର ଦାମ୍ ସଂପର୍କରେ ତଥ୍ୟ ପ୍ରଦର୍ଶନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚାଷୀ ଯେପରି ବୁଝି ପାରିବେ, ତାକୁ ଧ୍ୟାନରେ ଓଡ଼ିଆ ଭାଷାରେ ବଡ ବଡ ଅକ୍ଷରରେ ଏହି ତଥ୍ୟ ପ୍ରଦର୍ଶନ କରିବା ଅତ୍ୟନ୍ତ ଜରୁରୀ।



॥ ନ୍ୟାୟ ସଂହିତାରେ ତ୍ୱରିତ୍ ନ୍ୟାୟ ॥

# ମାଓମୁକ୍ତ ହେଲା ଓଡ଼ିଶା: ଡିଜିପି

କଟକ,୧୭।୪(ନିପ୍ର): ଓଡ଼ିଶା ଏବେ ସଂପୂର୍ଣ୍ଣ ମାଓମୁକ୍ତ ରାଜ୍ୟରେ ପରିଣତ ହୋଇଛି । ଏଥିପାଇଁ ଓଡ଼ିଶା ପୋଲିସକୁ ବଡ଼ ଧରଣର ସଫଳତା ମିଳିଛି । ପୋଲିସ ଡିଜି ୱାଇବି ଖୁରାନିଆ ଆଜି କଟକ ପୋଲିସ ମୁଖ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ସୀମାବର୍ତ୍ତୀ ରାଜ୍ୟଗୁଡ଼ିକର କାର୍ଯ୍ୟକଳାପ ଉପରେ ଓଡ଼ିଶା ପୋଲିସ ନଜର ରଖିଛି। ପଡୋଶୀ ରାଜ୍ୟରେ ମାଓ କାର୍ଯ୍ୟକଳାପ ଥିବାରୁ ଓଡ଼ିଶା ପୋଲିସ ଆଲର୍ଟରେ ରହିଛି ବୋଲି ଡିଜପି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି। ୦୧.୦୭.୨୦୨୪ ରୁ ନୂତନ ଆଇନ ଲାଗୁ ହେବା ପରେ ଡିଜିପି ଅପରାଧ ଅନୁସନ୍ଧାନର ସଫଳତା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ତଦନୁଯାୟୀ ଏକାଧିକ ମାମଲାର ତ୍ୱରିତ ବିଚାର କରାଯାଇ ପୀଡ଼ିତ/ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରାଯାଇଛି। ଭୁବନେଶ୍ୱର ସହରାଞ୍ଚଳ ଅନ୍ତର୍ଗତ ଚନ୍ଦକା ଥାନାରେ ପୋସ୍କୋ ଆଇନ ଅନୁଯାୟୀ ପଞ୍ଜୀକୃତ ମାମଲାର ୩୭ ଦିନରେ ତ୍ୱରିତ ବିଚାର କରାଯାଇ ଦୋଷୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରି ପୀଡ଼ିତାକୁ ନ୍ୟାୟ ପ୍ରଦାନ କରାଯାଇଛି । ସେହିପରି କଟକ ସହରାଞ୍ଚଳ ଅନ୍ତର୍ଗତ ବାରଙ୍ଗ ଥାନାରେ ପୋସ୍କୋ ଆଇନ ଅନୁଯାୟୀ ପଞ୍ଜୀକୃତ ମାମଲା, ଭୁବନେଶ୍ୱର ସହରାଞ୍ଚଳ ଅନ୍ତର୍ଗତ ଲିଙ୍ଗରାଜ ଥାନାରେ ପୋସ୍କୋ ଆଇନ ଅନୁଯାୟୀ ପଞ୍ଜୀକୃତ ମାମଲା, ମୟୂରଭଞ୍ଜ ଉଦଳା ଥାନାରେ ଗଣଦୁର୍ଷ୍କର୍ମ ଅଭିଯୋଗରେ ପଞ୍ଜୀକୃତ ମାମଲା, ମୟୂରଭଞ୍ଜ ଶରତ ଥାନା ପୋସ୍କୋ ଆଇନ ଅନୁଯାୟୀ ପଞ୍ଜୀକୃତ ମାମଲାର ତ୍ୱରିତ ବିଚାର କରାଯାଇ ପୀଡ଼ିତ/ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରାଯାଇଛି। ନୂତନ ଆଇନର ସଫଳ ରୂପାୟନ ଓ ପ୍ରୟୋଗ ଆଧାରରେ ଓଡ଼ିଶା ପୋଲିସ ରାଜ୍ୟରେ ଦଣ୍ଡ ବିଧାନ ହାରରେ ଅଭୁତପୂର୍ବ ସଫଳତା ଆଣିପାରିଛି। ଏହି ସଫଳତାକୁ ସମ୍ମାନ ଜଣାଇ ଶୁକ୍ରବାର କଟକ ପୋଲିସ ମୁଖ୍ୟାଳୟ ସ୍ଥିତ ଆରକେ ପାଢ଼ି ମେମୋରିଆଲ ହଲଠାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି । ଏଥିରେ ଡିଜିପି ଶ୍ରୀ ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୋଟ ୬୮ଜଣ ପୋଲିସ ଅଧିକାରୀ ଓ ସରକାରୀ ଓକିଲଙ୍କୁ ସମ୍ମାନିତ କରିଛନ୍ତି। ଏଥି ମଧ୍ୟରେ ୧୦ ଜଣ ଏସପି, ୧୫ଜଣ ତଦାରଖ ଅଧିକାରୀ, ୧୭ ଜଣ ସରକାରୀ ଓକିଲ ଓ ୨୬ ଜଣ ତଦନ୍ତକାରୀ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ । ଉଲ୍ଲେଖଯୋଗ୍ୟ, ୦୧.୦୭.୨୦୨୪ରୁ ୩୧.୧୨. ୨୦୨୫ ମଧ୍ୟରେ ନୂତନ ଆଇନ ବଳରେ ଯେଉଁଥିରେ ଅଭିଯୁକ୍ତଙ୍କୁ ୭ ବର୍ଷରୁ ଅଧିକ କାରାଦଣ୍ଡ ମିଳିଛି, ସେଥିମଧ୍ୟରୁ ୨୭ଟି ସମ୍ବେଦନଶୀଳ ମାମଲାରେ ତଦନ୍ତକାରୀ ଦଳକୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଛି। ଏଥିମଧ୍ୟରେ ୨୧ଟି ପୋସ୍କୋ ଆକ୍ଟ, ୩ ଟି ହତ୍ୟା ଉଦ୍ୟମ, ଗୋଟିଏ ଦୁର୍ଷ୍କର୍ମ ଓ ଦୁଇଟି ଗଣଦୁଷ୍କର୍ମ ମାମଲା ରହିଛି । ଏହି କେସଗୁଡ଼ିକର ତଦନ୍ତ ସମୟରେ ବୈଜ୍ଞାନିକ ପଦ୍ଧତି, ଡିଏନଏ ତଥ୍ୟ ସଂଗ୍ରହ ପ୍ରକ୍ରିୟା, ଇ-ସାକ୍ଷ୍ୟ ପଦ୍ଧତି ଆଦି ବ୍ୟବହାର କରାଯାଇଛି। ତଦନ୍ତ ଶେଷରେ ବିଚାର ପ୍ରକ୍ରିୟାକୁ ଅତି କୁଶଳତାର ସହିତ ତଦାରଖ କରାଯାଇଛି । ନୂତନ ଆଇନ ପୋଲିସର ବୃତିଗତ ଦକ୍ଷତା, ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଓ ସାକ୍ଷ୍ୟ ପ୍ରମାଣ ଶୈଳୀରେ ବ୍ୟାପକ ସୁଧାର ଆଣିଚି । ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ଉତ୍ତମ ତଦନ୍ତ ପାଇଁ ତଦନ୍ତକାରୀ ଅଧିକାରୀଙ୍କୁ ନଗଦ ୫ହଜାର ଅର୍ଥରାଶି ସହିତ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ । ଏହାଛଡ଼ା ଏପସି, ତଦାରଖକାରୀ ଅଧିକାରୀ ଓ ସରକାରୀ ଓକିଲଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଆରକ୍ଷୀ ନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଆରକ୍ଷୀ ମହାନିରୀକ୍ଷକ ଡ ସାର୍ଥକ ଷଡଙ୍ଗୀଙ୍କ ସମେତ ପୋଲିସ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଋଷି ବିଶ୍ୱାମିତ୍ର

ଗାଦି ନାମରେ ଯିଏ ଅତ୍ୟନ୍ତ ପ୍ରସିଦ୍ଧ ଥିଲେ ସେ କୁଶଣଭଙ୍କ ପୁତ୍ର ଥିଲେ ଏବଂ ଗାଦିଙ୍କ ପୁତ୍ର ହେଉଛନ୍ତି ମହାନ ତେଜସ୍ୱୀ ମହାସନ୍ତ, ବିଶ୍ୱାମିତ୍ର

ପ୍ରାଚୀନ ଭାରତର ସବୁଠାରୁ ପୂଜ୍ୟ ଋଷି କିମ୍ବା ଋଷିମାନଙ୍କ ମଧ୍ୟରୁ ଜଣେ। ବିଶ୍ୱାମିତ୍ର ସାତ ଜଣ ବ୍ରହ୍ମର୍ଷିଙ୍କ ମଧ୍ୟରୁ ଜଣେ। ହିନ୍ଦୁ ପରମ୍ପରା ଅନୁସାରେ, ସେ ଗାୟତ୍ରୀ ମନ୍ତ୍ର ସମେତ ଋଗବେଦର ଅଧିକାଂଶ ମଣ୍ଡଳ ୩ ଲେଖିଥିବା କୁହାଯାଏ। ପୁରାଣରେ ଉଲ୍ଲେଖ ଅଛି ଯେ ପ୍ରାଚୀନ କାଳରୁ କେବଳ ୨୪ ଜଣ ଋଷି ଗାୟତ୍ରୀ ମନ୍ତ୍ରର ସମ୍ପୂର୍ଣ୍ଣ ଅର୍ଥ ବୁଝିପାରିଛନ୍ତି - ଏବଂ ଏହିପରି ଏହାର ସମ୍ପୂର୍ଣ୍ଣ ଶକ୍ତି ବ୍ୟବହାର କରିଥିଲେ। ବିଶ୍ୱାମିତ୍ର ପ୍ରଥମ ଏବଂ ଯାଜ୍ଞବଳ୍କ୍ୟ ଶେଷ ବୋଲି ଅନୁମାନ କରାଯାଏ। ତାଙ୍କ ରାଜ୍ୟ ଏବଂ ରାଜକୀୟ ପଦବୀ ତ୍ୟାଗ କରିବା ପୂର୍ବରୁ, ବ୍ରହ୍ମର୍ଷି ବିଶ୍ୱାମିତ୍ର ଜଣେ ରାଜା ଥିଲେ, ଏବଂ ଏହିପରି ସେ ରାଜର୍ଷି କିମ୍ବା 'ରାଜକୀୟ ଋଷି' ଉପାଧି ବଜାୟ ରଖିଥିଲେ।



ଐତିହାସିକ ଭାବରେ, ବିଶ୍ୱାମିତ୍ର ଜଣେ ଋଗବେଦିକ ଋଷି ଥିଲେ ଯିଏ ଋଗବେଦର ମଣ୍ଡଳ ୩ ର ମୁଖ୍ୟ ଲେଖକ ଥିଲେ। ବିଶ୍ୱାମିତ୍ରଙ୍କୁ ଜମଦଗ୍ନି ଭାର୍ଗବ ଶିକ୍ଷା ଦେଇଥିଲେ। ସେ ଭାରତ ଆଦିବାସୀ ରାଜା ସୁଦାସଙ୍କ ପୁରୋହିତ ଥିଲେ। ସେ ବିପାଶା ଏବଂ ଶତଦ୍ରୁ ନଦୀ (ଆଧୁନିକ ବ୍ୟାସ ଏବଂ ସତଲେଜ) ପାର କରିବାରେ ଭାରତୀୟଙ୍କୁ ସାହାଯ୍ୟ କରିଥିଲେ। ପରବର୍ତ୍ତୀ ହିନ୍ଦୁ ଗ୍ରନ୍ଥଗୁଡ଼ିକରେ, ବିଶ୍ୱାମିତ୍ର ଏବଂ ବଶିଷ୍ଠଙ୍କ ମଧ୍ୟରେ ଏକ ଦୀର୍ଘକାଳୀନ ବିବାଦ ରହିଛି, ଏବଂ ବିଦ୍ୱାନମାନେ କହିଛନ୍ତି ଯେ ସେମାନଙ୍କର ଐତିହାସିକ ଭାବରେ ଭାରତ ପୁରୋହିତଙ୍କ ସ୍ଥିତି ସମ୍ପର୍କରେ ଏକ ବିବାଦ ଥିଲା। ତଥାପି, ଆଭ୍ୟନ୍ତରୀଣ ପ୍ରମାଣର ଅଭାବ ଏବଂ ଋଗବେଦ ଉପରେ ପରବର୍ତ୍ତୀ ମତର ପ୍ରକ୍ଷେପଣ ଯୋଗୁଁ ଏହି ମତକୁ ସମାଲୋଚନା କରାଯାଇଛି। ପରବର୍ତ୍ତୀ ଋଗବେଦୀୟ ସାହିତ୍ୟରେ ବିଶ୍ୱାମିତ୍ର ଜଣେ ପୌରାଣିକ ଋଷି ହୋଇଯାଆନ୍ତି। ବିଶ୍ୱାମିତ୍ରଙ୍କ ଜୀବନ ସହିତ ଜଡିତ କାହାଣୀ ବାଲ୍ମୀକି ରାମାୟଣରେ ବର୍ଣ୍ଣିତ। ବିଶ୍ୱାମିତ୍ର ପ୍ରାଚୀନ ଭାରତର ଜଣେ ରାଜା ଥିଲେ, ଯାହାଙ୍କୁ କୌଶିକ (କୁଶଙ୍କ ବଂଶଧର) ମଧ୍ୟ କୁହାଯାଏ ଏବଂ ସେ ଅମାବାସୁ ରାଜବଂଶର ଥିଲେ। ବିଶ୍ୱାମିତ୍ର ମୂଳତଃ କାନ୍ୟକୁବ୍ଜ (ଆଧୁନିକ ଦିନର କନୌଜ)ର ରାଜା ଥିଲେ। ସେ ଜଣେ ବୀର ଯୋଦ୍ଧା ଏବଂ କୁଶିକ ନାମକ ଜଣେ ମହାନ ରାଜାଙ୍କ ପ୍ରପୌତ୍ର ଥିଲେ । ବାଲକାଣ୍ଡର ଗଦ୍ୟ ୫୧ ବାଲ୍ମୀକି ରାମାୟଣ, ବିଶ୍ୱାମିତ୍ରଙ୍କ କାହାଣୀ ସହିତ ଆରମ୍ଭ ହୁଏ: କୁଶ ନାମକ ଜଣେ ରାଜା ଥିଲେ (ରାମଙ୍କ ପୁତ୍ର କୁଶ ସହିତ ବିଶୃଙ୍ଖଳିତ ହେବା ଉଚିତ୍ ନୁହେଁ), ବ୍ରହ୍ମାଙ୍କ ମନସ୍ପୁତ୍ର (ମାନସପୁତ୍ର) ଏବଂ କୁଶଙ୍କ ପୁତ୍ର ଥିଲେ ଶକ୍ତିଶାଳୀ ଏବଂ ସତ୍ୟବାଦୀ କୁଶଣଭ। ଗାଦି ନାମରେ ଯିଏ ଅତ୍ୟନ୍ତ ପ୍ରସିଦ୍ଧ ଥିଲେ ସେ କୁଶଣଭଙ୍କ ପୁତ୍ର ଥିଲେ ଏବଂ ଗାଦିଙ୍କ ପୁତ୍ର ହେଉଛନ୍ତି ମହାନ ତେଜସ୍ୱୀ ମହାସନ୍ତ, ବିଶ୍ୱାମିତ୍ର। ବିଶ୍ୱାମିତ୍ର ପୃଥିବୀ ଉପରେ ରାଜତ୍ୱ କରିଥିଲେ ଏବଂ ଏହି ମହାନ ତେଜସ୍ୱୀ ରାଜା ହଜାର ହଜାର ବର୍ଷ ଧରି ରାଜ୍ୟ ଶାସନ କରିଥିଲେ। ତାଙ୍କର କାହାଣୀ ବିଭିନ୍ନ ପୁରାଣରେ ମଧ୍ୟ ଦେଖାଯାଏ; ତଥାପି, ରାମାୟଣରୁ ଭିନ୍ନତା ସହିତ। ମହାଭାରତର ବିଷ୍ଣୁ ପୁରାଣ ଏବଂ ହରିବଂଶ ଅଧ୍ୟାୟ ୨୭ (ଅମାବାସୁର ରାଜବଂଶ) ବିଶ୍ୱାମିତ୍ରଙ୍କ ଜନ୍ମ ବର୍ଣ୍ଣନା କରେ। ବିଷ୍ଣୁ ପୁରାଣ ଅନୁସାରେ, କୁଷାଣଭ ପୁରୁକୁତ୍ସ ରାଜବଂଶର ଜଣେ କନ୍ୟାଙ୍କୁ ବିବାହ କରିଥିଲେ (ପରେ ଶତମର୍ଷଣ ବଂଶ ଭାବରେ ପରିଚିତ - ଇକ୍ଷ୍ୱାକୁ ରାଜା ତ୍ରସଦସ୍ୟୁଙ୍କ ବଂଶଧର) ଏବଂ ତାଙ୍କର ଗାଧି ନାମରେ ଏକ ପୁତ୍ର ଥିଲା, ଯାହାଙ୍କର ସତ୍ୟବତୀ ନାମକ ଏକ କନ୍ୟା ଥିଲା (ମହାଭାରତର ସତ୍ୟବତୀ ସହିତ ଦ୍ୱନ୍ଦ୍ୱରେ ପଡ଼ିବା ଉଚିତ୍ ନୁହେଁ)।

ବିଶ୍ୱାମିତ୍ର ପୃଥିବୀ ଉପରେ ରାଜତ୍ୱ କରିଥିଲେ ଏବଂ ଏହି ମହାନ ତେଜସ୍ୱୀ ରାଜା ହଜାର ହଜାର ବର୍ଷ ଧରି ରାଜ୍ୟ ଶାସନ କରିଥିଲେ।



# ବିଦେହର ରାଜକୁମାରୀ

## ଉର୍ମିଳା

ହିନ୍ଦୁ ଧର୍ମରେ ଉର୍ମିଳାଙ୍କୁ ତାଙ୍କ ସ୍ୱାମୀଙ୍କ ସହିତ ଭାରତର ବିଭିନ୍ନ ସ୍ଥାନରେ ପୂଜା କରାଯାଏ। ଉର୍ମିଳା ନାମଟି ସଂସ୍କୃତରୁ ଆସିଛି, ଏବଂ ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ଯାହାର ଅର୍ଥ ତରଙ୍ଗ ଏବଂ ମିଳା, ଯାହାର ଅର୍ଥ ଯୋଡ଼ିବା। ତେଣୁ, ତାଙ୍କ ନାମର ଅର୍ଥ 'ଆଗ୍ରହର ତରଙ୍ଗ ଯାହା ଏକ ଦମ୍ପତିଙ୍କୁ ଏକତ୍ର କରେ'। ତାଙ୍କ ନାମର ଅର୍ଥ 'ନମ୍ର' କିମ୍ବା 'ମନ୍ତ୍ରମୁଗ୍ଧ' ମଧ୍ୟ।



ଉର୍ମିଳା ହେଉଛନ୍ତି ଜଣେ ହିନ୍ଦୁ ଦେବୀ ଏବଂ ହିନ୍ଦୁ ମହାକାବ୍ୟ ରାମାୟଣରେ ବିଦେହର ରାଜକୁମାରୀ। ତାଙ୍କୁ ସର୍ପଦେବୀ ନାଗଲକ୍ଷ୍ମୀଙ୍କ ଅବତାର ଭାବରେ ବିବେଚନା କରାଯାଏ। ଉର୍ମିଳା ଲକ୍ଷ୍ମଣଙ୍କ ସହିତ ବିବାହ କରିଥିଲେ ଏବଂ ତାଙ୍କ ସ୍ୱାମୀଙ୍କ ପ୍ରତି ତାଙ୍କର ସମର୍ପଣ, ତାଙ୍କ ତ୍ୟାଗ ପାଇଁ ଜଣାଶୁଣା। ଉର୍ମିଳା ମିଥିଳାର ରାଜା ଜନକ ଏବଂ ମହାକାବ୍ୟର ନାୟିକା ସୀତା ତାଙ୍କ ବଡ଼ ଭଉଣୀ। ତାଙ୍କ ଭଉଣୀର ସ୍ୱୟମ୍ବର ପରେ ସେ ଲକ୍ଷ୍ମଣଙ୍କ ସହିତ ବିବାହ କରିଥିଲେ। ଏକ କିମ୍ବଦନ୍ତୀ ଅନୁସାରେ, ଉର୍ମିଳା ଚଉଦ ବର୍ଷ ପର୍ଯ୍ୟନ୍ତ ନିରନ୍ତର ଶୋଇଥିଲେ, ଯାହା ଦ୍ୱାରା ତାଙ୍କ ସ୍ୱାମୀ ବନବାସ ସମୟରେ ରାମ ଏବଂ ସୀତାଙ୍କୁ ରକ୍ଷା କରିପାରିବେ। ସେ ଏହି ଅଦ୍ଭୁତ ବଳିଦାନ ପାଇଁ ପ୍ରସିଦ୍ଧ, ଯାହାକୁ ଉର୍ମିଳା ନିଦ୍ରା କୁହାଯାଏ। ହିନ୍ଦୁ ଧର୍ମରେ ଉର୍ମିଳାଙ୍କୁ ତାଙ୍କ ସ୍ୱାମୀଙ୍କ ସହିତ ଭାରତର ବିଭିନ୍ନ ସ୍ଥାନରେ ପୂଜା କରାଯାଏ। ଉର୍ମିଳା ନାମଟି ସଂସ୍କୃତରୁ ଆସିଛି, ଏବଂ ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ଯାହାର ଅର୍ଥ ତରଙ୍ଗ ଏବଂ ମିଳା, ଯାହାର ଅର୍ଥ ଯୋଡ଼ିବା।

### ଜନ୍ମ ଏବଂ ବାଲ୍ୟ ଜୀବନ:

ଉର୍ମିଳା ମିଥିଳାର ରାଜା ଜନକ ଏବଂ ରାଣୀ ସୁନୟନାଙ୍କ କନ୍ୟା ଭାବରେ ଜନ୍ମଗ୍ରହଣ କରିଥିଲେ। ଉର୍ମିଳାଙ୍କୁ ଶେଷଙ୍କ ପତ୍ନୀ ନାଗଲକ୍ଷ୍ମୀଙ୍କ ଅବତାର ଭାବରେ ବିବେଚନା କରାଯାଏ। ଗର୍ଗ ସଂହିତାରେ, ନାଗଲକ୍ଷ୍ମୀଙ୍କୁ କ୍ଷୀର ସାଗର ନାମକ ଦିବ୍ୟ ସମୁଦ୍ରର ସ୍ୱରୂପ ଭାବରେ ବିବେଚନା କରାଯାଏ ଏବଂ ତାଙ୍କୁ କ୍ଷୀରା କୁହାଯାଏ। ଉର୍ମିଳାଙ୍କ ଜନ୍ମ ଜୟା ଏକାଦଶୀରେ ହୋଇଥିଲା, ତାଙ୍କ ବଡ଼ ଭଉଣୀ ସୀତାଙ୍କୁ ତାଙ୍କ ପିତାମାତାଙ୍କ ଦ୍ୱାରା ପାଳିତ କରାଯାଇଥିଲା। ମାଣ୍ଡବୀ ଏବଂ ଶ୍ରୁତକୀର୍ତ୍ତି ତାଙ୍କର ସମ୍ପର୍କୀୟ ଭାଇ, ଯେଉଁମାନେ ତାଙ୍କ ପିତାଙ୍କ ସାନ ଭାଇ କୁଶଧ୍ୱଜ ଏବଂ ତାଙ୍କ ପତ୍ନୀ ଚନ୍ଦ୍ରଭାଗାଙ୍କ ଔରସରୁ ଜନ୍ମଗ୍ରହଣ କରିଥିଲେ। କିମ୍ବଦନ୍ତୀ ଅନୁସାରେ, ସେ ଜଣେ ବିଦ୍ୱାନ ଏବଂ ଜଣେ କଳାକାର ଥିଲେ।

### ଲକ୍ଷ୍ମଣଙ୍କ ସହ ବିବାହ:

ରାମ ସୀତାଙ୍କ ସ୍ୱୟମ୍ବର ଜିତିବା ପରେ, ସେମାନଙ୍କର ବିବାହ ସ୍ଥିର ହୋଇଥିଲା। ରାଜା ଦଶରଥ ତାଙ୍କ ପୁଅର ବିବାହ ପାଇଁ ମିଥିଳାରେ ପହଞ୍ଚିଲେ ଏବଂ ଦେଖିଲେ ଯେ ଲକ୍ଷ୍ମଣଙ୍କର ଉର୍ମିଳା ପ୍ରତି ଭାବନା ଅଛି, କିନ୍ତୁ ପରମ୍ପରା ଅନୁଯାୟୀ, ଭରତ ଏବଂ ମାଣ୍ଡବୀ ପ୍ରଥମେ ବିବାହ କରିବାକୁ ଥିଲେ। ତା'ପରେ ରାଜା ଦଶରଥ ଭରତଙ୍କୁ ମାଣ୍ଡବୀ ଏବଂ ଶତ୍ରୁଘ୍ନଙ୍କୁ ଶ୍ରୁତକୀର୍ତ୍ତିଙ୍କ ସହିତ ବିବାହ କରିବାକୁ ବ୍ୟବସ୍ଥା କଲେ, ଯାହା ଫଳରେ ଲକ୍ଷ୍ମଣଙ୍କୁ ଉର୍ମିଳାଙ୍କ ସହିତ ବିବାହ କରିବାକୁ ଅନୁମତି ମିଳିଲା। ଶେଷରେ, ଚାରି ଭଉଣୀ ଚାରି ଭାଇଙ୍କୁ ବିବାହ କରିଥିଲେ, ଯାହା ଦୁଇ ରାଜ୍ୟ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିଥିଲା।

# ବଡ଼ ଧର୍ମ



ବାରାଣସୀର ଗଙ୍ଗା ନଦୀ କୂଳରେ ଜଣେ ଗୁରୁଜୀ ରହୁଥିଲେ। ତାଙ୍କର ଅନେକ ଶିଷ୍ୟ ଥିଲେ। ଶିକ୍ଷା ଶେଷ ହେବା ପରେ ଗୁରୁଦେବ କିଛି ଶିଷ୍ୟଙ୍କୁ ଆଶୀର୍ବାଦ ଦେଇ ବିଦାୟ କରିବାକୁ ବାହାରିଲେ । ସକାଳୁ ଗଙ୍ଗା ସ୍ନାନ କରିବା ପରେ ଗୁରୁଦେବ ଏବଂ ତାଙ୍କର ଶିଷ୍ୟମାନେ ପୂଜା କରିବାକୁ ବସିଗଲେ । ସମସ୍ତେ ଧ୍ୟାନ କରୁଥିବା ସମୟରେ ଜଣେ ଶିଶୁର ସ୍ୱର ଶୁଭିଲା। ସେ ସାହାଯ୍ୟ ପାଇଁ ଡାକୁଥିଲା। ଏହି ସମୟରେ ଜଣେ ଶିଷ୍ୟ ନିଜ ଜୀବନକୁ ବାଜି ଲଗାଇ ନଦୀ ଗର୍ଭକୁ ଡେଇଁ ପଡ଼ିଲା। ସେ କୌଣସି ପ୍ରକାରେ ଉକ୍ତ ଶିଶୁକୁ ବଞ୍ଚାଇ ନଦୀ କୂଳକୁ ନେଇ ଆସିଲା । ସେପର୍ଯ୍ୟନ୍ତ ସବୁ ଶିଷ୍ୟ ଧ୍ୟାନ ମଗ୍ନ ଥାଆନ୍ତି । କିନ୍ତୁ ଗୁରୁଦେବ ସମସ୍ତ ଘଟଣାକ୍ରମକୁ ନିଜ ଆଖିରେ ଦେଖୁଥିଲେ । ଏଥର ଗୁରୁଦେବ ସମସ୍ତଙ୍କୁ କହିଲେ, ଜଣେ କାନ୍ଦୁଥିବା ଶିଶୁର ଡାକ ଶୁଣି ତୁମମାନଙ୍କର ଜଣେ ଶିଷ୍ୟ ତା'କୁ ବଞ୍ଚାଇବା ଲାଗି ନଦୀକୁ ଡେଇଁ ପଡ଼ିଲା। ଶିଷ୍ୟମାନେ କହିଲେ, ସେ ପୂଜା ସ୍ଥଳରୁ ଉଠିଯାଇ ଅଧର୍ମ କରିଛି । ଏହାଶୁଣି ଗୁରୁଦେବ କହିଲେ, ଅଧର୍ମ ସେ ନୁହେଁ, ତୁମେ ମାନେ କରିଛ । ତୁମେ ବୁଡ଼ିଯାଉଥିବା ଏକ ଶିଶୁର ଡାକ ଶୁଣିପାରିଲ ନାହିଁ । ପୂଜା-ପାଠ, ଧର୍ମ-କର୍ମର ଉଦ୍ଦେଶ୍ୟ ହେଉଛି ପ୍ରାଣୀମାନଙ୍କର ରକ୍ଷା କରିବା । ତୁମେ ଆଶ୍ରମରେ ଧର୍ମ ଶାସ୍ତ୍ର, ବ୍ୟାକରଣ, ଧର୍ମ-କର୍ମ ଆଦିରେ ପାରଙ୍ଗମ ହେଲ, କିନ୍ତୁ ଧର୍ମର ମର୍ମ ଏଯାଏଁ ବୁଝିପାରିଲ ନାହିଁ । ପରୋପକାର ଏବଂ ସଂକଟରେ ପଡ଼ିଥିବା ପ୍ରାଣୀର ଉଦ୍ଧାର ଠାରୁ ବଡ଼ ଧର୍ମ ଆଉ ନାହିଁ ।

# ଛୋଟଛୋଟ ଜିନିଷରେ ନିଜ ଖୁସିକୁ ଖୋଜନ୍ତୁ

*ଆଜିକାଲିର ଜୀବନ ଏତେ ଧାଁଧପଡ ହୋଇଯାଇଛି ଯେ ଲୋକମାନେ ପ୍ରତ୍ୟେକ ମୁହୂର୍ତ୍ତରେ କୌଣସି ନା କୌଣସି ପ୍ରକାରେ ବ୍ୟସ୍ତ ରହୁଛନ୍ତି। ସେମାନେ ଏହାଠାରୁ ଅଧିକ ପ୍ରତିଯୋଗୀ ମନୋଭାବରେ ରହୁଛନ୍ତି। ସମସ୍ତେ ପରସ୍ପରକୁ ଅତିକ୍ରମ କରିବାକୁ ଚେଷ୍ଟା କରୁଛନ୍ତି।*

ଏପରି ପରିବେଶରେ, ଯେତେବେଳେ ବି ଆପଣ କାହାକୁ ପଜିଟିଭ୍ ହେବାକୁ କହିବେ, ସେମାନେ ଏହା ବଦଳରେ ଆପଣଙ୍କୁ ବୁଝାଇବା ଆରମ୍ଭ କରିଦେବେ ଯେ ଏପରି କଠିନ ପରିସ୍ଥିତିରେ ଏକ ସକାରାତ୍ମକ ମାନସିକତା ଆଣିବା କଷ୍ଟକର। ଯଦି ଆପଣ ମଧ୍ୟ ଏହିପରି ଭାବନ୍ତି ତେବେ ଆପଣ ଭୁଲ୍ ଭାବୁଛନ୍ତି କାରଣ ଏହି ପରିବେଶରେ ମଧ୍ୟ ଆପଣ ନିଜ ପାଇଁ ଅତି ସହଜରେ ଏକ ସକାରାତ୍ମକ ମାନସିକତା ସୃଷ୍ଟି କରିପାରିବେ। ତେବେ ଆଜିର ଏହି ବ୍ୟସ୍ତବହୁଳ ଜୀବନ ଭିତରେ ନିଜକୁ ସକାରାତ୍ମକ ରଖିବାକୁ ହେଲେ କେତେକ ସୂଚନା ଉପରେ ନଜର ରଖିବାକୁ ହେବ। ତେବେ ଆସନ୍ତୁ ସେହି ଟିପ୍ସଗୁଡିକ କ'ଣ ଜାଣିନେବା ଆଉ ନିଜକୁ ସବୁ ପରିସ୍ଥିତିରେ ବି ପଜିଟିଭ୍ ରଖିବା।

**ସକାରାତ୍ମକ ରହିବାକୁ ପ୍ରତିଜ୍ଞା:** ସର୍ବପ୍ରଥମେ ନିଜକୁ ଭାବିବାକୁ ପଡିବ ଯେ ଆମକୁ ପ୍ରତ୍ୟେକ ପରିସ୍ଥିତିରେ ସକାରାତ୍ମକ ରହିବାକୁ ପଡିବ। ଏଥିପାଇଁ ହୃଦୟରୁ ଏକ ପ୍ରତିଜ୍ଞା ନେବା ଉଚିତ। ଉଦାହରଣ ସ୍ୱରୂପ, ଆପଣ ଯଦି ପ୍ରତ୍ୟେକ ଦିନ ବିଳମ୍ବରେ ଉଠି ନିଜ ଦିନ ଆରମ୍ଭ କରୁଥାନ୍ତି ତେବେ ଅଫିସକୁ ଯିବାରେ ମଧ୍ୟ ବିଳମ୍ବ ହେବ। ମନ ବିବ୍ରତ ହେବ। ମନରେ ନକାରାତ୍ମକ ଜିନିଷ ଆସିବା ନେଇ ଏହା ହେଉଛି ଦାୟୀ। ଏହା ପରିବର୍ତ୍ତେ, ଭାବନ୍ତୁ ଯେ ଆଜିର ଦିନ ଭଲ ହେବ। ଟିକିଏ ବିଳମ୍ବ ହୋଇଛି, ଏଥିରେ କିଛି ଫରକ ପଡ଼ିବ ନାହିଁ, ସବୁକିଛି ଠିକ୍ ହେବ। ଅଫିସରେ ଗାଳିଗୁଲଜ କଲେ ମଧ୍ୟ ଭାବିନିଅ କିଛି ହେବ ନାହିଁ। ତେବେ ଠିକ୍ ସମୟରେ ଆସିବାକୁ ଚେଷ୍ଟା କରନ୍ତୁ। ପ୍ରତି ମୁହୂର୍ତ୍ତରେ ଧୈର୍ଯ୍ୟ ରଖନ୍ତୁ ଏବଂ ପ୍ରତ୍ୟେକ ମୁହୂର୍ତ୍ତରେ ନିଜ ଚିନ୍ତାଧାରାକୁ ଭଲ କରନ୍ତୁ।

**ଛୋଟ ଛୋଟ ଜିନିଷରେ ଖୁସି:** ଛୋଟ ଛୋଟ ଜିନିଷରେ ନିଜ ଖୁସିକୁ ଖୋଜନ୍ତୁ। ଏହା ଭାବନ୍ତୁ ନାହିଁ ଯେ ଯଦି ଏମିତି ହେବ ତେବେ ମୁଁ ଖୁସି ହେବି। ଦୈନନ୍ଦିନ ଜୀବନରେ ଏପରି ଅନେକ କିଛି ଆସେ ଯାହା ବିରକ୍ତିକର ହୋଇଥାଏ। ଉଦାହରଣ ସ୍ୱରୂପ, ଯଦି ଆପଣ ଟ୍ରାଫିକ୍‌ରେ ଅଟକି ରହିଛନ୍ତି, ତେବେ ବିରକ୍ତ ହୁଅନ୍ତୁ ନାହିଁ। ସେହି ସମୟ ମଧ୍ୟରେ, ନିଜର ପ୍ରିୟ ଗୀତ ଶୁଣନ୍ତୁ ଏବଂ ଏହି ଗୀତରେ ଖୁସି ଅନୁଭବ କରନ୍ତୁ। ଭାବନ୍ତୁ ଏହା ମଧ୍ୟ ଏକ ସୁଯୋଗ, ଯଦି ଟ୍ରାଫିକ୍ ଜାମ୍ ନ ଥାନ୍ତା ତେବେ ଏତେ ଭଲ ଗୀତର ଆନନ୍ଦ ମିଳି ନ ଥାଆନ୍ତା।

**ଗମ୍ଭୀର ହୁଅନ୍ତୁ ନାହିଁ:** ସବୁବେଳେ ଗମ୍ଭୀର କଥା ହୁଅନ୍ତୁ ନାହିଁ କି ଗମ୍ଭୀର ହୁଅନ୍ତୁ ନାହିଁ। ଲୋକଙ୍କ ସହିତ ହସିମଜ୍ଜି ରହିବାକୁ ଚେଷ୍ଟା କରନ୍ତୁ। ସାଙ୍ଗମାନଙ୍କ ସହିତ ଏକ ଭଲ ସମୟ କାଟିବାକୁ ସମୟ ବାହାର କରନ୍ତୁ। ପ୍ରତ୍ୟେକ ପ୍ରକାର କଥାରେ ହାସ୍ୟର ମୁହୂର୍ତ୍ତ ଖୋଜନ୍ତୁ।

**ଭୁଲରୁ ଶିଖନ୍ତୁ:** ଭୁଲ୍ ଆମକୁ ଅନେକ ଜିନିଷ ଶିଖାଏ। ତେଣୁ, ଯେତେବେଳେ ଭୁଲ୍ ହୋଇଯାଏ, ଏଥିରେ ଦୁଃଖ ନ କରି ଏଥିରୁ କିଛି ଶିଖନ୍ତୁ। ଉଦାହରଣ ସ୍ୱରୂପ, ଯଦି ଆପଣ ନିଜ ଲକ୍ଷ୍ୟ ହାସଲ କରିପାରୁ ନାହାନ୍ତି ତେବେ ପରବର୍ତ୍ତୀ ସମୟରେ ଏଥି ପାଇଁ ତିନି ପ୍ରକାରର ଯୋଜନା କରନ୍ତୁ। ଯଦି ଗୋଟିଏ ବିଫଳ ହୁଏ ତେବେ ଅନ୍ୟଟି ଉପଯୋଗୀ ହେବ, ଯଦି ଦ୍ୱିତୀୟଟି ବିଫଳ ହୁଏ ତେବେ ତୃତୀୟଟି ଉପଯୋଗୀ।



# ଅବ୍ୟବସ୍ଥାରେ ବେଲଗୁଣ୍ଠାର ସୌନ୍ଦର୍ଯ୍ୟ



ବେଲଗୁଣ୍ଠା(ନିପ୍ର): ବେଲଗୁଣ୍ଠା ସହରର ପରିଚୟ ଏହାର କଳା ଓ ସୌନ୍ଦର୍ଯ୍ୟ। କିନ୍ତୁ ଆଜି ସେହି ସୌନ୍ଦର୍ଯ୍ୟ ପ୍ରଶାସନିକ ଉଦାସୀନତା ଯୋଗୁଁ ଅଳିଆ ଆବର୍ଜନା ଏବଂ ଅନ୍ଧାର ମଧ୍ୟରେ ହଜିବାକୁ ବସିଛି। ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସହରର ସୌନ୍ଦର୍ଯ୍ୟକରଣ ପାଇଁ ସ୍ଥାପିତ ହୋଇଥିବା ଲାଇଟ୍ ଗେଟ୍ ଓ ବୋଟ୍ ଆଜି ନିଷ୍ପ୍ରଭ। ଦୀର୍ଘ ଛଅ ମାସ ହେଲା ଏହି ଆଲୋକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିରହିଥିଲେ ସୁଦ୍ଧା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡ଼ିନାହିଁ। ପାନକିଆରୀ ସ୍ଥିତ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ସୌନ୍ଦର୍ଯ୍ୟକରଣ ଆଲୋକ ବ୍ୟବସ୍ଥା ଏବେ ଜଙ୍ଗଲୀ ଲଟାବୁଦା ଏବଂ କାକପୋଇ ଗଛର ଡାଳ ମଧ୍ୟରେ ଛନ୍ଦି ହୋଇ ରହିଛି। ଗଛର ଡାଳଗୁଡ଼ିକ ବିଦ୍ୟୁତ ତାର ଓ ଲାଇଟ୍ ସଂସ୍ପର୍ଶରେ ରହିଥିବାରୁ ଯେକୌଣସି ମୁହୂର୍ତ୍ତରେ ବଡ଼ ଧରଣର ଅଘଟଣ ବା ବିଦ୍ୟୁତ ଦୁର୍ଘଟଣା ଘଟିବାର ଆଶଙ୍କା ଦେଖାଦେଇଛି। ସହରର ପ୍ରବେଶ ପଥରେ ଥିବା ଏହି ଦୃଶ୍ୟ ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦାଙ୍କୁ ମର୍ମାହତ କରୁଛି। ଯାନ୍ତ୍ରିକ ତ୍ରୁଟି ଏବଂ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ଅଧିକାଂଶ ବଲବ୍ ଫ୍ୟୁଜ୍ ହୋଇଗଲାଣି। ଫଳରେ ରାତିରେ ସୌନ୍ଦର୍ଯ୍ୟକରଣ ଲାଇଟ୍‌ଗୁଡ଼ିକ ଖଣ୍ଡ ଖଣ୍ଡ ହୋଇ ଜଳୁଛି, ଯାହା ସହରର ଶୋଭା ବଢ଼ାଇବା ପରିବର୍ତ୍ତେ ଏହାର କୁରୂପ ଚିତ୍ର ପ୍ରଦର୍ଶନ କରୁଛି। ୬ ମାସ ହେଲା ସମସ୍ୟା ଥିଲେ ମଧ୍ୟ କୌଣସି ମରାମତି କରାଯାଉନାହିଁ। କାକପୋଇ ଗଛର ଡାଳ ଲାଇଟ୍ ସେଟ୍‌ଅପ୍ ମଧ୍ୟରେ ପଶି ବିପଦ ସୃଷ୍ଟି କରୁଛି। ନିମ୍ନମାନର ରକ୍ଷଣାବେକ୍ଷଣ ଯୋଗୁଁ ବାରମ୍ବାର ଲାଇଟ୍ ଫ୍ୟୁଜ୍ ହେଉଛି।ବେଲଗୁଣ୍ଠା ଏକ ଐତିହାସିକ ସହର ହୋଇଥିବାରୁ ଏହାର ସୌନ୍ଦର୍ଯ୍ୟକୁ ବଜାୟ ରଖିବା ପ୍ରଶାସନର ଦାୟିତ୍ୱ। ତେଣୁ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଏହି ଗୁରୁତର ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେବା ସହ ଯୁଦ୍ଧକାଳୀନ ଭିତ୍ତିରେ ଏହାର ପୁନଃରୁଦ୍ଧାର କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

## ଭାପୁର - ଜନଗଣନାରେ ନିଯୁକ୍ତ ୧୯୩ କର୍ମଚାରୀ



ଭାପୁର,(ନିପ୍ର): କେନ୍ଦ୍ର ସରକାରଙ୍କ ଗୃହ ଗଣନା ଓ ଜନଗଣନା କାର୍ଯ୍ୟକ୍ରମ ଗତ ଦୁଇ ଦିନ ହେଲା ଆରମ୍ଭ ହୋଇଛି ଏବଂ ଏହା ଏକ ମାସ ଧରି ଚାଲିବ। ଭାପୁର ବ୍ଲକର ୧୨୦ ଗୋଟି ରାଜସ୍ୱ ଗ୍ରାମ ରହିଥିବାବେଳେ ନିଯୁକ୍ତ ଜନଗଣନାକାରୀ ଓ ସୁପରଭାଇଜରମାନେ ଘର କୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଭାପୁର ବ୍ଲକ ପାଇଁ ୧୯୩ ଜଣ ଜନଗଣନାକାରୀ ଓ ୨୯ ଜଣ ସୁପରଭାଇଜର ନିଯୁକ୍ତି କରାଯାଇଛି। ସେମାନେ ଗୃହ ତାଲିକା ଓ ଗୃହ ଗଣନା ଘରକୁ ଘର ଯାଇ ପ୍ରସ୍ତୁତ କରିବେ। ସେମାନଙ୍କୁ ସଠିକ ତଥ୍ୟ ପ୍ରଦାନ କରିବା ପାଇଁ ଭାପୁର ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରିଆ ବ୍ଲକର ସମସ୍ତ ଅଭିଭାବକମାନଙ୍କୁ ଅନୁରୋଧ ଜଣେଇଛନ୍ତି। ଭାପୁର ତହସିଲ ଅନ୍ତର୍ଗତ ବାଇଗୁଣିଆ ପଞ୍ଚାୟତରୁ ପ୍ରଥମେ ଜନଗଣନା କାର୍ଯ୍ୟକ୍ରମ ଖଣ୍ଡପଡା ବିଡ଼ିଓ ଅଙ୍କୁର ଅଭିଳାଷ ଏବଂ ଭାପୁର ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରିଆଙ୍କ ଦ୍ୱାରା ଉଦ୍‌ଘାଟନ ହୋଇ ଏହି ବିଶେଷ କାର୍ଯ୍ୟକ୍ରମ ଆସନ୍ତା ମେ ମାସ ପର୍ଯ୍ୟନ୍ତ ଚାଲିବା ସହିତ ପ୍ରଥମେ ୧୬, ୧୭ ଓ ୧୮ ତାରିଖ ପର୍ଯ୍ୟନ୍ତ ହାଉସ ଲିଷ୍ଟିଙ୍ଗ କରାଯିବ। ଏହା ସହିତ ପ୍ରତ୍ୟେକ ଗ୍ରାମରେ ଅବସ୍ଥିତ ମଠ, ମନ୍ଦିର, ପୋଖରୀ, ନଦୀ, ଖେଳ ପଡିଆ, କୋଠା ଘର ଆଦିର ତାଲିକା ପ୍ରସ୍ତୁତ କରିବାକୁ କେନ୍ଦ୍ର ସରକାରଙ୍କ ତରଫରୁ ନିର୍ଦ୍ଦେଶ ରହିଛି।

## ବିଶ୍ୱ ହିମୋଫିଲିଆ ଦିବସ ପାଳନ ଅବସରରେ ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି(ନିପ୍ର): ବିଶ୍ୱ ହିମୋଫିଲିଆ ଦିବସ ଅବସରରେ ୭ ମାଇଲ୍ ଗ୍ରାମରେ ଏକ ସଚେତନତା କାର୍ଯ୍ୟକ୍ରମ ବହୁତ ଉତ୍ସାହ ଓ ଲୋକସମ୍ମିଳନ ସହ ପାଳିତ ହେଲା। ଏହି କାର୍ଯ୍ୟକ୍ରମଟି ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ନର୍ସିଙ୍ଗ୍ ଦ୍ୱାରା ଆୟୋଜିତ ହୋଇଥିଲା, ଯାହାର ଲକ୍ଷ୍ୟ ହିମୋଫିଲିଆ ନାମକ ଏକ ଦୁର୍ଲଭ ରକ୍ତସ୍ରାବ ରୋଗ ସମ୍ପର୍କରେ ସଚେତନତା ବଢ଼ାଇବା ଥିଲା। ଏହି କାର୍ଯ୍ୟକ୍ରମକୁ ଛାତ୍ର ସମନ୍ୱୟକାରୀ ସ୍ନିଗ୍ଧ ପ୍ରଜ୍ଞାନ ଜେନା ଓ ସତ୍ୟବାନ ଗୌଡ଼ ସଫଳତାର ସହ ଚଳାଇଥିଲେ। ଫ୍ୟାକଲ୍ଟି ସମନ୍ୱୟକାରୀ ମିସ୍ ଟି. ସୁନିତା ଓ ମିସେସ୍ ପି. ବେବି ରାଣୀଙ୍କ ନିର୍ଦ୍ଦେଶନାରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାମୂଳକ ଓ ଆନ୍ତର୍କ୍ରିୟାତ୍ମକ କାର୍ଯ୍ୟକଳାପ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀମାନେ ହିମୋଫିଲିଆର କାରଣ, ଲକ୍ଷଣ, ପ୍ରତିରୋଧ ଓ ପରିଚର୍ଯ୍ୟା ବିଷୟରେ ଏକ ସ୍ୱାସ୍ଥ୍ୟ ଆଲୋଚନା କରିଥିଲେ। ଏହାରେ ଆଗୁଆ ଚିହ୍ନଟ ଓ ସଠିକ୍ ଚିକିତ୍ସାର ଗୁରୁତ୍ୱ ଉପରେ ଜୋର ଦିଆଯାଇଥିଲା।

## ବେଲାରିଝାଟିଆ ଗ୍ରାମରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

କାକଟପୁର ( ନିପ୍ର) କାକଟପୁର ନିକଟସ୍ଥ ବେଲାରିଝାଟିଆ ଗ୍ରାମର ଆରାଧ୍ୟ ଦେବୀ ମା ବରୁଣେଇ ମନ୍ଦିର ପ୍ରାଙ୍ଗଣରେ ୧୬ ତମ ବାର୍ଷିକ ନାମଯଜ୍ଞ ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଅଛି । ଗତ ମଙ୍ଗଳବାର ଅଧିବାସ ଓ କଳସ ସ୍ଥାପନ କରାଯାଇଥିବା ବେଳେ , ବୁଧବାର ନାମଯଜ୍ଞ ସହିତ କୁନି କୁନି ପିଲାମାନଙ୍କ ଦ୍ୱାରା କୃଷ୍ଣରାଧାଙ୍କର ନୃତ୍ୟରେ ଗ୍ରାମବାସୀ ଝୁମି ଥିବା ବେଳେ ଓ ହରିହାଟ ଅନୁଷ୍ଠିତ ହୋଇଥିଲା । ଗୁରବାର ନଗର କୀର୍ତ୍ତନ କରାଯାଇ ଉତ୍ସବ ସମାପନ କରାଯାଇଥିଲା । ମାଆ ବରୁଣେଇ ଅଷ୍ଟପ୍ରହରୀ କମିଟିର ସଭାପତି କୃପାସିନ୍ଧୁ ସାସମଲ,ସମ୍ପାଦକ ଶିବ ସାସମଲ ,କୋଷାଧକ୍ଷ ନରେନ୍ଦ୍ର କୁମାର ବାରିକଙ୍କ ସମେତ ସମସ୍ତ ଗ୍ରାମବାସୀ ଦାୟିତ୍ୱ ତୁଲାଇଥିଲେ। ଏହି ତିନି ଦିନ ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

## ବୁଗୁଡ଼ାରେ ବିଜୁବାବୁଙ୍କ ତିରୋଧାନ ଦିବସ

ବୁଗୁଡ଼ା(ନିପ୍ର): ସ୍ଥାନୀୟ ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁବାବୁଙ୍କ ୨୯ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି । ଏ ଅବସରରେ ବ୍ଲକ କାର୍ଯ୍ୟାଳୟ ଏବଂ ନୂଆଁ ବସଷ୍ଟାଣ୍ଡ ପରିସରସ୍ଥ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ସ୍ମୃତିଚାରଣ ସାଙ୍ଗକୁ ତାଙ୍କର ବିଚାରଧାରା , ତ୍ୟାଗ , ସେବା , ସଂଗ୍ରାମ ଓ ସ୍ୱାଭିମାନରେ ବ୍ରତୀ ହେବାକୁ ବିଜେଡି ପକ୍ଷରୁ ଶପଥ ଗ୍ରହଣ କରାଯାଇଥିଲା । ଏଥିସହ ଅନେକ ଦଳୀୟ ନେତା ଓ କର୍ମୀ ବସଷ୍ଟାଣ୍ଡରୁ ଏକ ଶୋଭାଯାତ୍ରାରେ ବାହାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସେଠାରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ ।

## ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜର ଆସର

ଭୁବନେଶ୍ୱର(ନିପ୍ର): ବିଷୁବସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଅବସରରେ ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜ ପରିବାର ପକ୍ଷରୁ ଆଭାସୀ ମଞ୍ଚରେ ଏକ ସ୍ୱତନ୍ତ୍ର ସାହିତ୍ୟ ଆସର ସନ୍ଧ୍ୟା ପାଳନ କରାଯାଇଛି। ଏଥିରେ ଭାରତର ବିଭିନ୍ନ ଭାଗରୁ ଅନେକ ପ୍ରାଜ୍ଞ କବି କବୟିତ୍ରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥଲେ ଡ଼ଃ କ୍ଷୀରୋଦ ଚନ୍ଦ୍ର ବେହେରା । ସାହିତ୍ୟର ପ୍ରବାହକୁ ସରବରାହ କରିଥିବା ସାହିତ୍ୟିକ ବୃନ୍ଦ ମଧ୍ୟରେ ଅନୁରୂପା ସିଂ, ଅବନ୍ତୀ ମଲ୍ଲିକ୍, ଡ଼ଃ ସିତିକଣ୍ଠ ଷଡ଼ଙ୍ଗୀ, ଡ.ବସନ୍ତ ମଞ୍ଜରୀ ଦାସ, ନବଜ୍ୟୋତି ରାୟ, ଟେକଚାନ୍ଦ ଦୁଆଁ ପ୍ରମୁଖ ଯୋଗଦେଇ ସାହିତ୍ୟ ଆଲୋଚନା ସହିତ ସର୍ଜନା ପାଠ କରିବା ସଙ୍ଗେ ସଙ୍ଗେ ସମସ୍ତ କବି ଓ କବିତା ପ୍ରେମୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହିତ ନବ ପ୍ରଜନ୍ମର କବିମାନଙ୍କର ମାର୍ଗଦର୍ଶନ କରିଥିଲେ ।ଶ୍ରୀମତୀ ମହାସ୍ମିତା ଓଝାଙ୍କ ସଞ୍ଚାଳନରେ ଅନେକ କବି ଓ କବୟିତ୍ରୀ ନିଜର ସର୍ଜନା ପାଠ କରିବା ସହିତ କବିତାର ଉପାଦେୟତା ବିଷୟରେ ମଧ୍ୟ ଆଲୋଚନା କରିଥିଲେ । କବି କବୟିତ୍ରୀମାନଙ୍କ ମଧ୍ୟରେ ଶ୍ରୀ ପ୍ରଶାନ୍ତ କୁମାର ନାଥ, ଗୋଲାପରାଣୀ ସାହୁ, ପ୍ରେମଲତା ବାରିକ, ରୁନୁବାଳା ମଲ୍ଲିକ୍, ସରୋଜିନୀ ମିଶ୍ର, ବିଶ୍ୱଭାରତୀ ଦାସ,ମୈତ୍ରେୟୀ କାମିଲା ଏବଂଯାଜ୍ଞସେନୀ ପଣ୍ଡା, ପ୍ରମୁଖ ଯୋଗ ଦେଇଥିଲେ ।

## 'ପାରମ୍ପରିକତାକୁ ପ୍ରଚାର କରିବାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ'

କେନ୍ଦ୍ରାପଡ଼ା(ନିପ୍ର): ଓଡିଆ ପକ୍ଷ-୨୦୨୬ ପାଳନ ଅବସରରେ ଓଡିଆ ନବବର୍ଷ ଉତ୍ସବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଓଡିଆ ଭାଷା, ସଂସ୍କୃତି ଓ ପାରମ୍ପରିକ ଆହାର ପ୍ରଚାର ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ପଣା ସହିତ ପାରମ୍ପରିକ ଓଡିଆ ପିଠାପଣାର ଆସର। ଓଡିଆ ପରମ୍ପରାର ଅଂଶ ଭାବେ ଝୁଟି ଓ ମୁରୁଜ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବିଭିନ୍ନ ବିଭାଗର କର୍ମଚାରୀ ଓ ଅଂଶଗ୍ରହଣକାରୀମାନେ ସୃଜନଶୀଳ ଡିଜାଇନ୍ ମାଧ୍ୟମରେ ଓଡିଆ ଲୋକକଳାର ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ରଘୁରାମ ଆର. ଆୟର ଯୋଗଦେଇ କହିଥିଲେ ଯେ, ଓଡିଆ ପକ୍ଷ ପାଳନ ମାଧ୍ୟମରେ ଆମ ଭାଷା, ସଂସ୍କୃତି ଓ ପାରମ୍ପରିକତାକୁ ସୁରକ୍ଷିତ ଓ ପ୍ରଚାର କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ଜାନକୀବଲ୍ଲଭ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର



ଆଠଗଡ (ନିପ୍ର) :ଓଡ଼ିଶାର ଜନପ୍ରିୟ ପୂର୍ବତନ ମୁଖ୍ୟମନ୍ତ୍ରୀ, ଆସାମର ପୂର୍ବତନ ରାଜ୍ୟପାଳ ତଥା ଆଠଗଡ। ବିଧାନସଭା ଆସନରୁ ନିର୍ବାଚିତ ହୋଇ ଦୁଇ ଦୁଇଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ ଜାନକୀବଲ୍ଲଭ ପଟ୍ଟନାୟକଙ୍କ। ଆଗାମୀ ୨୧ ତାରିଖରେ ତାଙ୍କର ଶ୍ରାଦ୍ଧ ଦିବସ ଅଟେ। ସ୍ୱର୍ଗତ ପଟ୍ଟନାୟକ କେବଳ ଜଣେ ରାଜନେତା ନଥିଲେ ସାମ୍ବାଦିକ କ୍ଷେତ୍ରରେ ନିଜର ଅଭୁଲା ସ୍ମୃତି ଛାଡି ଯାଇଛନ୍ତି। ସାମ୍ବାଦିକ କ୍ଷେତ୍ର ବ୍ୟତୀତ ସାହିତ୍ୟ କଳା ତଥା ଜଣେ ରାଷ୍ଟ୍ରନୀତିଜ୍ଞ ରୂପେ ସାରା ଦେଶରେ ତାଙ୍କର ଯଥେଷ୍ଟ ସୁନାମ ରହିଛି। ରାଜ୍ୟ ତଥା ଦେଶ ପାଇଁ ତାଙ୍କର ଅବଦାନ ଅତୁଳନୀୟ। ଜଣେ ପ୍ରଚଣ୍ଡ ରାଷ୍ଟ୍ରବାଦୀ ତଥା ଆଠଗଡ ଅଞ୍ଚଳରେ ଶିକ୍ଷା , ସ୍ୱାସ୍ଥ୍ୟ , ଗମନାଗମନ , ଶିଳ୍ପ କାରଖାନା ପ୍ରତିଷ୍ଠା କରି ଲୋକଙ୍କ ପ୍ରିୟ ହେବା ସହ ଆଠଗଡକୁ ଓଡ଼ିଶାରେ ସ୍ୱତନ୍ତ୍ର ପରିଚୟ ଦେଇଥିବା ଜନନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଠଗଡରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆଠଗଡ ସମ୍ବାଦ ସାହିତ୍ୟ ଘର ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମ୍ବାଦ ସାହିତ୍ୟ ଘରର କାର୍ଯ୍ୟକାରୀ ସଭାପତି ସୁରେଶ ଚନ୍ଦ୍ର ପରିଡା , ସଂପାଦକ ବିଷ୍ଣୁ ପ୍ରସାଦ ଦାସ, ଉପଦେଷ୍ଟା ଆଇନଜୀବୀ ପ୍ରାଣକୃଷ୍ଣ ଦାଶ , ଆବାହକ ତଥା ସମ୍ବାଦ ପ୍ରତିନିଧି ଅର୍ଦ୍ଧେନ୍ଦୁ ମହାନ୍ତି ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।

## 'ଗଛ ମଣିଷ' ପୁସ୍ତକ ଉନ୍ମୋଚିତ



ନିରାକାରପୁର,(ନିପ୍ର): ବିଶିଷ୍ଟ ପରିବେଶବିତ୍, ସାହିତ୍ୟିକ ତଥା ଖୋର୍ଦ୍ଧା ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ଜନ୍ମଦିନ ଅବସରରେ ଏକ ସ୍ୱତନ୍ତ୍ର ପୁସ୍ତକ 'ଗଛ ମଣିଷ' ଲୋକାର୍ପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡ. ଶ୍ରୀଚନ୍ଦନଙ୍କ ବ୍ୟକ୍ତିତ୍ୱ ଓ କୃତିକୁ ନେଇ ଲେଖାଯାଇଥିବା ୧୦୦ରୁ ଅଧିକ କବିଙ୍କ କବିତାର ସଙ୍କଳନ ଏହି ପୁସ୍ତକରେ ସ୍ଥାନ ପାଇଛି।ପୁସ୍ତକ ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥିମାନେ ଡ. ଶ୍ରୀଚନ୍ଦନଙ୍କ ସେବା ଓ ସାହିତ୍ୟ ଅନୁରାଗ ଉପରେ ଆଲୋକପାତ କରିଥିଲେ। ସୂଚନାଯୋଗ୍ୟ ଯେ, ଡ. ଶ୍ରୀଚନ୍ଦନ ପ୍ରାଥମିକ ସମୟରେ ଖୋର୍ଦ୍ଧା କାଇପଦର କଲେଜରେ ଅଧ୍ୟାପନା କରୁଥିଲେ ଏବଂ ପରବର୍ତ୍ତୀ ସମୟରେ ରାଜନୀତିରେ ଯୋଗ ଦେଇ ଖୋର୍ଦ୍ଧା ବିଧାୟକ ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ।

## ଦୋଳବେଦୀ ଉପ-ଡାକଘର ମିଶ୍ରଣ ପ୍ରତିବାଦରେ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ନିମାପଡ଼ା, (ନି.ପ୍ର.): ନିମାପଡ଼ା ଡ଼ାକ ବିଭାଗ ଉପଖଣ୍ଡ ଅଧୀନସ୍ଥ ଦୋଳବେଦୀ ଛକ ଉପ-ଡ଼ାକଘର ଅନ୍ୟତ୍ର ମିଶ୍ରଣ ପ୍ରତିବାଦରେ ନିମାପଡ଼ାର ଅନେକ ସାମାଜିକ ସଂଗଠନ କର୍ମକର୍ତ୍ତାଙ୍କ ସମେତ ଅଣ୍ଟିଆ ସାହି ଗ୍ରାମ ମଙ୍ଗଳ କମିଟି କର୍ମକର୍ତ୍ତାମାନେ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିବା କମିଟି ସଭାପତି ବିବେକାନନ୍ଦ ପାତ୍ର ସୂଚନା ଦେଇଛନ୍ତି। ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କର୍ମକର୍ତ୍ତାମାନଙ୍କୁ ଆତିଥ୍ୟ ପ୍ରଦାନ କରି ଧୈର୍ଯ୍ୟର ସହ ସମସ୍ତ ବିଷୟ ଉପରେ ପଚାରି ବୁଝିଥିଲେ । ଏ ସଂକ୍ରାନ୍ତରେ ଓଡ଼ିଶା ରାଜ୍ୟ ମହାଡ଼ାକପାଳଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଲେଖି ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ଉପ-ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିବା ପ୍ରତିନିଧି ଦଳ ଶୁକ୍ରବାର ଦିନ ରାଜ୍ୟ ମହାଡ଼ାକପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ସମସ୍ୟା ସଂପର୍କରେ ଅବଗତ କରିଥିବା ଜଣାପଡ଼ିଛି । ପ୍ରତିନିଧି ଦଳରେ ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ସାଧାରଣ ସଂପାଦକ ତଥା ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ସାହୁ, ସ୍ୱାଧୀନତା ସଂଗ୍ରାମୀ ଦାୟାଦ ସଂଗଠନ ସଂପାଦକ ଆର୍ତ୍ତବନ୍ଧୁ ସେନାପତି, ପ୍ରମୁଖ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନିମାପଡ଼ାର ଅନେକ ସମସ୍ୟା ସଂପର୍କରେ ଅବଗତ କରିବା ସହିତ ସମାଧାନ ସଂପର୍କରେ ଆଲୋକପାତ କରିଥିଲେ।

## ବିଭିନ୍ନ ସ୍ଥାନରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକୀ




ହିଞ୍ଜିଳିକାଟୁ,(ନିପ୍ର): ଓଡିଶାର ଗୌରବ, ମହାନ ଜନନାୟକ, ପ୍ରବାଦ ପୁରୁଷ, କଳିଙ୍ଗ ପୁତ୍ର, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଜନପ୍ରିୟ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୯ ତମ ତିରୋଧାନ ଦିବସ ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଶୁକ୍ରବାର ଏକ ଭବ୍ୟ ପରିବେଶରେ ପାଳିତ ହୋଇଛି। ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକଙ୍କ ଡିଆରଡିଏ ପ୍ରତିନିଧି ଦେବାନନ୍ଦ ମହାପାତ୍ରଙ୍କ ସଂଯୋଜନାରେ ହିଞ୍ଜିଳିକାଟୁ ବ୍ଲକ ସମରଝୋଳ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ତଥା ଉପଦେଷ୍ଟା ସୁରେନ୍ଦ୍ର ନାଥ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଆସ୍କା ଲୋକସଭା ସାଂସଦ ପ୍ରାର୍ଥୀନୀ ରଞ୍ଜିତା କୁମାରୀ ସାହୁ, ପୌରାଧକ୍ଷ ସୁବାସ ଚନ୍ଦ୍ର ପୋଲେଇ, ଶେରଗଡ ବ୍ଲକ ଅଧକ୍ଷ କୃଷ୍ଣ ଚନ୍ଦ୍ର ନାୟକ, ଶେରଗଡ ବ୍ଲକ ସଭାପତି ଶରତ ଚନ୍ଦ୍ର ପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରାତଃ ସମୟରେ ପ୍ରବାଦ ପୁରୁଷଙ୍କ ଉଦ୍ଦେଶ୍ୟରେ ତିଳ ତର୍ପଣ କରଯାଇଥିଲା। ଅପରାହ୍ନ ସମୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ମାନେ ମହାନ ଜନନାୟକଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ବଳିଷ୍ଠ ଭୂମିକା ଗ୍ରହଣ କରିଥିବା ସହ ଲୋକଙ୍କ ହାତରେ କ୍ଷମତା ପ୍ରଦାନ କରି ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିଥିଲେ।

ଟାଙ୍ଗୀ : କଳିଙ୍ଗ ଷଣ୍ଢ, ନବ ଓଡ଼ିଶାର ନିର୍ମାତା ତଥା ଅଦମ୍ୟ ସାହସୀ ଇଣ୍ଡୋନେସିଆର ଭୂମିପୁତ୍ର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧ ବାର୍ଷିକୀ ଟାଙ୍ଗୀ ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ଥିତ ଶ୍ରୀ ଶ୍ରୀ ରଘୁନାଥ ଦେବଙ୍କ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଜୁ ଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ପରେ ଖୋର୍ଦ୍ଧା ଜିଲ୍ଲା ପରିଷଦର ପୂର୍ବତନ ଅଧକ୍ଷ ତଥା ବିଶିଷ୍ଟ ସମାଜସେବୀ ରାମଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଓ ଟାଙ୍ଗୀ ବ୍ଲକ ଅଧକ୍ଷା ରିସ୍ମି ମାନଧାତାଙ୍କ ଆବାହକତ୍ୱରେ,ଯୁବ ସମାଜ ସେବୀ ରମେଶ ଚନ୍ଦ୍ର ବେହେରା,ବରିଷ୍ଠ ଆଇନଜୀବୀ ନିରଞ୍ଜନ ଦାସ, ବିଜୁ ପ୍ରେମୀ ଯାମିନୀ କାନ୍ତ ପାତ୍ର, ସମାଜ ସେବୀ ଅଶୋକ କୁମାର ମହାପାତ୍ର ଓ ବରିଷ୍ଠ ସାମ୍ବାଦିକ ପଦ୍ମନାଭ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

ରମ୍ଭା: ଶୁକ୍ରବାର ଦିନ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ ତମ ତିରୋଧାନ ଦିବସ ନଗର ସଭାପତି ଶ୍ରୀକାନ୍ତ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସହର ପାନ୍ଥନିବାସ ଛକ ପାର୍ଶ୍ୱରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ସମବେତ ଭାବେ ସମ୍ମାନ ଜଣାଇ ଏକ ନୀରବ ପ୍ରାର୍ଥନା କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବିଜୟ କୁମାର ବିଶ୍ୱାଳ (ପୂର୍ବତନ ନଗରପାଳ ), ସୌଦାମିନୀ ବିଶ୍ୱାଳ (ପୂର୍ବତନ ନଗର ପାଳିକା ), ସୁରେଶ ନାୟକ, ରାଜେନ୍ଦ୍ର ପାତ୍ର,ଗଦାଧର ପରିଡା, ଚନ୍ଦ୍ରଶେଖର ନାହାକ, ଡମ୍ବରୁ ପାତ୍ର, ବାବାଜୀ ପାତ୍ର, ଚିତ୍ରସେନ ଦାସ, ବୁଲୁ ବେହେରା, ପ୍ରମୁଖ ଶତାଧିକ ଦଳୀୟ କର୍ମୀ ପ୍ରତିମୂର୍ତ୍ତି ତଳେ ସାମିଲ ହୋଇ ସ୍ୱର୍ଗତ ପୁରୁଷଙ୍କ ଉପରେ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଥିଲା।




ବାଲିପାଟଣା(ନିପ୍ର): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ ତମ ତିରୋଧାନ ଦିବସ କୁ ସାରା ରାଜ୍ୟରେ ପ୍ରବାଦ ପୁରୁଷ ଦିବସ ରୂପେ ପାଳନ କରାଯାଉଥିବା ବେଳେ ରାଜଧାନି ଉପକଣ୍ଠ ଜୟଦେବ ନିର୍ବାଚନ ମଣ୍ଡଳିରେ ଏହା ପାଳିତ ହୋଇଯାଇଛି। ଶତାଧିକ ବିଜେଡି କର୍ମୀ ଏକ ମଟର ସାଇକେଲ ରାଲିରେ ବାହାରି ବାଳକାଟୀ ବ୍ରହ୍ମଣ ଷଡ଼ଙ୍ଗୀ ଦେଇ ବାଲିପାଟଣା ହାଟ ସ୍ଥିତ ବିଜୁ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଅଠାନ୍ତର ଦଳୀୟ କାର୍ଯ୍ୟାଳୟରେ ପହଞ୍ଚି ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଉପସ୍ଥିତ ବ୍ୟକ୍ତିତ୍ୱମାନେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ସ୍ମୃତି ବିଷୟରେ ଆଲୋଚନା କରିବା ସହିତ ତାଙ୍କୁ ନବ ଉତ୍କଳର ନିର୍ମାତା କହିଥିଲେ। ଏହି ସଭାରେ ଉଭୟ ବ୍ଲକର ପୂର୍ବ ଏବଂ ବର୍ତ୍ତମାନର ସ୍ଥାନୀୟ ପ୍ରତିନିଧି ବ୍ଲକ ଅଧକ ତଥା ବହୁ ଆଗ ଧାଡ଼ିର୍ ନେତୃତ୍ୱ ସହିତ ଶତାଧିକ ବିଜେଡି କର୍ମୀ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ବାଲିପାଟଣା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଫଳ ବଣ୍ଟନ କରାଯାଇଥିଲା।



ନିମାପଡ଼ା, : ପ୍ରବାଦ ପୁରୁଷ ତଥା ରାଜ୍ୟର ପୁରାତନ ମୁଖ୍ୟମନ୍ତ୍ରୀ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ଦୁଇଟି ଗୋଷ୍ଠୀ ପକ୍ଷରୁ ନିମାପଡ଼ାରେ ପାଳିତ ହୋଇଯାଇଛି। ଗତ ବିଧାନସଭାରେ ବିଜୁ ଜନତା ଦଳ ଟିକେଟ୍‌ରେ ଲଢ଼ିଥିବା ଦିଲ୍ଲୀପ ନାୟକଙ୍କ ନିଜ ଗ୍ରାମ ଚକରୋଡ଼ା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବନେତା ମାନସ ପ୍ରଧାନ, ଦିଲ୍ଲୀପ ପାତ୍ର, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଅଜୟ ଭୋଇ, ପୂର୍ବତନ ସରପଞ୍ଚ ଅକ୍ଷୟ ପଡ଼ିଆରୀ, ସମିତି ସଭ୍ୟା ଲକିବାଳା ସ୍ୱାଇଁ, ବରିଷ୍ଠ ନାଗରିକ ଭଗବାନ ନାୟକ, ବଳରାମ ନାୟକ ପ୍ରମୁଖ ଯୋଗ ଦେଇ ବିଜୁ ବାବୁଙ୍କ ଜୀବନୀ ଉପରେ ଆଲୋପାତ କରିଥିଲେ । ଅନ୍ୟ ଏକ ଗୋଷ୍ଠୀ ନିମାପଡ଼ା ଟାଉନ୍ ହଲ୍ ପରିସରରେ ଶ୍ରାଦ୍ଧ ଉତ୍ସବ ପାଳନ କରିଥିବା ଦେଖିବାକୁ ମିଳିଥିଲା। ବିଜୁ ବାବୁଙ୍କ ଶ୍ରାଦ୍ଧ ଉତ୍ସବ ନେଇ ଗୋଷ୍ଠୀ କନ୍ଦଳ ହେବା ପରିତାପର ବିଷୟ ବୋଲି ଆଲୋଚନା ହୋଇଥିଲା।



କଟକ: ମହାନ ଜନନେତା ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧା ଦିବସ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ଦ୍ୱାରା ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଡ ଦିବ୍ୟଲୋଚନ ମହନ୍ତ, ବିଜୁପଟ୍ଟନାୟକ ଛକ ଓ ଯୋବ୍ରା ସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଆନନ୍ଦ ଭବନ ବାସଭବନ ସଂଗ୍ରହାଳୟ ଯାଇ ସେଠାରେ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ସଂଗ୍ରହାଳୟରେ ବିଜୁ ବାବୁଙ୍କ ସଂପର୍କିତ ପ୍ରଦର୍ଶିତ ଫଟୋ ଚିତ୍ର ବୁଲି ଦେଖିଥିଲେ । ଏହି ଅବସରରେ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀମାନେ ମଧ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।



ଆସିକା : ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୯ ତମ ତିରୋଧାନ ଦିବସକୁ ଆସିକା ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ସଂଯୋଜନାରେ ଆସିକା ବିଜେଡି ପକ୍ଷରୁ ପାଳିତ ହୋଇଯାଇଛି । ବିଜେଡି ନେତା, କର୍ମୀ ଓ ପ୍ରେମୀମାନେ ମନେ ପକାଇ ସେହି ତୁଙ୍ଗ ନେତାଙ୍କ ବ୍ୟକ୍ତିତ୍ୱକୁ କୋଟି କୋଟି ଓଡିଆଙ୍କ ହୃଦୟ କିଣିଥିବା ମହାନ୍ ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ନେତାମାନେ କହିଥିଲେ । ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ପାଳନ ଅବସରରେ ପୂର୍ଣ୍ଣତୋୟା ଋଷିକୂଲ୍ୟାରେ ତିଳ ତର୍ପଣ କରିବା ପରେ ବିଜୁଛକ ଠାରେ ବିଜୁପଟ୍ଟନାୟକ ଛକ ଠାରେ ବିଜୁ ବାବୁ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ବହୁ ବକ୍ତା ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ,ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ ବରିଷ୍ଠ ବିଜେଡି ନେତା ନଚିକେତା ସ୍ୱାଇଁ, ହରେକୃଷ୍ଣ ମଲିକ, ଜିଲ୍ଲା ପରିଷଦ ସଦସ୍ୟ ବି.ମନୋଜ କୁମାର ଦୋରା,ମନୋଜ ପରିଡା, ସନ୍ତୋଷ ନାୟକ ,ଏମ୍.ରଶ୍ମିତା ସେନାପତି,ନିଗମାନନ୍ଦ ରାଉତ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

ତିଥି :(ପ୍ରତିପଦ): (ଅଶ୍ୱିନୀ ମେଷ )
ଅମୃତ ବେଳା: ଦିବା ଘ ୯ ।୩୧ ଗତେ ଘ ୧୨ ।୪୩ ମଧ୍ୟେ

## ଆଜିର ଅନୁଚିନ୍ତନ

ସମସ୍ତ ପ୍ରାଣୀ ହୃଦେ ମୁହିଁ, ଜୀବ ସ୍ୱରୂପେ ବିରାଜଇ
ବେଦାନ୍ତ ଜ୍ଞାନ ଜାତ ମୁହିଁ, ବେଦାର୍ଥ ମୁଁ ଅଟଇ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଅହେତୁକ ଧାର୍ମିକ ବିଶୃଙ୍ଖଳା !

ମହାରାଷ୍ଟ୍ର ନାସିକ ସ୍ଥିତ ଟାଟା କନସଲଟାନସି ସର୍ଭିସେସ୍(ଟିସିଏସ)ର ବିଜିନେସ ପ୍ରୋସେସ୍ ଆଉଟସୋର୍ସିଂ(ବିପିଓ)ରେ କିଛି ମହିଳା କର୍ମଚାରୀଙ୍କୁ ଯୌନ ଉତ୍ପୀଡ଼ନ,ଭୟ/ଧମକ ପ୍ରଦର୍ଶନ, ଧର୍ମାନ୍ତରୀକରଣ ଉଦ୍ୟମ ଅଭିଯୋଗ ମାମଲାରେ ଅନ୍ୟୂନ ୮ ଜଣ ଗିରଫ ହୋଇଛନ୍ତି। ଦେଶର ବୃହତ୍ତମ ଆଇଟି ଫାର୍ମ ମଧ୍ୟରେ ଆଲୋଚ୍ୟ ସଂସ୍ଥା ଅନ୍ୟତମ। ଯେଉଁ ମର୍ଯ୍ୟାଦା ତଥା ସ୍ୱାଭିମାନ ଏହାଠାରୁ ଲୋଡ଼ା ଯାଉଥିଲା ତାହାକୁ ସଦ୍ୟ ଘଟଣା ଚୂରମାର କରିଦେଇଛି କହିଲେ କିଛି ଭୁଲ ହେବ ନାହିଁ। ଏହି ଘଟଣା ପୁଣି ପ୍ରଶ୍ନବାଚୀ ସୃଷ୍ଟି କରିଛି ଦେଶରେ ଆଉ କେଉଁଠି କେଉଁଠି ଏପରି ଘଟଣା ଚପିରହିଛି ନାନା ଭୟ ବା ଧମକ ଦୃଷ୍ଟିରୁ ?

ଦେଶରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଲାଗି ପ୍ରଧାନମନ୍ତ୍ରୀ ମୋଦି ଗୁରୁତ୍ୱ ଦେଉଥିବା ବେଳେ ଏହି ସମ୍ବେଦନଶୀଳ ଘଟଣା କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା ପ୍ରତି ଯେଉଁ ବିପଦ ସୃଷ୍ଟି କରିଛି ତାହାର ଚେର ବା ନେଟୱର୍କ କେତେ ସଶକ୍ତ ବା ଗଭୀରତାରେ ରହିଛି ତାହା ମୂଳୋତ୍ପାଟନ ନ ହେଲେ ମହିଳା ସଶକ୍ତିକରଣ ବହୁ ସମସ୍ୟା ଜର୍ଜରିତ ରହିବା ଅନିବାର୍ଯ୍ୟ।ହୁଏତ ସଦ୍ୟ ଘଟଣା ବାବଦରେ ଥାନାରେ ଅଭିଯୋଗ ଆସି ନ ଥିଲେ ଚାପ ଓ ସମସ୍ୟାର କେଉଁ ଅତଳ ଗର୍ଭରେ ଏହା ଲୀନ ହୋଇଯାଇଥାଆନ୍ତା। ଉକ୍ତ ସଂସ୍ଥାରେ କାର୍ଯ୍ୟରତ ଜଣେ ହିନ୍ଦୁ ମହିଳା ଅଚାନକ ନିର୍ଦ୍ଦିଷ୍ଟ ଏକ ଧର୍ମର ଉପବାସ ପାଳନ କରିବାର ଯଥାର୍ଥତା ନ ଥିଲା, ମାତ୍ର ଯାହା ମନେ ହୁଏ ମହିଳା ଜଣଙ୍କୁ ଏଭଳି ପ୍ରରୋଚିତ କରାଯାଇଥିଲା ଯେ ସେ ନିଜ ଧର୍ମ ପ୍ରତି ବୀତସ୍ପୃହ ହୋଇ ଅନ୍ୟ ଧର୍ମ ପ୍ରତି ଆକର୍ଷିତ କି ପ୍ରଲୋଭିତ ଅବା ଧମକାଣ ଭିତରେ ଥିଲେ ତାହା ଆଲୋଚିତ ଅଭିଯୋଗ ବିଶ୍ଳେଷଣ କଲେ କିଛି ଅନୁମାନ କରିହୁଏ। ପରବର୍ତ୍ତୀ ସମୟରେ ଏହି ସଂସ୍ଥାରେ କାର୍ଯ୍ୟରତ କିଛି ପୁରୁଷ କର୍ମଚାରୀଙ୍କ ବିରୋଧରେ ନଅଟି ଏଫଆଇଆର୍ ରୁଜୁ ମଧ୍ୟରୁ ୭ଟି ଅବୈଧ ଶାରୀରିକ ସଂପର୍କ,ଯୌନ ଆଧାରିତ ମନ୍ତବ୍ୟ,ଧର୍ମାନ୍ତରୀକରଣ ଆଦି ଅଭିଯୋଗ ଆସିଥିଲା। ଅଭିଯୋଗକାରୀଙ୍କ ମଧ୍ୟରୁ ଅଧିକାଂଶ ଥିଲେ ମହିଳା। ଯେଉଁମାନଙ୍କ ବୟସ ୧୮ରୁ ୨୫ ମଧ୍ୟରେ ଓ ଦରମା ମଧ୍ୟ ୧୮ରୁ ୨୫ ହଜାର ମଧ୍ୟରେ ଥିଲା। ପୋଲିସ ଏହି ମାମଲାରେ ହ୍ୱାଟସଆପ୍ ଚାଟ୍ ଓ ଅନ୍ୟାନ୍ୟ ଡିଜିଟାଲ ପ୍ରମାଣକୁ କରାୟତ୍ତ କରି ତାହାକୁ ଆଧାର କରି ଅନୁସନ୍ଧାନ ଆଗକୁ ନେଇଛି,ଯାହାର ଫଳାଫଳ ଆଗକୁ ଜଣାପଡ଼ିବ। ଏହି ମାମଲାରେ ସ୍ଥାନୀୟ ପୋଲିସ ପଦାଧିକାରୀ କିଛି ମହିଳା ପୋଲିସ କନେଷ୍ଟବଳଙ୍କୁ ଉକ୍ତ ସଂସ୍ଥାରେ ଆଉଟସୋର୍ସିଂ ଜରିଆରେ ହାଉସକିପିଂ କର୍ମଚାରୀ ଭାବରେ ଭର୍ତ୍ତି କରାଇ ପ୍ରମାଣ ସଂଗ୍ରହରେ ଲାଗି ପଡ଼ିଥିଲେ। ମାମଲା ଇତିମଧ୍ୟରେ ସୁପ୍ରିମକୋର୍ଟରେ ପହଞ୍ଚିଛି ଏବଂ ଏହି କୋର୍ଟରେ ମଧ୍ୟ ପହଞ୍ଚିବାର ଆବଶ୍ୟକତା ଥିଲା । କାରଣ ଆବେଦନକାରୀ ଯୁକ୍ତି ରଖିଛନ୍ତି ଯେ ସଂଘଟିତ ତଥା ପ୍ରତାରଣାପୂର୍ଣ୍ଣ ଭାବରେ ଧର୍ମାନ୍ତରୀକରଣ କରାଯାଉଛି,ଯାହା ଦେଶର ସାର୍ବଭୌମତ୍ୱ ସୁରକ୍ଷା ପ୍ରତି ପ୍ରଶ୍ନ ଲଗାଇଛି। ଏ ବାବଦରେ କେନ୍ଦ୍ର ଓ ରାଜ୍ୟସରକାରଙ୍କୁ ଆଦେଶ ଦିଆଗଲେ ଯାହା ପ୍ରତୀୟମାନ ହେଉଛି ଅହେତୁକ ଧାର୍ମିକ ବିଶୃଙ୍ଖଳା ଉତ୍ସ ଜଣାପଡ଼ନ୍ତା ଏବଂ ପ୍ରସଙ୍ଗ ନେଇ କଡା କାର୍ଯ୍ୟାନୁଷ୍ଠାନ ବା ପଦକ୍ଷେପ ଗ୍ରହଣରେ ଦେଶରେ ମହିଳାଙ୍କ ସୁରକ୍ଷାକୁ ଅଧିକ ଶକ୍ତି ମିଳିପାରନ୍ତା। ସୁରକ୍ଷା ସୁନିଶ୍ଚିତ ହୋଇପାରନ୍ତା।

# ହେପାଟାଇଟିସ୍, ଲିଭର ଓ ଫାଇବ୍ରୋସ୍କାନ୍

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଲିଭର ବା ଯକୃତ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରର ସବୁଠାରୁ ବଡ଼ଗ୍ରନ୍ଥି। ପେଟଭିତରର ମଧ ଭାଗର ଡାହାଣ ପଟକୁ ମଧ୍ୟଚ୍ଛଦାର ଠିକ୍ ତଳକୁ ରହିଥାଏ। ପଞ୍ଜରାହାଡ଼ ଭିତରେ ଏହା ସୁରକ୍ଷିତ ଅବସ୍ଥାରେ ରହିଥାଏ। ଏହାର ଲମ୍ବ ୨୦ସେ.ମି., ଓସାର ୧୬ ସେ.ମି. ଓ ଉଚ୍ଚତା ପ୍ରାୟ ୧୨ ସେ.ମି., ଓଜନ ପ୍ରାୟ ଦେଢ଼ରୁ ଦୁଇ କି.ଗ୍ରା। ରକ୍ତ ଜମାଟ ବାନ୍ଧିବା ପାଇଁ ଯେଉଁ ଉପାଦାନର ଆବଶ୍ୟକତା ରହିଛି ଯଥା ପ୍ରୋଥ୍ରୋମ୍ବିନ ଓ ଫିବ୍ରିନୋଜେନ୍ ତାହା ଯକୃତରେ ହିଁ ତିଆରି ହୁଏ। ପିତ୍ତ କ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଖାଦ୍ୟ ପାକସ୍ଥଳୀରୁ ଗ୍ରହଣୀ ମଧକୁ ପ୍ରବେଶ କରିବା ସମୟରେ ପିତ୍ତନଳୀ ଭିତରୁ ପିତ୍ତ ଆସି ଖାଦ୍ୟ ସହିତ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ। ରକ୍ତରେ ଗ୍ଲୁକୋଜର ପରିମାଣ ଅଧିକ ହେଲେ ଯକୃତ ଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଞ୍ଚୟ କରି ରଖେ। ଉପବାସ ସମୟରେ ରକ୍ତରୁ ଗ୍ଲୁକୋଜର ପରିମାଣ କମିଗଲେ ଯକୃତ ଗ୍ଲାଇକୋଜେନ୍‌କୁ ଗ୍ଲୁକୋଜରେ ପରିଣତ କରି ଶର୍କରାର ଭାରସାମ୍ୟ ରକ୍ଷା କରେ।

ଯକୃତ ବା କଲିଜାରେ ତନ୍ତୁ ଜମିଗଲେ ପ୍ରଦାହ ବା କ୍ଷତ ହୋଇ ସଂଯୋଜକ ତନ୍ତୁରେ ମୋଟାଦାଗ ଜମିଗଲେ ଏହା ଯକୃତର କାର୍ଯ୍ୟକ୍ଷମତାକୁ କମାଇ ଦିଏ। ଅତ୍ୟଧିକ ମଦ୍ୟପାନ, ଚର୍ବି ଜାତୀୟ ଖାଦ୍ୟ, ହେପାଟାଇଟିସ୍ 'ବି', 'ସି' ଓ 'ଡି' ସଂକ୍ରମଣ, ମଧୁମେହ, ପିତ୍ତକୋଷ ରୋଗ କିମ୍ବା ଅତ୍ୟଧିକ ଲୌହକଣା ଜମିଗଲେ ଲିଭରରେ ସୂତ୍ରତନ୍ତୁମୟତା ସୃଷ୍ଟି ହୁଏ ଓ ଯକୃତ ସଂକୁଚିତ ହୋଇ ଉପରିଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ସୃଷ୍ଟି ହୋଇ ସିରୋସିସ୍ ରୋଗରେ ରୂପାନ୍ତରିତ ହୁଏ। ଏହି ସୂତ୍ରତନ୍ତୁମୟତାକୁ ମାପିବା ପାଇଁ ଲିଭରରୁ ଜୀବନ୍ତତନ୍ତୁ ନେଇ ପରୀକ୍ଷା କରାଯାଏ। ଏକ ଛୁଞ୍ଚି ସାହାଯ୍ୟରେ ଯକୃତରୁ ଏକ ଛୋଟ ଅଂଶ କାଟିନେଇ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପରୀକ୍ଷା କରାଯାଏ। କିନ୍ତୁ ଏହା ଏକ କଷ୍ଟକର ପରୀକ୍ଷା ଓ ବେଳେବେଳେ ଆଭ୍ୟନ୍ତରୀଣ ରକ୍ତକ୍ଷରଣ ମାଧ୍ୟମରେ ରୋଗୀ ଅଧିକ କଷ୍ଟପାଏ। ତେଣୁ ଲିଭରକୁ କ୍ଷତି ନକରି ବା କୌଣସି ପ୍ରକାର ଛୁଞ୍ଚି ଦ୍ୱାରା ଜୀବନ୍ତ ତନ୍ତୁ ନ ନେଇ ଫାଇବ୍ରୋସ୍କାନ ମାଧ୍ୟମରେ ଏହି ସୂତ୍ରତନ୍ତୁମୟତାକୁ ମାପିହେବ। ଏହା ଏକ ଅତ୍ୟଧିକ ସୂକ୍ଷ୍ମମାନର ଯନ୍ତ୍ର। ଅଲଟ୍ରାସାଉଣ୍ଡର ଶଳାକା (ପ୍ରୋବ୍) ପରି ଏହାର ମଧ ଏକ ଶଳାକା ଥାଏ ଯାହାକି ଡାହାଣ ଛାତିର ନିମ୍ନଭାଗରେ ରଖି ବୋତାମ ଚିପିଲେ କଲିଜାର କଠିନତା ସମ୍ବନ୍ଧରେ ମାପିହୁଏ। କମ୍ପ୍ୟୁଟର ମାଧ୍ୟମରେ ଏହି ତଥ୍ୟକୁ ପର୍ଯ୍ୟବେକ୍ଷଣ କଲାପରେ ପରଦାରେ ଏହାର ମାନ ଲିଖିତ ଆକାରରେ ଦେଖାଯାଏ। ଦଶ ମିନିଟ ଭିତରେ ଏହି ପରୀକ୍ଷା ଶେଷ ହୁଏ। ଏଥିରେ କୌଣସି କଷ୍ଟ ହୁଏନାହିଁ ବା ରକ୍ତ ବାହାରେ ନାହିଁ। ଏହି ପରୀକ୍ଷା ପୂର୍ବରୁ ଖାଲି ପେଟ ରହିବା ଜରୁରୀ। ଅତ୍ୟଧିକ ମୋଟା ବ୍ୟକ୍ତି, ଯେଉଁମାନଙ୍କ ପେଟରେ ପାଣି ଜମିଯାଇଛି, ବୟସ୍କ ବ୍ୟକ୍ତିମାନଙ୍କର ଫାଇବ୍ରୋସ୍କାନ୍ ଠିକ୍ ଭାବରେ କରିହୁଏ ନାହିଁ। ଯେଉଁମାନଙ୍କର ହୃତ୍‌ପିଣ୍ଡରେ ପେସ୍‌ମେକର ବା ଗତିଚାଳକ ଲାଗିଛି ବା ଗର୍ଭବତୀ ମହିଳାମାନଙ୍କର ଫାଇବ୍ରୋସ୍କାନିଂ ପରୀକ୍ଷା ନିଷେଧ। ଫାଇବ୍ରୋସ୍କାନିଂ ମାଧ୍ୟମରେ ପେଟର ଅନ୍ୟାନ୍ୟ ଅଙ୍ଗ ଯଥା ଅଗ୍ନ୍ୟାଶୟ, ପ୍ଲୀହା, ଜରାୟୁ ଓ ଖାଦ୍ୟନଳୀ ପରୀକ୍ଷା ହୋଇପାରେ ନାହିଁ। ଯକୃତର ଜଟିଳତା ବ୍ୟତୀତ ଅନ୍ୟ କୌଣସି ଅଙ୍ଗକୁ ପରୀକ୍ଷା କରିବା ଏହି ଫାଇବ୍ରୋସ୍କାନରେ ସମ୍ଭବ ନୁହେଁ। ଏହି ଫାଇବ୍ରୋସ୍କାନିଂ ମାଧ୍ୟମରେ ଯକୃତର ତନ୍ତୁମୟତା ବା ଜଟିଳତା ଜଣା ପଡ଼ିଲେ ରୋଗୀ ସହଜରେ ସଚେତନ ହୁଏ। ତନ୍ତୁମୟତା ଯେତେ ବେଶି ହୁଏ ଲିଭରର କର୍ମ କ୍ଷମତା ମଧ୍ୟ ସେତେ ପରିମାଣରେ ବ୍ୟାହତ ହୁଏ ଓ ଧୀରେ ଧୀରେ ଏହା ସିରୋସିସ୍ ରୋଗରେ ଆକ୍ରାନ୍ତ ହୁଏ। ଜନସାଧାରଣଙ୍କର ସଚେତନତା ବୃଦ୍ଧି ହେଲେ ସେମାନେ ମଦ୍ୟପାନ, ଚର୍ବିଜାତୀୟ ଖାଦ୍ୟରୁ ବିରତ ଓ ହେପାଟାଇଟିସ୍ ସଂକ୍ରମଣ ସମ୍ବନ୍ଧର ଚିକିତ୍ସା କରିବାକୁ ଆଗେଇ ଆସନ୍ତି। ସହଜ ପାଚ୍ୟ ନିରାମିଷ ଖାଦ୍ୟ ଓ କିଛି ସମୟ ବ୍ୟାୟାମ ମାଧ୍ୟମରେ ଲିଭରର ସ୍ୱାସ୍ଥ୍ୟ ମଧ୍ୟ ରକ୍ଷା କରିହେବ। ଶରୀରର କୋଷଗୁଡ଼ିକ ଯକୃତ ବିରୋଧରେ କାମ କଲେ ଯକୃତ ଖରାପ ହୋଇଯାଏ। ଏହା ଖୁବ୍ କମ୍ ପରିମାଣରେ ଦେଖାଯାଏ। ଯକୃତ ଖରାପ ହେବାର ଲକ୍ଷଣ ଡେରିରେ ଜଣାପଡ଼େ। ୬୦-୮୦ ପ୍ରତିଶତ ଯକୃତର କୋଷ କ୍ଷତିଗ୍ରସ୍ତ ହେବା ପରେ ହିଁ ଲକ୍ଷଣ ପ୍ରକାଶ ପାଇଥାଏ। ତେଣୁ ଯକୃତ ପରୀକ୍ଷା କରାଇ ନେବା ଜରୁରୀ। ଏହା ଯକୃତର କ୍ଷମତା ଜଣାଇଥାଏ। ଫ୍ୟାଟି ଲିଭର ପାଇଁ ଅଲଟ୍ରାସାଉଣ୍ଡ ଓ ଫାଇବ୍ରୋସ୍କାନ ପରୀକ୍ଷା କରିପାରିବେ। ରକ୍ତ ପରୀକ୍ଷାରୁ ଯକୃତ ବାବଦରେ ଜଣାନପଡ଼ିଲେ ବିଶେଷଜ୍ଞ ବାୟୋପ୍‌ସିର ପରାମର୍ଶ ଦେଇଥାନ୍ତି। ଏଥିରେ ଯକୃତର କିଛି ଅଂଶ ଲାବୋରେଟୋରୀ ପଠାଯାଇ ପରୀକ୍ଷା କରାଯାଏ। ତେବେ ଯକୃତକୁ ସୁସ୍ଥ ରଖିବା ଲାଗି ସ୍ୱଚ୍ଛ ପାଣି ପିଅନ୍ତୁ, ଦୂଷିତ ଖାଦ୍ୟରୁ ଦୂରେଇ ରହନ୍ତୁ, ବ୍ୟାୟାମ କରନ୍ତୁ, ସୁରକ୍ଷିତ ଶାରୀରିକ ସମ୍ପର୍କ ରଖନ୍ତୁ, ୪୦ ବର୍ଷ ବୟସରେ ପରେ ଯକୃତ ପରୀକ୍ଷା କରାଇ ନିଅନ୍ତୁ ଏବଂ ସବୁଠାରୁ ବଡ଼ କଥା ମଦ୍ୟପାନ ଓ ଧୂମପାନରୁ ବିରତ ରୁହନ୍ତୁ। ହେପାଟାଇଟିସ୍ ବି ଟିକା ନେଇ ହେପାଟାଇଟିସ୍ ବି, ଲିଭର ସିରୋସିସ୍ ଓ ଲିଭର୍ କ୍ୟାନସରରୁ ମୁକ୍ତି ପାଆନ୍ତୁ। ଶାଗ, ସବୁଜ ପନିପରିବା, ସେଓ, ଅଙ୍ଗୁର, ଗାଜର, ବିଟ୍, ରସୁଣ, ଅଲିଭ ଅଏଲ, ଲେମ୍ବୁ ସରବର, ଗ୍ରୀନ୍ ଟି', ଫୁଲକୋବି, ବନ୍ଧାକୋବି, ହଳଦୀ ଇତ୍ୟାଦି ଖାଦ୍ୟ ଲିଭରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ।

ଦୂରଭାଷ : ୯୪୩୭୦୫୧୯୫୭

# ଏଲନିନୋ ବିଶ୍ୱ ପାଇଁ କେତେ ଭୟଙ୍କର ?

**ଡ. ଅମୂଲ୍ୟ କୁମାର ପଣ୍ଡା**

> ଏଲନିନୋ କେବଳ ଓଡ଼ିଶା କିମ୍ବା ଭାରତକୁ ନୁହେଁ ବରଂ ସମଗ୍ର ବିଶ୍ୱକୁ ପ୍ରଭାବିତ କରେ। ଉଦାହରଣ ସ୍ୱରୂପ ଆମେରିକାରେ ବିନାଶକାରୀ ବନ୍ୟା, ଅଷ୍ଟ୍ରେଲିଆରେ ପ୍ରବଳ ଉଷ୍ମ ଲହରୀ ତଥା ଉତ୍ତାପ ବୃଦ୍ଧି ଏବଂ ଆଫ୍ରିକାରେ ଖାଦ୍ୟ ଅଭାବ ଭଳି ପ୍ରାକୃତିକ ବିପର୍ଯ୍ୟୟ ମାନ ସାଧାରଣ ଭାବେ ଅନୁଭୂତ ହୋଇଥାଏ । ଆଜିକାଲି ଜଳବାୟୁ ପରିବର୍ତ୍ତନ ମାନବ କାର୍ଯ୍ୟକଳାପ ଦ୍ୱାରା ପରିଚାଳିତ ହେଉଛି। ଯେପରିକି କଂକ୍ରିଟ୍ ଘରର ଅତ୍ୟଧିକ ନିର୍ମାଣ, ପକ୍କା ରାସ୍ତା ନିର୍ମାଣ, ଅତ୍ୟଧିକ ଜଙ୍ଗଲ କାଟିବା, ଅତ୍ୟଧିକ ଯାନବାହନ ବ୍ୟବହାର, କଳକାରଖାନାର ଅଭିବୃଦ୍ଧି , ପରମାଣୁ ଅସ୍ତ୍ର ପରୀକ୍ଷଣ ଓ କ୍ଷେପଣାସ୍ତ୍ର ପରୀକ୍ଷଣ ଇତ୍ୟାଦି ଇତ୍ୟାଦି ।

ଜଳବାୟୁ ପରିବର୍ତ୍ତନ ସମସ୍ତ ମାନବ ସମାଜ ପାଇଁ ଏକ ପ୍ରମୁଖ ଚିନ୍ତାର ବିଷୟ ପାଲଟିଛି। ବର୍ତ୍ତମାନ ଏଲନିନୋ ନାମରେ ପରିଚିତ ପ୍ରାକୃତିକ ବିପର୍ଯ୍ୟୟ କ୍ରମଶଃ ବିପଜ୍ଜନକ ହେବାରେ ଲାଗିଛି। ଏଲନିନୋ ବିଶ୍ୱ ଉଷ୍ଣତା, ବର୍ଷା ଅସନ୍ତୁଳନ, ଉଷ୍ମ ସମୁଦ୍ର ତରଙ୍ଗ, ବନ୍ୟା ଏବଂ ଝଡ଼ ସମେତ ଅନେକ ପ୍ରାକୃତିକ ବିପର୍ଯ୍ୟୟ ସହିତ ଜଡିତ। ଏଲନିନୋ ଏକ ପ୍ରାକୃତିକ ପ୍ରକ୍ରିୟା ଯାହା କେନ୍ଦ୍ରୀୟ ଏବଂ ପୂର୍ବ ପ୍ରଶାନ୍ତ ମହାସାଗରରେ ଜଳ ତାପମାତ୍ରା ବୃଦ୍ଧି କରେ। ଏହ ସମୟେ ସମୟେ ତଥା ମଝିରେ ମଝିରେ ଘଟେ, ସବୁବେଳେ ତଥା ସବୁ ସମୟରେ ନୁହେଁ । ସାଧାରଣତଃ ପ୍ରତି ୨ରୁ ୭ ବର୍ଷରେ ଏହା ଘଟିଥାଏ । ଏଲନିନୋ ଶବ୍ଦଟି ସ୍ପାନିସ୍ ଶବ୍ଦ 'ଛୋଟ ପିଲା' ରୁ ଆସିଛି। ପେରୁ ମତ୍ସ୍ୟଜୀବୀମାନେ ଏହି ଘଟଣାଟିକୁ ପ୍ରଥମେ ଚିହ୍ନି ପାରିଥିଲେ। ସାଧାରଣତଃ ପଶ୍ଚିମ ପ୍ରଶାନ୍ତ ମହାସାଗରରେ ଉଷ୍ମ ପାଣି ଥାଏ ଏବଂ ପୂର୍ବ ପ୍ରଶାନ୍ତ ମହାସାଗରରେ ଥଣ୍ଡା ପାଣି ଥାଏ। ସେଠି ଉତ୍ପନ୍ନ ପବନ ଯାହାକୁ ବାଣିଜ୍ୟ ବାୟୁ ମଧ କୁହାଯାଏ, ଏହା ପଶ୍ଚିମ ଦିଗକୁ ବହେ ଏବଂ ଜଳରେ ସନ୍ତୁଳନ ବଜାୟ ରଖେ। ତଥାପି ଏଲନିନୋ ସମୟରେ ଏହି ପବନ ଦୁର୍ବଳ ହୋଇଯାଏ ଏବଂ ଉଷ୍ମ ପାଣି ପୂର୍ବ ଦିଗକୁ ଗତି କରେ। ଏହା ସମୁଦ୍ରର ତାପମାତ୍ରାକୁ ବୃଦ୍ଧି କରେ ଏବଂ ପ୍ରାକୃତିକ ବର୍ଷାର ଢାଞ୍ଚାକୁ ପରିବର୍ତ୍ତନ କରେ, ଯାହାକୁ ଏଲନିନୋ କୁହାଯାଏ। ବର୍ତ୍ତମାନ ଏଲନିନୋ ବିଶ୍ୱରେ ଅତ୍ୟଧିକ ତାପମାତ୍ରା ସୃଷ୍ଟି କରୁଛି। ଏହା ବିଶ୍ୱ ଉଷ୍ଣତାକୁ ତ୍ୱରାନ୍ୱିତ ମଧ କରୁଛି। ଏହାଦ୍ୱାରା କିଛି ଅଞ୍ଚଳରେ ଅତ୍ୟଧିକ ବର୍ଷା ହୋଇଥାଏ ଯେତେବେଳେ ଅନ୍ୟ ଅଞ୍ଚଳରେ ପ୍ରବଳ ଗରମ ପାଗ ଅନୁଭବ କରାଏ । ଏହି ଏଲନିନୋ ପ୍ରଭାବରେ ଭାରତରେ ବର୍ଷା ପ୍ରାୟତଃ ହ୍ରାସ ପାଏ, ଫଳରେ ଫସଲ ନଷ୍ଟ ହୁଏ, ଧାନ ଉତ୍ପାଦନ ହ୍ରାସ ପାଏ ଏବଂ ଚାଷୀଙ୍କ ଆର୍ଥିକ କ୍ଷତି ହୋଇଥାଏ । ଏଲନିନୋ ଜଳସ୍ତରକୁ ହ୍ରାସ କରେ, ଯାହା ଫଳରେ ପାନୀୟ ଜଳର ଅଭାବ ମଧ୍ୟ ଦେଖାଦିଏ। ଏଲନିନୋ ବନ୍ୟା ଉଷ୍ମ ଲହରୀ, ଘୂର୍ଣ୍ଣିଝଡ଼ ଏବଂ ଜଙ୍ଗଲରେ ନିଆଁ ଲଗିଲା ଭଳି ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି କରିପାରେ। ଭାରତର ପାଗ ମୁଖ୍ୟତଃ ମୌସୁମୀ ବର୍ଷା ଉପରେ ନିର୍ଭର କରେ। ଏଲନିନୋ ସମୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ହୁଏ ଓ ବର୍ଷା ଅନିୟମିତ ହୁଏ ଏବଂ ବାୟୁମଣ୍ଡଳ ଉଷ୍ମ ହୋଇଯାଏ। ତା ସହିତ ପ୍ରବଳ ପବନ ବହିଥାଏ। ଏହି ପ୍ରଭାବ ଓଡ଼ିଶାରେ ମଧ ଅନୁଭୂତ ହୁଏ ଯାହା ଧାନ ଚାଷକୁ ପ୍ରଭାବିତ କରେ ଏବଂ ବୃଦ୍ଧି ପାଉଥିବା ତାପମାତ୍ରା ଯୋଗୁଁ ଜଳ ଅଭାବ ସୃଷ୍ଟି କରେ ଆଉ ଏହା



ପ୍ରଭାବରେ ସମଗ୍ର ଚାଷୀ କୂଳ ଭିଷଣ କ୍ଷତି ସହିଥାନ୍ତି । ଏଲନିନୋ କେବଳ ଓଡ଼ିଶା କିମ୍ବା ଭାରତକୁ ନୁହେଁ ବରଂ ସମଗ୍ର ବିଶ୍ୱକୁ ପ୍ରଭାବିତ କରେ। ଉଦାହରଣ ସ୍ୱରୂପ ଆମେରିକାରେ ବିନାଶକାରୀ ବନ୍ୟା, ଅଷ୍ଟ୍ରେଲିଆରେ ପ୍ରବଳ ଉଷ୍ମ ଲହରୀ ତଥା ଉତ୍ତାପ ବୃଦ୍ଧି ଏବଂ ଆଫ୍ରିକାରେ ଖାଦ୍ୟ ଅଭାବ ଭଳି ପ୍ରାକୃତିକ ବିପର୍ଯ୍ୟୟମାନ ସାଧାରଣ ଭାବେ ଅନୁଭୂତ ହୋଇଥାଏ । ଆଜିକାଲି ଜଳବାୟୁ ପରିବର୍ତ୍ତନ ମାନବ କାର୍ଯ୍ୟକଳାପ ଦ୍ୱାରା ପରିଚାଳିତ ହେଉଛି। ଯେପରିକି କଂକ୍ରିଟ୍ ଘରର ଅତ୍ୟଧିକ ନିର୍ମାଣ, ପକ୍କା ରାସ୍ତା ନିର୍ମାଣ, ଅତ୍ୟଧିକ ଜଙ୍ଗଲ କାଟିବା, ଅତ୍ୟଧିକ ଯାନବାହନ ବ୍ୟବହାର, କଳକାରଖାନାର ଅଭିବୃଦ୍ଧି , ପରମାଣୁ ଅସ୍ତ୍ର ପରୀକ୍ଷଣ ଓ କ୍ଷେପଣାସ୍ତ୍ର ପରୀକ୍ଷଣ ଇତ୍ୟାଦି ଇତ୍ୟାଦି । ଏହା ଏଲନିନୋକୁ ଆହୁରି ଶକ୍ତିଶାଳୀ କରୁଛି ଏବଂ ଏହାର ପ୍ରଭାବକୁ ଅଧିକ ଗମ୍ଭୀର କରୁଛି। ଏଲନିନୋର ପ୍ରଭାବକୁ ହ୍ରାସ କରିବା ପାଇଁ ବିଭିନ୍ନ ସ୍ତରରେ ଉପାୟ ମାନ ଖୋଜିବାକୁ ହେବ । ନଚେତ୍ ଭବିଷ୍ୟତ ଏହାଦ୍ୱାରା ଆହୁରି ଭୟଙ୍କର ହେବ ଏଥିରେ କୌଣସି ସନ୍ଦେହ ନାହିଁ। ଏହି ଏଲନିନୋକୁ ନିୟନ୍ତ୍ରଣ କରିବା ପାଇଁ ଆମକୁ ପରିବେଶ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ପଡିବ। ଯେପରିକି ଅଧିକ ଗଛ ଲଗାଇବା ଏବଂ ଜଙ୍ଗଲ ସୁରକ୍ଷା କରିବା। ଜଳ ସଂରକ୍ଷଣ ଏବଂ ବର୍ଷାଜଳ ସଂଗ୍ରହ କରିବା ଭଳି ଜଳ ପରିଚାଳନା ପଦ୍ଧତି ଗ୍ରହଣ କରିବାକୁ ପଡିବ। ଆମକୁ କୃଷିରେ ପରିବର୍ତ୍ତନ ଆଣିବାକୁ ପଡିବ। ଯେପରିକି ମରୁଡି ସହିଷ୍ଣୁ ଫସଲ ଚାଷ ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା। ଏହା ସହିତ ସମସ୍ତିଙ୍କ ମଧ୍ୟରେ ସଚେତନତା ଆଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସରକାର ଏବଂ ବିଭିନ୍ନ ସଂଗଠନକୁ ଜନସଚେତନତା ବୃଦ୍ଧି କରିବା ପାଇଁ ପ୍ରଥମ ପଦକ୍ଷେପ ନେବାକୁ ପଡିବ ଏବଂ ଏଥିପାଇଁ ଏକ ସ୍ୱତନ୍ତ୍ର ସରକାରୀ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ବୈଜ୍ଞାନିକମାନେ ପୂର୍ବାନୁମାନ କରି କହିଛନ୍ତି ଯେ ଆଗାମୀ ଦିନରେ ଏଲନିନୋର ପ୍ରଭାବ ଅଧିକରୁ ଅଧିକ ବୃଦ୍ଧି ପାଇପାରେ। ଯଦି ଆମେ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ନ ଦେଉ, ତେବେ ଏହା ମାନବ ଜୀବନ ପାଇଁ ଏକ ଗୁରୁତର ବିପଦ ସୃଷ୍ଟି କରିବ। ବର୍ତ୍ତମାନ ଏଲନିନୋ ସମଗ୍ର ପୃଥିବୀ ପାଇଁ ଏକ ଅତ୍ୟନ୍ତ ବିପଜ୍ଜନକ ରୂପ ନେଇଛି। ଏହା ବିଶ୍ୱ ଜଳବାୟୁ ଉପରେ ବିପର୍ଯ୍ୟୟ ସୃଷ୍ଟି କରୁଛି ଏବଂ ମାନବ ଜୀବନକୁ ପ୍ରଭାବିତ କରୁଛି। ତେଣୁ ଆମେ ସମସ୍ତେ ପରିବେଶ ସୁରକ୍ଷା ଏବଂ ସତର୍କ ରହି ଏହାର ପ୍ରଭାବକୁ ହ୍ରାସ କରିବାକୁ ପଡିବ । ଯଦିଓ ଏଲନିନୋ ଏକ ପ୍ରାକୃତିକ ଘଟଣା କିନ୍ତୁ ମାନବ କାର୍ଯ୍ୟକଳାପ ଏହାକୁ ଆହୁରି ବିପଜ୍ଜନକ କରୁଛି ବା ବଳବାନ କରୁଛି । ଏ କ୍ଷେତ୍ରରେ ଯଦି ଆମେ ଏବେ ସଚେତନ ନ ହୁଅନ୍ତି, ତେବେ ପରବର୍ତ୍ତୀ ପିଢ଼ି ପାଇଁ ପୃଥିବୀରେ ରହିବା କଷ୍ଟକର ହୋଇଯାଇପାରେ।

ମୋ - ୮୨୪୯୫୦୨୭୭୬

# ସଂରକ୍ଷଣ କେବଳ କ'ଣ 'ସଂଖ୍ୟା ବୃଦ୍ଧି' ପାଇଁ ?

**ଅସିତ ମହାନ୍ତି**

> 'ନାରୀ ଶକ୍ତି ବନ୍ଦନ ଆଇନ' ନାମକ ଏହି ବିଲ୍ ୨୦୨୯ରୁ କାର୍ଯ୍ୟକାରୀ ହେବାକୁ ଯୋଜନା କରାଯାଇଛି, ଯାହା ଅଧୀନରେ ଲୋକସଭାର ମୋଟ ୮୧୬ ଆସନ ମଧ୍ୟରୁ ୨୭୩ ଟି ମହିଳାମାନଙ୍କ ପାଇଁ, ଅର୍ଥାତ୍ ୩୩ % ସଂରକ୍ଷିତ ରହିବ। ଏହି ବିଲ୍ ଏକ ସାମ୍ବିଧାନିକ ସଂଶୋଧନ ଅନ୍ତର୍ଭୁକ୍ତ ହୋଇଥିବାରୁ ଏକ ସ୍ୱାଧୀନ ଅଧିବେଶନ ଡାକିବାର ଆବଶ୍ୟକତା ଦେଖାଦେଇଥିଲା। ଏପରି ବିଲଗୁଡ଼ିକ ପାସ୍ ହେବା ପାଇଁ ଏକ ବିଶେଷ ବହୁମତ ଏବଂ ତୀବ୍ର ବିତର୍କ ଆବଶ୍ୟକ କରେ। ସାଧାରଣ ଅଧିବେଶନରେ, ସମୟ ପ୍ରାୟତଃ ଅନ୍ୟ ବିଲ୍ ଏବଂ ରାଜନୈତିକ ବିତର୍କ ଦ୍ୱାରା ବିଭକ୍ତ ହୋଇଥାଏ।

ସମ୍ବିଧାନ ସଂଶୋଧନ ପାଇଁ ଦୁଇଟି ପ୍ରସ୍ତାବିତ ଆଇନ ବା ବିଲ୍ ଗ୍ରହଣ କରିବା ପାଇଁ ଏପ୍ରିଲ ୧୬-୧୮ ମଧ୍ୟରେ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି: ୧ - ଲୋକସଭାକୁ ୫୪୩ ରୁ ୮୧୬ ଆସନକୁ ବିସ୍ତାର କରିବା ଏବଂ ସେଥିମଧ୍ୟରୁ ଏକ ତୃତୀୟାଂଶ ଆସନ ସଂରକ୍ଷଣ କରିବା । 'ନାରୀ ଶକ୍ତି ବନ୍ଦନ ଆଇନ' ନାମକ ଏହି ବିଲ୍ ୨୦୨୯ରୁ କାର୍ଯ୍ୟକାରୀ ହେବାକୁ ଯୋଜନା କରାଯାଇଛି, ଯାହା ଅଧୀନରେ ଲୋକସଭାର ମୋଟ ୮୧୬ ଆସନ ମଧ୍ୟରୁ ୨୭୩ ଟି ମହିଳାମାନଙ୍କ ପାଇଁ, ଅର୍ଥାତ ୩୩ % ସଂରକ୍ଷିତ ରହିବ।

ଏହି ବିଲରେ ଏକ ସାମ୍ବିଧାନିକ ସଂଶୋଧନ ଅନ୍ତର୍ଭୁକ୍ତ ହୋଇଥିବାରୁ ଏକ ସ୍ୱାଧୀନ ଅଧିବେଶନ ଡାକିବାର ଆବଶ୍ୟକତା ଦେଖାଦେଇଥିଲା। ଏପରି ବିଲଗୁଡ଼ିକ ପାସ୍ ହେବା ପାଇଁ ଏକ ବିଶେଷ ବହୁମତ ଏବଂ ତୀବ୍ର ବିତର୍କ ଆବଶ୍ୟକ କରେ। ସାଧାରଣ ଅଧିବେଶନରେ, ସମୟ ପ୍ରାୟତଃ ଅନ୍ୟ ବିଲ୍ ଏବଂ ରାଜନୈତିକ ବିତର୍କ ଦ୍ୱାରା ବିଭକ୍ତ ହୋଇଥାଏ। ଏକ ସ୍ୱାଧୀନ ଅଧିବେଶନ ଡାକି ସରକାର ନିଶ୍ଚିତ କରିଥିଲେ ଯେ ସମସ୍ତ ଧ୍ୟାନ ଏହି ଐତିହାସିକ ବିଲ୍ ଉପରେ କେନ୍ଦ୍ରିତ ରହିବ ଏବଂ ଏହାକୁ ବିଳମ୍ବ ନ କରି ପାସ୍ କରାଯାଇପାରିବ। ଏହା ପଛରେ ଏକ ରାଜନୈତିକ ହିସାବ ମଧ ରହିଛି। ମହିଳା ସଂରକ୍ଷଣର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନେଇ ସରକାର ଜନସାଧାରଣଙ୍କୁ ଏକ ସକାରାତ୍ମକ ବାର୍ତ୍ତା ପଠାଇବାକୁ ଚାହୁଁଥିଲେ। ଏହି ପଦକ୍ଷେପ କେବଳ ମହିଳା ସଶକ୍ତିକରଣର ପ୍ରତୀକ ନୁହେଁ ବରଂ ସରକାରଙ୍କ ପାଇଁ ରାଜନୈତିକ ଭାବରେ ମଧ ଲାଭଦାୟକ କାରଣ ଏହା ସାମାଜିକ ନ୍ୟାୟ ଏବଂ ସମାନତା ପ୍ରସଙ୍ଗ ପ୍ରତି ଏହାର ଗମ୍ଭୀରତାକୁ ପ୍ରଦର୍ଶନ କରେ। ଏପରି ଜରୁରୀତାର ଆଉ ଏକ କାରଣ ହେଉଛି ଯଦି ଏହା ବିଳମ୍ବ ହୋଇଥାନ୍ତା, ତେବେ ବିରୋଧୀ ଦଳ ଏହାକୁ ଆଗାମୀ ନିର୍ବାଚନରେ ଏକ ପ୍ରସଙ୍ଗ କରିପାରିଥାନ୍ତେ। ଏକ ସ୍ୱାଧୀନ ଅଧିବେଶନ ଡାକି ସରକାର ପ୍ରଦର୍ଶନ କରିଛନ୍ତି ଯେ ସେ ଏହି ପ୍ରସଙ୍ଗକୁ ପ୍ରାଥମିକତା ଦିଅନ୍ତି ଏବଂ ଏହାକୁ ଏକ ଐତିହାସିକ ସଫଳତା ଭାବରେ ଚିହ୍ନିତ କରିବାକୁ ଚାହାଁନ୍ତି। ଏହି ବିଲ୍ ଲକ୍ଷ୍ୟ ହେଉଛି ମହିଳାମାନଙ୍କୁ ରାଜନୀତିରେ ସମାନ ସୁଯୋଗ ପ୍ରଦାନ କରିବା, ଯାହା ସେମାନଙ୍କୁ ନିଷ୍ପତ୍ତି ଗ୍ରହଣରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ସକ୍ଷମ କରିବ। ଦୀର୍ଘ ଦିନ ଧରି ଯୁକ୍ତି ଦିଆଯାଇଛି ଯେ ଭାରତୀୟ ରାଜନୀତିରେ ମହିଳାଙ୍କ ଅଂଶଗ୍ରହଣ ସୀମିତ ଏବଂ ପ୍ରାୟତଃ ସୀମାନ୍ତ। ଏହି ସଂରକ୍ଷଣ ସଂସଦରେ ମହିଳାମାନଙ୍କୁ ଏକ ଦୃଢ଼ ସ୍ୱର ପ୍ରଦାନ କରିବ ଏବଂ ସେମାନଙ୍କୁ ନୀତି ନିର୍ଦ୍ଧାରଣରେ ସିଧାସଳଖ ଯୋଗଦାନ ଦେବାକୁ ଅନୁମତି ଦେବ। ତଥାପି, ପ୍ରତ୍ୟେକ ବଡ଼ ପରିବର୍ତ୍ତନ ସହିତ, ଚ୍ୟାଲେଞ୍ଜ ଏବଂ ସମ୍ଭାବ୍ୟ ପାର୍ଶ୍ୱ ପ୍ରତିକ୍ରିୟା ରହିଛି। ଏହି ବିଲ୍ର କିଛି ଦିଗ ମଧ ଅଛି ଯାହାକୁ 'ଅବାଞ୍ଛିତ ପରିଣାମ' କିମ୍ବା 'ତ୍ରୁଟି' ଭାବରେ ବିବେଚନା କରାଯାଇପାରିବ। ସମ୍ଭାବ୍ୟ ପାର୍ଶ୍ୱ ପ୍ରତିକ୍ରିୟା - ପ୍ରଥମତଃ, ଏହା ବୁଝିବା ଗୁରୁତ୍ୱପୂର୍ଣ୍ଣ ଯେ ସଂରକ୍ଷଣର ଧାରଣା ସମାନତା ସ୍ଥାପନ କରିବା, କିନ୍ତୁ ଏହା ସ୍ଥାୟୀ ଭାବରେ ସମାନତା ସୁନିଶ୍ଚିତ କରେ ନାହିଁ। ଯେତେବେଳେ ଗୋଟିଏ ବର୍ଗକୁ ବିଶେଷ ସୁବିଧା ପ୍ରଦାନ କରାଯାଏ, ଏହା ଅନ୍ୟ ବର୍ଗ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିପାରେ। ଅନ୍ୟ ଏକ ପ୍ରମୁଖ ଚ୍ୟାଲେଞ୍ଜ ହେଉଛି ଯେ 'ପ୍ରକ୍ସି ରାଜନୀତି' ପ୍ରାୟତଃ ସଂରକ୍ଷିତ ଆସନରେ ଦେଖାଯାଏ। ପୁରୁଷ ନେତାମାନେ ପ୍ରାୟତଃ ସେମାନଙ୍କର ସ୍ତ୍ରୀ, ଝିଅ କିମ୍ବା ସମ୍ପର୍କୀୟମାନଙ୍କୁ ପ୍ରାର୍ଥୀ କରନ୍ତି, ପ୍ରକୃତ କ୍ଷମତା ବଜାୟ ରଖନ୍ତି। ଏହା ମହିଳାମାନଙ୍କୁ ପ୍ରକୃତରେ ନିଜକୁ ସଶକ୍ତ କରିବାରେ ବାଧା ଦିଏ ଏବଂ ସଂରକ୍ଷଣର ଉଦ୍ଦେଶ୍ୟକୁ ପରାସ୍ତ କରେ। ଅଧିକନ୍ତୁ, ଏପରି ଆଶଙ୍କା ଅଛି ଯେ ସଂରକ୍ଷଣ ମହିଳାଙ୍କୁ 'ବିଶେଷାଧିକାରପ୍ରାପ୍ତ ବର୍ଗ' ଭାବରେ ଦେଖାଯିବ। ଏହା ସେମାନଙ୍କ ରାଜନୈତିକ ଦକ୍ଷତା ଉପରେ ପ୍ରଶ୍ନ ଉଠାଇପାରେ ଏବଂ ଏହି ଧାରଣା ସୃଷ୍ଟି କରିପାରେ ଯେ ସେମାନେ ନିଜ ଯୋଗ୍ୟତା ବଦଳରେ କେବଳ ସଂରକ୍ଷଣ ଯୋଗୁଁ କ୍ଷମତାକୁ ଆସିଛନ୍ତି। ଏହି ମାନସିକତା ମହିଳାଙ୍କ ଆତ୍ମବିଶ୍ୱାସକୁ ପ୍ରଭାବିତ କରିପାରେ। ଅନ୍ୟ ଏକ ସମସ୍ୟା ହେଉଛି ଯେ ସଂରକ୍ଷଣ ସଂସଦରେ ମହିଳାଙ୍କ ସଂଖ୍ୟା ବୃଦ୍ଧି କରିବା ବେଳେ, ସେମାନେ ପ୍ରକୃତରେ ନୀତି ନିର୍ଦ୍ଧାରଣରେ



ପ୍ରଭାବଶାଳୀ ଭୂମିକା ଗ୍ରହଣ କରିପାରିବେ କି ? ଯଦି ରାଜନୈତିକ ଦଳଗୁଡ଼ିକ ସେମାନଙ୍କୁ କେବଳ 'ସଂଖ୍ୟା ପୂରଣ' କରିବା ପାଇଁ ଟିକେଟ୍ ଦିଅନ୍ତି ଏବଂ ଗୁରୁତ୍ୱପୂର୍ଣ୍ଣ କମିଟି କିମ୍ବା ମନ୍ତ୍ରଣାଳୟରେ ପଦବୀ ପ୍ରଦାନ କରନ୍ତି ନାହିଁ, ତେବେ ଏହି ସଂରକ୍ଷଣ କେବଳ ପ୍ରତୀକାତ୍ମକ ହୋଇ ରହିବ। ସାମାଜିକ ଦୃଷ୍ଟିକୋଣରୁ, ପ୍ରଶ୍ନ ମଧ ଉଠେ: ସଂରକ୍ଷଣ କ'ଣ ମହିଳାମାନଙ୍କ ମଧ୍ୟରେ ଶ୍ରେଣୀ ଏବଂ ଜାତିଗତ ଅସମାନତାକୁ ସମାଧାନ କରିବ ? ସମ୍ଭବତଃ ସଂରକ୍ଷଣ ମୁଖ୍ୟତଃ ସହରାଞ୍ଚଳ, ଶିକ୍ଷିତ ଏବଂ ରାଜନୈତିକ ପରିବାରର ମହିଳାମାନଙ୍କୁ ଲାଭ ଦେବ। ଗ୍ରାମାଞ୍ଚଳ ଏବଂ ଉପେକ୍ଷିତ ସମ୍ପ୍ରଦାୟର ମହିଳାମାନେ ଏବେ ବି ପଛରେ ରହିଯାଇପାରନ୍ତି। ଏହି ବିଲ୍ ଭାରତୀୟ ରାଜନୀତିରେ ଏକ ଐତିହାସିକ ମୋଡ଼କୁ ଚିହ୍ନିତ କରେ। ଏହା ସଂସଦରେ ମହିଳାମାନଙ୍କୁ ଅଧିକ ପ୍ରତିନିଧିତ୍ୱ ଦେବ ଏବଂ ଗଣତନ୍ତ୍ରକୁ ଅଧିକ ଅନ୍ତର୍ଭୁକ୍ତ କରିବ। ତଥାପି, ଏହା ମଧ ଗୁରୁତ୍ୱପୂର୍ଣ୍ଣ ଯେ ସଂରକ୍ଷଣକୁ କେବଳ 'ସଂଖ୍ୟା ବୃଦ୍ଧି' ପାଇଁ ଏକ ଉପାୟ ଭାବରେ ବ୍ୟବହାର କରା ନ ଯାଏ। ଏହି ପଦକ୍ଷେପ କେବଳ ସେତେବେଳେ ଅର୍ଥପୂର୍ଣ୍ଣ ହେବ ଯଦି ମହିଳାଙ୍କୁ ପ୍ରକୃତ ଶକ୍ତି, ନେତୃତ୍ୱ ଏବଂ ନିଷ୍ପତ୍ତି ନେବାର ସୁଯୋଗ ଦିଆଯାଏ ।ଯଦି ଏହି ଚ୍ୟାଲେଞ୍ଜଗୁଡ଼ିକର ସମାଧାନ କରାନଯାଏ, ତେବେ ଏହି ସଂରକ୍ଷଣ କେବଳ ଏକ 'ସାଜସଜ୍ଜା ପରିବର୍ତ୍ତନ' ହୋଇ ରହିବ। ତେଣୁ, ରାଜନୈତିକ ଦଳ, ସମାଜ ଏବଂ ମହିଳାମାନେ ନିଜେ ଏହି ସୁଯୋଗକୁ ବ୍ୟବହାର କରି ରାଜନୀତିରେ ସେମାନଙ୍କର ପ୍ରକୃତ ପରିଚୟ ଏବଂ ପ୍ରଭାବ ସ୍ଥାପନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସଂସଦରେ ମହିଳାଙ୍କ ପାଇଁ ୨୭୩ ଆସନ ସଂରକ୍ଷଣ କାର୍ଯ୍ୟକାରୀ ହେବା ଦ୍ୱାରା ଅନେକ ଚ୍ୟାଲେଞ୍ଜ ସୃଷ୍ଟି ହେବ। ଏହି ଚ୍ୟାଲେଞ୍ଜଗୁଡ଼ିକ କେବଳ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ସୀମିତ ରହିବ ନାହିଁ ବରଂ ସଂସଦୀୟ କାର୍ଯ୍ୟକାରିତା, ନୀତି ନିର୍ଦ୍ଧାରଣ ଏବଂ ସାମାଜିକ ମନୋଭାବକୁ ମଧ ପ୍ରଭାବିତ କରିବ। ପ୍ରାଥମିକ ଚ୍ୟାଲେଞ୍ଜ ହେବ ଦଳୀୟ ରାଜନୀତି। ଯେତେବେଳେ ଆସନ ସଂରକ୍ଷଣ କରାଯାଏ, ରାଜନୈତିକ ଦଳଗୁଡ଼ିକୁ ସେମାନଙ୍କର ଟିକେଟ ବଣ୍ଟନ ରଣନୀତି ପରିବର୍ତ୍ତନ କରିବାକୁ ପଡିବ। ପ୍ରାୟତଃ ଦେଖାଯାଇଛି ଯେ ଦଳଗୁଡ଼ିକ କେବଳ 'ସଂଖ୍ୟା ପୂରଣ କରିବା' ପାଇଁ ପ୍ରାର୍ଥୀ ଚୟନ କରନ୍ତି, ଯୋଗ୍ୟ ଏବଂ ଅଭିଜ୍ଞ ମହିଳାମାନଙ୍କୁ ସୁଯୋଗରୁ ବଞ୍ଚିତ କରନ୍ତି। ଏହା ସଂସଦରେ ପ୍ରତିନିଧିତ୍ୱ ବୃଦ୍ଧି କରିବ, କିନ୍ତୁ ଗୁଣବତ୍ତା ଉପରେ ପ୍ରଶ୍ନ ଉଠାଇପାରେ।

ଦ୍ୱିତୀୟ ଚ୍ୟାଲେଞ୍ଜ ହେବ ସଂସଦୀୟ ବିତର୍କ ଏବଂ ନୀତି ନିର୍ଦ୍ଧାରଣ। ଯଦି ମହିଳାମାନଙ୍କୁ କେବଳ ପ୍ରତୀକାତ୍ମକ ଆସନ ଦିଆଯାଏ ଏବଂ ଗୁରୁତ୍ୱପୂର୍ଣ୍ଣ କମିଟି କିମ୍ବା ମନ୍ତ୍ରଣାଳୟରେ ସାମିଲ କରାନଯାଏ, ତେବେ ସଂସଦରେ ସେମାନଙ୍କର ସ୍ୱର ଦୁର୍ବଳ ହୋଇଯିବ। ସଂରକ୍ଷଣ ସଂଖ୍ୟା ବୃଦ୍ଧି କରିବ, କିନ୍ତୁ ସେମାନେ କେବଳ ପ୍ରକୃତ ଶକ୍ତି ଏବଂ ପ୍ରଭାବ ପାଇବେ ଯଦି ସେମାନଙ୍କୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସମାନ ଭାବରେ ସାମିଲ କରାଯାଏ ।ତୃତୀୟ ଚ୍ୟାଲେଞ୍ଜ ହେଉଛି 'ପ୍ରକ୍ସି ପଲିଟିକ୍ସ'। ପୁରୁଷ ନେତାମାନେ ପ୍ରାୟତଃ ସେମାନଙ୍କର ପତ୍ନୀ କିମ୍ବା ସମ୍ପର୍କୀୟମାନଙ୍କୁ ନିର୍ବାଚନରେ ପ୍ରାର୍ଥୀ କରନ୍ତି, ଯାହା ସେମାନଙ୍କୁ ପ୍ରକୃତ ନିୟନ୍ତ୍ରଣ ଦେଇଥାଏ। ଏହା ସଂସଦରେ ମହିଳାଙ୍କ ଉପସ୍ଥିତି ବୃଦ୍ଧି କରିବ, କିନ୍ତୁ ଏହା ସେମାନଙ୍କର ସ୍ୱାଧୀନ ରାଜନୈତିକ ପରିଚୟକୁ ଦୁର୍ବଳ କରିପାରେ। ଚତୁର୍ଥ ଚ୍ୟାଲେଞ୍ଜ ହେଉଛି ସଂସଦରେ ମହିଳାଙ୍କ ପ୍ରତିନିଧିତ୍ୱ ବୃଦ୍ଧି ସମାଜର ସମସ୍ତ ବର୍ଗକୁ ସମାନ ଭାବରେ ଲାଭ ଦେବ ନାହିଁ। ଏହା ସମ୍ଭବତଃ ସଂରକ୍ଷଣ ମୁଖ୍ୟତଃ ସହରାଞ୍ଚଳ, ଶିକ୍ଷିତ ଏବଂ ରାଜନୈତିକ ପରିବାରର ମହିଳାମାନଙ୍କୁ ଲାଭ ଦେବ। ଗ୍ରାମାଞ୍ଚଳ, ଆଦିବାସୀ ଏବଂ ସୀମାନ୍ତ ସମ୍ପ୍ରଦାୟର ମହିଳାମାନେ ଏବେ ବି ପଛରେ ରହିଯାଇପାରନ୍ତି। ଏହା ସଂସଦରେ ବିବିଧତାର ଉଦ୍ଦେଶ୍ୟକୁ ବାଧା ଦେବ ।ପଞ୍ଚମ ଚ୍ୟାଲେଞ୍ଜ ହେଉଛି ପୁରୁଷ ସାଂସଦ ଏବଂ ଦଳଗୁଡ଼ିକ ମଧ୍ୟରେ ଅସନ୍ତୋଷ। ଯେତେବେଳେ ଆସନ ସଂରକ୍ଷଣ କରାଯାଏ, ପୁରୁଷ ନେତାମାନେ ଅନୁଭବ କରିବେ ଯେ ସେମାନଙ୍କର ରାଜନୈତିକ ଭୂମି ସଙ୍କୁଚିତ ହେଉଛି। ଏହା ଦଳଗୁଡ଼ିକ ମଧ୍ୟରେ ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱ ଏବଂ ଅସନ୍ତୁଳନକୁ ବୃଦ୍ଧି କରିପାରେ। ଷଷ୍ଠ ଚ୍ୟାଲେଞ୍ଜ ହେଉଛି ସଂସଦୀୟ ଦକ୍ଷତା। ଯଦି ସଂରକ୍ଷଣକୁ କେବଳ 'ସଂଖ୍ୟା ବୃଦ୍ଧି' ପାଇଁ ଏକ ଉପାୟ ଭାବରେ ବ୍ୟବହାର କରାଯାଏ ଏବଂ ମହିଳାଙ୍କୁ ପ୍ରକୃତ ନେତୃତ୍ୱ ପାଇଁ ସୁଯୋଗ ଦିଆ ନ ଯାଏ, ତେବେ ସଂସଦର ଦକ୍ଷତା ପ୍ରଭାବିତ ହେବ। ବିତର୍କ ଉପରସ୍ତରର ହୋଇପାରେ, ଏବଂ ନୀତି ନିର୍ଦ୍ଧାରଣ ଗଭୀରତାର ଅଭାବ ହୋଇପାରେ।

ଏହି ସମସ୍ତ ଚ୍ୟାଲେଞ୍ଜଗୁଡ଼ିକୁ କେବଳ ସେତେବେଳେ ସମାଧାନ କରାଯାଇପାରିବ ଯଦି ସଂରକ୍ଷଣକୁ କେବଳ ଏକ ଆଇନଗତ ବ୍ୟବସ୍ଥା ଭାବରେ ଦେଖାଯାଏ ନାହିଁ ବରଂ ସାମାଜିକ ଏବଂ ରାଜନୈତିକ ପରିବର୍ତ୍ତନର ସୁଯୋଗ ଭାବରେ ଦେଖାଯାଏ। ଯେତେବେଳେ ମହିଳାଙ୍କୁ ପ୍ରକୃତ କ୍ଷମତା, ନେତୃତ୍ୱ ଏବଂ ନିଷ୍ପତ୍ତି ନେବାର ଭୂମିକା ଦିଆଯିବ, କେବଳ ସେତେବେଳେ ସଂସଦରେ ଏହି ନୂତନ ରାଜନୈତିକ ଗଣନା ଅର୍ଥପୂର୍ଣ୍ଣ ହେବ।

ସୁଜନପୁର, ଯାଜପୁର
ମୋ- ୯୪୩୭୨୮୮୦୨୮

## ଜିନ୍ଦଲ ସ୍କୁଲର ଦଶମ ଶ୍ରେଣୀ ଛାତ୍ର ବିରାଟ ସିଂ ଇସ୍ରୋ ଯୁବ ବୈଜ୍ଞାନିକ କାର୍ଯ୍ୟକ୍ରମ ପାଇଁ ମନୋନୀତ

ଯୋଡ଼ା, ୧୭।୪ (ନିପ୍ର): ଜିନ୍ଦଲ ସ୍କୁଲର ଦଶମ ଶ୍ରେଣୀର ଛାତ୍ର ବିରାଟ ସିଂ ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ (ଇସ୍ରୋ) ଦ୍ୱାରା ଆୟୋଜିତ ଯୁବ ବିଜ୍ଞାନୀ କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଛନ୍ତି। ବିଜ୍ଞାନ, ବିଶେଷ କରି ମହାକାଶ ବିଜ୍ଞାନ ଓ ଗବେଷଣା ପାଇଁ ନିଜର ନିଷ୍ଠା ଓ ଆଗ୍ରହ ପାଇଁ ସେ ଏ ସଫଳତା ପାଇଛନ୍ତି। ଏହି ସଫଳତା ପାଇଁ ବିରାଟଙ୍କୁ ଜିନ୍ଦଲ ସ୍କୁଲର ଅଧ୍ୟକ୍ଷା ସଂଗୀତା ଦାସ, ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍କୁଲ ପରିଚାଳନା କମିଟିର ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି। ପିଲାଙ୍କ ମନରେ ପୁସ୍ତକ ଜ୍ଞାନ ଓ ଗବେଷଣାତ୍ମକ ଜ୍ଞାନ ମଧ୍ୟରେ ଥିବା ଦୂରତାକୁ ଦୂର କରିବା ଏହି ଯୁବ ବିଜ୍ଞାନୀ କାର୍ଯ୍ୟକ୍ରମର ଲକ୍ଷ୍ୟ। ଉପଗ୍ରହ ପ୍ରଯୁକ୍ତି ବିଦ୍ୟା, ରକେଟ ଉତ୍କ୍ଷେପଣ, ମହାକାଶ ଅଭିଯାନ ଓ ମହାକାଶ ପଦାର୍ଥ ବିଜ୍ଞାନ ସମ୍ପର୍କିତ ପ୍ରାକ୍ଟିକାଲ ଜ୍ଞାନ ହାସଲ କରିବା ପାଇଁ ଏହି କାର୍ଯ୍ୟକ୍ରମ ବହୁତ ସହାୟକ ହେବ। ଏହି କାର୍ଯ୍ୟକ୍ରମ ପାଇଁ ମନୋନୀତ ଛାତ୍ରଛାତ୍ରୀ ଦେଶର ବିଭିନ୍ନ ଇସ୍ରୋ ସେଣ୍ଟରରେ ବହୁ ପ୍ରତିଷ୍ଠିତ ମହାକାଶ ବିଜ୍ଞାନୀ ଓ ଗବେଷକଙ୍କଠାରୁ ସେମାନେ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରିବେ।



## ସବୁଜ ବାହିନୀକୁ ଟ୍ରୀ ଆମ୍ବୁଲାନ୍ସ ପ୍ରଦାନ

ବ୍ରହ୍ମପୁର, ୧୭।୪ (ନିପ୍ର): ବ୍ରହ୍ମପୁର ଏଲଆଇସି ଗୋଲଡେନ ଜୁବୁଲି ଫାଉଣ୍ଡେଶନ ପକ୍ଷରୁ ବ୍ରହ୍ମପୁର ସବୁଜ ବାହିନୀକୁ ଏକ "ଟ୍ରୀ ଆମ୍ବୁଲାନ୍ସ" ପ୍ରଦାନ କରାଯାଇଛି। ପରିବେଶ ସୁରକ୍ଷା ଓ ବୃକ୍ଷ ସଂରକ୍ଷଣ କ୍ଷେତ୍ରରେ ସଂଗଠନର ଦୀର୍ଘଦିନର ଅବଦାନକୁ ମନେରଖି ଏହି ସହଯୋଗ ଯୋଗାଇଦିଆଯାଇଛି। ଗତ ୧୨ ବର୍ଷ ଧରି ବ୍ରହ୍ମପୁର ସହର ଓ ଆଖପାଖ ଅଞ୍ଚଳରେ ବୃକ୍ଷରୋପଣ, ବୃକ୍ଷ ସୁରକ୍ଷା ଓ ସବୁଜୀକରଣ କାର୍ଯ୍ୟରେ ବ୍ରହ୍ମପୁର ସବୁଜ ବାହିନୀ ନିରନ୍ତର କାର୍ଯ୍ୟ କରୁଛି। ବିଶେଷକରି ରାସ୍ତା ପ୍ରଶସ୍ତିକରଣ ସମୟରେ ଉପାଡ଼ି ଦିଆଯାଉଥିବା ବୃକ୍ଷଗୁଡ଼ିକୁ ଉଦ୍ଧାର କରି ସେଗୁଡ଼ିକୁ ନୂତନ ସ୍ଥାନରେ ପୁନର୍ରୋପଣ କରି ସଂରକ୍ଷଣ କରାଯାଉଛି। ଏହି ଟ୍ରୀ ଆମ୍ବୁଲାନ୍ସ ଆଗାମୀ ଦିନରେ ଆହତ, ଉପାଡ଼ି ଯାଇଥିବା ଓ ବିପଦଗ୍ରସ୍ତ ବୃକ୍ଷଗୁଡ଼ିକୁ ସୁରକ୍ଷିତ ଭାବେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପହଞ୍ଚାଇ ପୁନର୍ଜୀବନ ଦେବାରେ ମୁଖ୍ୟ ଭୂମିକା ନିଭାଇବ ବୋଲି ଏଲ ଆଇ ସି ଡିଭିଜନାଲ୍ ମ୍ୟାନେଜର ସୁଶାନ୍ତ ପାଣିଗ୍ରାହି କହିଥିଲେ। ପରେ ସେ ଏହି ଗାଡ଼ିଟିକୁ ସବୁଜ ବାହିନୀ ସଂଗଠନଙ୍କୁ ହସ୍ତାନ୍ତର କରି ସବୁଜ ପତାକା ଦେଖାଇ ଏହାର ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏଲଆଇସି ପକ୍ଷରୁ ଅଫିସ ଷ୍ଟାଫ୍ ମ୍ୟାନେଜର୍ ଦେବାଶିଷ ମହାପାତ୍ର, ବସନ୍ତ କୁମାର ସାହୁ, ମାନସ କୁମାର ସ୍ୱାଇଁ, ପ୍ରଭାକର କୁମାର ସାମନ୍ତରାୟ ଉପସ୍ଥିତ ଥିଲେ।

## ସିବିଏସଇ ପରୀକ୍ଷା ଫଳ ପ୍ରକାଶ, ଗୋଲିଆ ଆଦର୍ଶ ବିଦ୍ୟାଳୟର ଦଶମରେ ଆୟୁଷ କୁମାର ସାହୁ ପ୍ରଥମ

ବୁଗୁଡା, ୧୭।୪ (ନିପ୍ର): ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏ ପରିପ୍ରେକ୍ଷୀରେ ବୁଗୁଡ଼ା ବ୍ଲକର ଗୋଲିଆ ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବା ସମସ୍ତ ୭୪ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଶତପ୍ରତିଶତ ଫଳାଫଳ ଆଣି ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିବା ବେଳେ ମେଧାବୀ ଛାତ୍ର ଆୟୁଶ କୁମାର ସାହୁ ସର୍ବାଧିକ ୫୬୪ ମାର୍କ(୯୨.୮%) ରଖି ବିଦ୍ୟାଳୟ ଟପ୍ପର ରୂପେ ବିବେଚିତ ହୋଇଛନ୍ତି। ଅନ୍ୟପକ୍ଷରେ ଆଶୁତୋଷ ବିଷୋୟୀ ୪୬୩(୯୨.୬%), ଏ.ଦେବଦୂତ ଆଚାରୀ ଏବଂ ସୁଶ୍ରୀ ସାଇଦର୍ଶନୀ ୪୫୭(୯୧.୪%), ଅଂଶୁମାନ ବିଷୋୟୀ ୪୫୪(୯୦.୮%), ଶାଶ୍ୱତ ଜେନା ୪୫୩(୯୦.୬%)ମାର୍କ ପ୍ରାପ୍ତ ପୂର୍ବକ ଏ-୧ ଗ୍ରେଡ୍ ହାସଲ କରି ବିଦ୍ୟାଳୟର ଗୌରବ ପାଲଟିଛନ୍ତି। ତେବେ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀଙ୍କ ଏହି ସଫଳତା ପାଇଁ ଉପାଧ୍ୟକ୍ଷା ସୁଚିତ୍ରା ପଟ୍ଟନାୟକଙ୍କ ସମେତ ବିଦ୍ୟାଳୟ କର୍ତ୍ତୃପକ୍ଷ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିବା ଜଣାଯାଇଛି।

## ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକୀ ପାଇଁ ପ୍ରସ୍ତୁତି

ନିରାକାରପୁର, ୧୭।୪ (ନିପ୍ର): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରଜ୍ଞାପୁରୁଷ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଆସନ୍ତା ଏପ୍ରିଲ ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ୧୧ତମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ରାମେଶ୍ୱରସ୍ଥିତ ପ୍ରଭାବତୀ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜାନକୀ ବଲ୍ଲଭ ସ୍ମୃତି ସଂସଦର ସଭାପତି ତଥା ପୂର୍ବତନ ବିଧାୟକ ଦିଲ୍ଲୀପ କୁମାର ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଶ୍ରାଦ୍ଧ ବାର୍ଷିକୀକୁ କିଭଳି ଶୃଙ୍ଖଳିତ ଓ ବ୍ୟାପକ ଭାବେ ପାଳନ କରାଯିବ, ସେ ନେଇ ରୂପରେଖ ପ୍ରସ୍ତୁତ କରାଯାଇଛି। ବୈଠକରେ ଜାନକୀ ବାବୁଙ୍କ ଓଡ଼ିଶା ପ୍ରତି ଥିବା ଅବଦାନ ଓ ତାଙ୍କ ସ୍ମୃତି ଚାରଣ କରାଯିବା ସହ ଶ୍ରାଦ୍ଧ ଉତ୍ସବରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ଆଲୋଚନା ହୋଇଥିଲା।

## ଶକ୍ତିଶ୍ରୀ ମହିଳା ଆତ୍ମସୁରକ୍ଷା କୌଶଳ ତାଲିମ

ଭବାନୀପାଟଣା, ୧୭/୪ (ନି.ପ୍ର)- ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କୁ ନେଇ ଶକ୍ତିଶ୍ରୀ ମହିଳା ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର ଗତ ୧୬ ତାରିଖ ଦିନ ଉଦ୍‌ଘାଟିତ ହୋଇଯାଇଅଛି। ଓଡ଼ିଶା ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପତ୍ରାଙ୍କ ସଂଖ୍ୟା ୧୫୩୭୦/ତା.୧୭.୦୩.୨୦୨୬ ଦ୍ୱାରା ଅନୁମୋଦିତ ୭ ଦିନିଆ ଏହି ଶିବିରରେ ମହାବିଦ୍ୟାଳୟ ସମସ୍ତ ଛାତ୍ରୀମାନଙ୍କୁ ମହିଳା ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଅଭିଯାନ ମାଧ୍ୟମରେ ଆତ୍ମସୁରକ୍ଷା ତାଲିମ ଓ କୌଶଳ ପ୍ରଦାନ କରିବା ନିମିତ୍ତ ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ। ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ମହିଳାମାନଙ୍କ ସଶକ୍ତିକରଣ ଓ ଆତ୍ମସୁରକ୍ଷା ଦିଗରେ ଏହି କାର୍ଯ୍ୟକ୍ରମ ବିଶେଷ ଗୁରୁତ୍ୱ ବହନ କରେ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମର ପରିଚାଳନା କରୁଥିବା ବେଳେ ମୁଖ୍ୟ ତାଲିମ ପ୍ରଦାନକାରୀ ବିଶେଷଜ୍ଞ ତଥା ତାଲିମଦାତା ଭାବେ ବର୍ଷା ମାଝୀ ଏହି କାର୍ଯ୍ୟକ୍ରମରେ ତାଲିମ ପ୍ରଦାନ କରୁଛନ୍ତି। ଏଥିରେ ସମୁଦାୟ ୧୦୩ ଜଣ ଛାତ୍ରୀ ଆତ୍ମସୁରକ୍ଷା ଏବଂ କୌଶଳ ତାଲିମ ନେଉଛନ୍ତି।

## ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ

ଦାମନଯୋଡି, ୧୭/୪(ନିପ୍ର): ଶିଳ୍ପାଞ୍ଚଳ ଦାମନଯୋଡିର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ 'ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବ' ଦ୍ୱାରା ଆୟୋଜିତ ରାଜ୍ୟ ସ୍ତରୀୟ ନାଟକ ପ୍ରତିଯୋଗିତା ବିଗତ ୧୦ଦିନ ଧରି ଟାଉନସିପ ସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଚାଲିଥିବା ବେଳେ ପ୍ରତିବିମ୍ବ,ରାଉରକେଲାର ନାଟକ 'ହେଲୋ ନିଲେଶ' ଶ୍ରେଷ୍ଠ ନାଟକ ଭାବରେ ପୁରସ୍କୃତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭିଏସଏସ ଆନନ୍ଦ ମୁଖ୍ୟ ଅତିଥି, ପ୍ରଶାସନିକ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ସୁଗତୋ ଆନନ୍ଦ ବସୁ ଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ପ୍ରଫୁଲ୍ଲ କୁମାର ସେଠୀ ଏବଂ ଶ୍ରେଷ୍ଠ ନାଟ୍ୟକାର ଭାବେ ପ୍ରଭାକର ପାତ୍ର ସମ୍ମାନିତ ହୋଇଛନ୍ତି। ପ୍ରଣବ କୁମାର ପାଣିଗ୍ରାହୀ ଶ୍ରେଷ୍ଠ ଅଭିନେତା ର ମାନ୍ୟତା ପାଇଛନ୍ତି।ପ୍ରତିଭା ନାଟ୍ୟ ପରିଷଦ ଭୁବନେଶ୍ୱର ର ନାଟକ ଅବଶିଷ୍ଟ ଜହ୍ନ ରାତି ର ନାୟିକା ଅର୍ଚ୍ଚିତା ଦାଶ ଶ୍ରେଷ୍ଠ ଅଭିନେତ୍ରୀର ସମ୍ମାନ ପାଇଛନ୍ତି।ସମ୍ବଲପୁର ର ନାଟକ 'ଭାଜ୍ୟ ଭାଜକ ଭାଗଫଳ' ନାଟକର ଦେବୀକା ଭୋଇ ଶ୍ରେଷ୍ଠ ଶିଶୁ କଳାକାର ର ମାନ୍ୟତା ପାଇଁଛନ୍ତି। ସୋନପୁର ର ନାଟକ 'ବଳଦ 'ର ପ୍ରମୋଦ ବଗର୍ତ୍ତୀ ଶ୍ରେଷ୍ଠ ହାସ୍ୟ ଅଭିନେତାର ମାନ୍ୟତା ପାଇଛନ୍ତି। ପ୍ରତିଭା ନାଟ୍ୟ ପରିଷଦ ଭୁବନେଶ୍ୱର ର ନାଟକ ଅବଶିଷ୍ଟ ଜହ୍ନ ରାତି ଦ୍ୱିତିୟ ଶ୍ରେଷ୍ଠ ନାଟକ ର ମାନ୍ୟତା ପାଇଛି।ଏହି ନାଟକ ପ୍ରତିଯୋଗିତା ରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୮ଟି ଦଳ ଭାଗନେଇଥିଲେ। ବିଚାରକ ଭାବେ ରମାକାନ୍ତ ମିଶ୍ର, ନବଦୀପ ମହାଲିକ, ଦୀନେଶ ଦାସ ଦାୟିତ୍ୱ ତୁଲାଇ ଥିଲେ। ଓଡ଼ିଶାର ସୁପରିଚିତ ନାଟ୍ୟକାର ତଥା ନିର୍ଦ୍ଦେଶକ ମନ୍ମଥ କୁମାର ଶତପଥି ଏବଂ ଚିନ୍ମୟ କୁମାର ସାହୁଙ୍କୁ 'ପଞ୍ଚପଟ୍ଟମାଳି ନାଟ୍ୟ ସମ୍ମାନ -୨୦୨୬' ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା।

# ପୋଲ ଦବିବାର ୭ ମାସ ବିତିଲା, ଯାତାୟାତ ବନ୍ଦ: ନୀରବ ଜିଲ୍ଲା ପ୍ରଶାସନ !



ଭବାନୀପାଟଣା, ୧୭।୪ (ନିପ୍ର); ପୋଲ ଦବିବାର ୭ ମାସ ବିତିଲା ଯାତାୟାତ ବନ୍ଦ କରି ଦେଇ ନୀରବ ବସିଛି କଳାହାଣ୍ଡି ଜିଲ୍ଲା ପ୍ରଶାସନ। ବାରମ୍ବାର ଆନ୍ଦୋଳନ ପରେ ବି ମିଳୁନି ସୁଫଳ। ଆଗକୁ ଜିଲ୍ଲା ବ୍ୟାପି ଆନ୍ଦୋଳନ ଚେତାବନୀ। ଘଟଣା ସ୍ଥଳ ପରିଦର୍ଶନ କରି ସରକାର ଉପରେ ବର୍ଷିଛନ୍ତି ଜୁନାଗଡ ବିଧାୟକ। ପ୍ରାୟ ୭ ମାସ ହେଲା ଯାତାୟାତ ବନ୍ଦ ଅବସ୍ଥାରେ ରହିଥିବା ସତ୍ତ୍ୱେ ଜିଲ୍ଲା ପ୍ରଶାସନ ନୀରବ ଦର୍ଶକ ହୋଇ ରହିଥିବାରୁ ସାଧାରଣ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଚୁଡ଼ାନ୍ତ ସୀମାକୁ ପହଞ୍ଚିଛି। ଏହି ପୋଲ ଭାଙ୍ଗିଯାଇଥିବା ପରେ ଗାଁର ଲୋକମାନେ ଦୈନନ୍ଦିନ ଜୀବନରେ ଅନେକ ସମସ୍ୟା ସହ ମୁହାଁମୁହିଁ ହେଉଥିବା କୁହାଯାଉଛି। ଛାତ୍ରଛାତ୍ରୀମାନେ ସ୍କୁଲ୍ ଯିବାରେ ବାଧା ସମ୍ମୁଖୀନ ହେଉଥିବା ବେଳେ ଚିକିତ୍ସା ସେବା ପାଇଁ ଲୋକମାନଙ୍କୁ ବହୁତ ଦୂର ଘୁରି ଯିବାକୁ ପଡୁଛି। ଜରୁରୀ ସମୟରେ ଏହି ସମସ୍ୟା ଅଧିକ ଗଭୀର ଆକାର ନେଉଛି। ବାରମ୍ବାର ଆନ୍ଦୋଳନ ଓ ପ୍ରତିବାଦ ସତ୍ତ୍ୱେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁସ୍ପଷ୍ଟ ପଦକ୍ଷେପ ନେଉନଥିବା ପ୍ରଶାସନ ଉପରେ ପ୍ରଶ୍ନ ଉଠୁଛି। ଲୋକମାନେ ଅଭିଯୋଗ କରୁଛନ୍ତି ଯେ ପ୍ରତିଶ୍ରୁତି ମାତ୍ର ଦିଆଯାଉଛି। କିନ୍ତୁ କାମ କେଉଁଠି ଆଗକୁ ବଢୁନାହିଁ। ଏହି ପରିପ୍ରେକ୍ଷାରେ ଜୁନାଗଡ ବିଧାୟକ ଘଟଣା ସ୍ଥଳ ପରିଦର୍ଶନ କରି ସରକାରଙ୍କ ନିଷ୍କ୍ରିୟତା ଉପରେ ତୀବ୍ର ପ୍ରତିକ୍ରିୟା ଜଣାଇଛନ୍ତି। ସେ କହିଛନ୍ତି ଯେ ଲୋକମାନଙ୍କ ମୂଳଭୂତ ସମସ୍ୟା ପ୍ରତି ଏପରି ଅଣଦେଖା ଅନୁଚିତ ଏବଂ ତୁରନ୍ତ ପୋଲ ନିର୍ମାଣ କାମ ଆରମ୍ଭ କରିବା ଆବଶ୍ୟକ। ସେ ଆହୁରି ଚେତାବନୀ ଦେଇଛନ୍ତି ଯେ ଯଦି ଶୀଘ୍ର ପଦକ୍ଷେପ ନିଆଯିବ ନାହିଁ, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନ ଜିଲ୍ଲା ବ୍ୟାପୀ ଆକାର ନେବ। ଏହା ନିଶ୍ଚିତ ଭାବେ ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି।

## ସମାବର୍ତ୍ତନ ଉତ୍ସବ ପାଳନ ପାଇଁ ଆଇଆଇଟି ଭୁବନେଶ୍ୱର ପ୍ରସ୍ତୁତ

ଜଟଣୀ, ୧୭।୪ (ନିପ୍ର) : ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ପରିସରରେ ଅନୁଷ୍ଠିତ ହେବ ୧୪ତମ ସମାବର୍ତ୍ତନ ଉତ୍ସବ। ପଦ୍ମଭୂଷଣ ପୁରସ୍କାରପ୍ରାପ୍ତ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ପୂର୍ବତନ ସଚିବ ଏବଂ ଭୁବନେଶ୍ୱରସ୍ଥିତ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ, ପ୍ରଫେସର ଭି. ଏସ. ରାମମୂର୍ତ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେବେ। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କର୍ମାଲକର ସମାବର୍ତ୍ତନ ରିପୋର୍ଟ ଉପସ୍ଥାପନ କରିବେ ଏବଂ ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିବେ। ଏହି ସମାବର୍ତ୍ତନ ଅବସରରେ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ୮୦୨ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ଏହି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୨% ପିଏଚଡି, ୨୨% ଏମ୍.ଟେକ୍, ୧୨% ଏମ୍.ଏସସି, ୧୩% ଦ୍ୱୈତ ଡିଗ୍ରୀ (ବି.ଟେକ୍ ଏବଂ ଏମ୍.ଟେକ୍) ଏବଂ ୪୧% ବି.ଟେକ୍। ଏହି ଅବସରରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପୁରସ୍କାର, ଯଥା ଭାରତର ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ, ସର୍ବୋତ୍ତମ ଶିକ୍ଷାଗତ ପ୍ରଦର୍ଶନ ପାଇଁ ନିର୍ଦ୍ଦେଶକଙ୍କ ସ୍ୱର୍ଣ୍ଣ ପଦକ, ବିଭିନ୍ନ ଶାଖାରେ ସର୍ବୋତ୍ତମ ଶିକ୍ଷାଗତ ପ୍ରଦର୍ଶନ ପାଇଁ ପ୍ରତିଷ୍ଠାନ ରୌପ୍ୟ ପଦକ, ଏବଂ ସର୍ବୋତ୍ତମ ପୁରୁଷ ସ୍ନାତକ ପାଇଁ ଡକ୍ଟର କେ. କସ୍ତୁରିରଞ୍ଜନ ପୁରସ୍କାର, ସର୍ବୋତ୍ତମ ମହିଳା ସ୍ନାତକ ପାଇଁ ପ୍ରଫେସର ପି. ରାମା ରାଓ ପୁରସ୍କାର, ଯାନ୍ତ୍ରିକ ବିଜ୍ଞାନରେ ସର୍ବୋତ୍ତମ ବି.ଟେକ୍ ଥିସିସ୍ ପାଇଁ ଦିନେଶ ସ୍ମାରକୀ ପୁରସ୍କାର, ସର୍ବୋତ୍ତମ ବି.ଟେକ୍ ଥିସିସ୍ ପାଇଁ ବି.କେ. ଡି ମେମୋରିଆଲ୍ ପୁରସ୍କାର ଏବଂ ବୈଦ୍ୟୁତିକ ଏବଂ କମ୍ପ୍ୟୁଟର ବିଜ୍ଞାନରେ ସର୍ବୋତ୍ତମ ବି.ଟେକ୍ ଥିସିସ୍ ପାଇଁ ତେଜସ୍ୱୀ ସ୍ମାରକୀ ପୁରସ୍କାର ସମେତ ଏଣ୍ଡୋମେଣ୍ଟ ପୁରସ୍କାର ପ୍ରଦାନ କରାଯିବ ବୋଲି ଆଇଆଇଟି ପକ୍ଷରୁ ପ୍ରେସ ବିବୃତି ମାଧ୍ୟମରେ ସୂଚନା ଦିଆଯାଇଛି।

## ପୁରୁଣା ବଜାର ଅଞ୍ଚଳକୁ ଶୁଆକାଟି ଓଏମ୍‌ସି ଖଣି ପ୍ରଭାବିତ ଅଞ୍ଚଳରେ ସାମିଲ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର




କେନ୍ଦୁଝର, ୧୭।୪ (ନିପ୍ର):ଓଡିଶା ଖଣି ନିଗମର ଶୁଆକାଟିରେ ଥିବା ଗନ୍ଧମାର୍ଦ୍ଦନ ଲୌହ ଖଣି କାର୍ଯ୍ୟ ଦ୍ୱାରା ପ୍ରଭାବିତ ହେଉଥିବା ପୁରୁଣା ସହର ବାସୀଙ୍କୁ ଓଡିଶା ଖଣି ନିଗମ ଦ୍ୱାରା କୌଣସି ସୁବିଧା ସୁଯୋଗ ଦିଆଯାଉ ନଥିବା ପ୍ରତିବାଦରେ କେନ୍ଦୁଝର ସଦର ମହକୁମାର କାଳୀ ପଡିଆଠାରୁ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହେବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୁରୁଣା ସହର ଅଞ୍ଚଳର ବରିଷ୍ଠ ନାଗରିକ ନବ କିଶୋର ସାହୁ ପ୍ରକାଶ କରିଛନ୍ତି ଯେ, ଗନ୍ଧମାର୍ଦ୍ଦନ ଖଣି ପ୍ରଭାବିତ ଅଞ୍ଚଳ ମଧ୍ୟରେ କେନ୍ଦୁଝରଗଡ ପୁରୁଣା ସହରର ଅଧିକାଂଶ ଅଞ୍ଚଳ, ବିଶେଷକରି ୧,୨ ଓ ୩ ନମ୍ବର ୱାର୍ଡ ର ଅଧିବାସୀମାନେ ପ୍ରଭାବିତ କ୍ଷତିଗ୍ରସ୍ତ ହେଉଥିଲେ ମଧ୍ୟ, ଅଧିବାସୀଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ଦିଆଯାଇଥିବା ସୁବିଧା ସୁଯୋଗ ପ୍ରଦାନ କରାଯାଇ ନାହିଁ ଓ ଏ ସମ୍ବନ୍ଧରେ ଗତ ୦୩.୧୧.୨୦୨୫ ରିଖ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ କ୍ଷତିଗ୍ରସ୍ତ ଅଧିବାସୀମାନେ ଏକ ମିଳିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ କିନ୍ତୁ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏପରିକି କେନ୍ଦୁଝଗଡ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ ଆଶୁ ପଦକ୍ଷେପ ନେବାପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ନିର୍ବାହୀ ଅଧିକାରୀ ଏ ବିଷୟରେ ଗୁରୁତ୍ୱ ନଦେଇ କୌଣସି ପଦକ୍ଷେପ ନେଇନାହାନ୍ତି। କ୍ଷତିଗ୍ରସ୍ତ ଅଧିବାସୀ ମାନଙ୍କର ଏହାମଧ୍ୟରେ ବାରମ୍ବାର ବୈଠକ ଆହୁତ ହୋଇ, କୌଣସି ପଦକ୍ଷେପ ନିଆଯାଇ ନଥିବାରୁ, ଆଜି କାଳୀ ପଡିଆଠାରୁ ଜିଲ୍ଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଏକ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରି କେନ୍ଦୁଝର ସଦର ବିଧାୟକ ତଥା ଓଡିଶାର ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବି ପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ପ୍ରକାଶ କରିଛନ୍ତି। ପୁରୁଣା ସହର ବାସୀଙ୍କ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ଦାବିମାନ ଲୋକଙ୍କ ମୁଖ୍ୟମନ୍ତ୍ରୀ ଅବିଳମ୍ବେ ପୂରଣ କରିବା ଗନ୍ଧମାର୍ଦ୍ଦନ ଖଣି ପ୍ରଭାବିତ ଅଞ୍ଚଳ ଭାବରେ ପୁରୁଣା ସହରର ୧,୨ ଓ ୩ ନମ୍ବର ୱାର୍ଡ କୁ ସାମିଲ କରାଯାଉ ଓ ଖଣି କ୍ଷତିଗ୍ରସ୍ତ ଅନ୍ୟ ଅଞ୍ଚଳ ବାସୀମାନେ ଯେପରି ଓଏମସି ଖଣି ଓ ସରକାରଙ୍କ ଠାରୁ ଯେଉଁ ସୁବିଧାମାନ ପାଉଛନ୍ତି ତାହା ଏହି ଅଞ୍ଚବାସୀଙ୍କୁ ଅବିଳମ୍ବେ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି। ଏହି ଆନ୍ଦୋଳନ ଓ ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ନାଗରିକ ଶ୍ରୀ ସାହୁଙ୍କ ବ୍ୟତୀତ ପୁରୁଣା ସହରର ନାଗରିକ ସତ୍ୟବ୍ରତ ପାଢ଼ୀ, ବିଶ୍ୱଜିତ ପଟ୍ଟନାୟକ,ଆଦିତ୍ୟ ବେଜ, ଜିତେନ୍ଦ୍ର କୁମାର ପତି,ଦେବେନ୍ଦ୍ର ସ୍ୱାଇଁ, ପ୍ରଭୁପଦ ମିଶ୍ର, ଅନ୍ତର୍ଯ୍ୟାମୀ ପତି,ଆଶିଷ କୁମାର ଶର୍ମା,ସତ୍ୟେନ୍ଦ୍ର କର,ପ୍ରଶାନ୍ତ ଦ୍ୱିବେଦୀ , ସତ୍ୟଜିତ୍ ମିଶ୍ର ,ବିଶ୍ୱନାଥ ବାରିକ, ରତ୍ନାକର ମହାପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଗଜପତିରେ 'ନାରୀ ଶକ୍ତି ବନ୍ଦନ' କାର୍ଯ୍ୟକ୍ରମ; ୩୦୦ରୁ ଅଧିକ ମହିଳା ଏସଏଚଜି ସଦସ୍ୟାଙ୍କ ଶୋଭାଯାତ୍ରା

ପାରଳାଖେମୁଣ୍ଡି, ୧୭।୪(ନିପ୍ର): ମହିଳାଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋକପାତ ଗଜପତି ଜିଲ୍ଲା ପ୍ରଶାସନ ଏବଂ ମିଶନ ଶକ୍ତିର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଅଞ୍ଚଳରେ 'ନାରୀ ଶକ୍ତି ବନ୍ଦନ'ସଚେତନତା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୩୦୦ରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗ ଦେଇଛନ୍ତି। ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟ ନିକଟସ୍ଥ ଛକଠାରୁ ଏକ ବିଶାଳ ସଚେତନତା ରାଲି ବାହାରିଥିଲା। ଏହି ଶୋଭାଯାତ୍ରା ସହର ପରିକ୍ରମା କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ହାତରେ ସଚେତନତା ବାର୍ତ୍ତା ସମ୍ବଳିତ ପ୍ଲାକାର୍ଡ ଧରି ମହିଳାମାନେ ସମାଜରେ ସ୍ୱାସ୍ଥ୍ୟ ଓ ସ୍ୱାଧୀନତାର ବାର୍ତ୍ତା ପ୍ରସାର କରିଥିଲେ। ପରବର୍ତ୍ତୀ ସମୟରେ ଆରଏସଇଟିଆଇ ଅଡିଟୋରିୟମରେ ଏକ ସ୍ୱତନ୍ତ୍ର ସଚେତନତା ସଭା ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ମହିଳାଙ୍କ ଜୀବନଶୈଳୀରେ ସ୍ୱାସ୍ଥ୍ୟ, ପୋଷଣ ଏବଂ ପରିମଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ଏହା କିପରି ସେମାନଙ୍କ ପରିବାରର ଜୀବିକାକୁ ପ୍ରଭାବିତ କରେ, ସେ ସମ୍ପର୍କରେ ସେ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହ ଏହି 'ନାରୀ ଶକ୍ତି ବନ୍ଦନ' କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଉଛି ମହିଳାମାନଙ୍କୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ କଲ୍ୟାଣକାରୀ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରାଇବା। ବିଶେଷ କରି ମାତୃ ଗର୍ଭରୁ ଶେଷ ସମୟ ପର୍ଯ୍ୟନ୍ତ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଯେଉଁ ସୁରକ୍ଷା ଚକ୍ର ପ୍ରସ୍ତୁତ କରିଛନ୍ତି, ତାର ସୁଫଳ ଯେପରି ପ୍ରତିଟି ମହିଳାଙ୍କ ପାଖରେ ପହଞ୍ଚିପାରିବ, ସେ ନେଇ ଏକ ବ୍ୟାପକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ସାମାଜିକ ସୁରକ୍ଷା ସହିତ ମହିଳାମାନଙ୍କୁ ସ୍ୱାସ୍ଥ୍ୟ ଓ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବା ହିଁ ଏହି ଅଭିଯାନର ମୂଳ ଅଭିପ୍ରାୟ ବୋଲି କହିଥିଲେ। ଆଲୋଚନା ଚକ୍ରରେ ମହିଳାମାନଙ୍କ ଦୈନନ୍ଦିନ ଜୀବନରେ ସ୍ୱାସ୍ଥ୍ୟ, ସଠିକ୍ ପୋଷଣ ଏବଂ ପରିମଳର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସ୍ୱଚ୍ଛତା ଓ ଉତ୍ତମ ସ୍ୱାସ୍ଥ୍ୟ କିପରି ଜଣେ ମହିଳାର ଆତ୍ମବିଶ୍ୱାସ ବଢ଼ାଇବା ସହ ତାଙ୍କ ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିଥାଏ, ସେ ସମ୍ପର୍କରେ ବିଶେଷଜ୍ଞମାନେ ମତ ରଖିଥିଲେ।




## ଭାରତ ସ୍କାଉଟ୍ସ ଓ ଗାଇଡ୍ ତରଫରୁ ଜଳଦାନ ଶିବିର

ଯାଜପୁର, ୧୭।୪ (ନିପ୍ର); ଅକରପଡ଼ା ସ୍ଥିତ ଆଦିକନ୍ଦ ବିଦୁଲତା ସରକାରୀ ଉଚ୍ଚ ବିଦ୍ୟାଳୟ ର ସ୍କାଉଟ୍ସ ଓ ଗାଇଡସ ୟୁନିଟ୍ ଦ୍ୱାରା ଭୀଷଣ ଗ୍ରୀଷ୍ମକୁ ଲକ୍ଷ୍ୟ କରି ତୃଷାର୍ତ୍ତ ବାଟୋଇଙ୍କ ଉଦ୍ଦେଶ୍ୟରେ ଜଳଦାନ ବା ଦହି ସରବତ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ ସମିତି ସଭ୍ୟ ତଥା ବରିଷ୍ଠ ଶିକ୍ଷାବିତ୍ ଧନଞ୍ଜୟ କେଶରୀ ରାଉତ ରାୟ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମଞ୍ଜୁଲତା ସେଠୀ ଏହାର ଶୁଭାରମ୍ଭ କରିଥିଲେ ସ୍କାଉଟ୍ସ ଗାଇଡ୍ କ୍ୟାପଟେନ ମମତା ପରିଡା ଓ ସ୍କାଉଟ୍ସ ଗାଇଡ ର ମାଷ୍ଟର୍ ଦେବାଶିଷ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସବିତା ମହାନ୍ତି, ଶୁଭଶ୍ରୀ ମହାପାତ୍ର ,ଶିକ୍ଷକ ବିକାଶ କୁମାର ବାଇ ଏବଂ ଶିକ୍ଷା କର୍ମୀ ବ୍ରହ୍ମାନନ୍ଦ ନନ୍ଦଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ରୂପାୟନ ହୋଇଥିଲା।

## ଶ୍ରୀମଦ୍ ଭାଗବତ କଥା ଯଜ୍ଞ

ଦାମନଯୋଡି, ୧୭/୪(ନିପ୍ର): ଭେଜାପୁଟ ସ୍ଥିତ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମନ୍ଦିର ସମ୍ମୁଖରେ ଏକ ସପ୍ତାହ ବ୍ୟାପୀ ଚାଲିଥିବା ଶ୍ରୀମଦ୍ ଭାଗବତ କଥାଯଜ୍ଞ ଓ ପରାୟଣ ଉଦ୍‌ଯାପିତ ହୋଇଯାଇଛି। ସୁନାବେଡ଼ା ସ୍ଥିତ ଶ୍ରୀକୃଷ୍ଣ ଚୈତନ୍ୟ ଗୌଡ଼ିୟ ମଠାଧୀଶ ଆଲୋକ ପର୍ବତ ମହାରାଜଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଆଧାତ୍ମିକ କାର୍ଯ୍ୟକ୍ରମକୁ ଦାମନଯୋଡିର ସମାଜସେବୀ ହରିବନ୍ଧୁ ବିଶ୍ୱାଳ ପରିଚାଳନା କରିଥିଲେ। ବୃନ୍ଦାବନରୁ ଆସିଥିବା ତ୍ରିଦଣ୍ଡି ସ୍ୱାମୀ ଭକ୍ତିଭୂଷଣ ବୋଧାୟନ ମହାରାଜ ସପ୍ତାହେ ବ୍ୟାପୀ ପ୍ରବଚନ ଦେଇଥିଲେ। ଅନ୍ତିମ ଦିନରେ ଶ୍ରୀମଦ୍ ଭକ୍ତି ସୌଧ କେଶବ ଗୋସ୍ୱାମୀ ମହାରାଜଙ୍କ ଭାଗବତ ବାଣୀ ଉପସ୍ଥିତ ଶ୍ରୋତା ମାନଙ୍କୁ ବିମୋହିତ କରିଥିଲା ପ୍ରବଚନ ପରେ ଉଦ୍‌ଯାପନୀ ଆଳତି କରାଯାଇଥିଲା। ଶେଷରେ ଭଜନ କୀର୍ତ୍ତନ ଓ ନାଚ କରି ସମସ୍ତେ ନିଜକୁ ହଜାଇ ଦେଇଥିଲେ।

## ଗରିଆପୁର ବିଦ୍ୟାଳୟର ବାର୍ଷିକ ଉତ୍ସବ

ଯାଜପୁର, ୧୭।୪ (ନିପ୍ର):ଯାଜପୁର ସହରସ୍ଥିତ ଗରିଆପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯାଜପୁର ବ୍ଲକର ବରିଷ୍ଠ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ନିର୍ମଳ ଚନ୍ଦ୍ର ଜେନା ଏବଂ ମୁଖ୍ୟବକ୍ତାଭାବେ ଶିକ୍ଷାବିତ୍ ଡଃ ଅକ୍ଷୟ କୁମାର ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ବକ୍ତାଭାବେ ବୈଷ୍ଣବ ଦତ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ନାୟକ ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥିଭାବେ ଯାଜପୁର ବ୍ଲକର ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ବରଦା ଭୂଷଣ ମହାପାତ୍ର, ପ୍ରାକ୍ତନ ଶିକ୍ଷକ ବିଜୟାନନ୍ଦ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସଇଦୁଜ୍ ଜମାନ, ପଞ୍ଚଶଖା ଶିକ୍ଷା ସେତୁର ଅଧ୍ୟକ୍ଷ ଅରସ୍‌ଦୁଜ୍ ଜମାନ, ବି.ଡି. କ୍ଲଷ୍ଟରର ସି.ଆର.ସି.ସି. ସରଫୁଜ ଜମାନ, ମ୍ୟୁନିସପାଲ ହାଇସ୍କୁଲ କଷ୍ଟରର ସି.ଆର.ସି.ସି. ତିମିର ରଂଜନ ବେହେରା, ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିବା ସହ ଶିକ୍ଷା ଏବଂ କ୍ରୀଡ଼ାର ଆବଶ୍ୟକ ଓ ଉପକାରିତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ।

# ପ୍ରଧାନମନ୍ତ୍ରୀ ଶ୍ରୀଉତ୍ସବରେ ଦୁର୍ନୀତି ଅଭିଯୋଗ: ବିଇଓଙ୍କ ପତ୍ରରେ ପ୍ରଧାନ ଶିକ୍ଷକ ହରଡ଼ଘଣାରେ ?

ପିପିଲି, ୧୭।୪ (ନିପ୍ର):ପ୍ରଧାନମନ୍ତ୍ରୀ ଶ୍ରୀ ଉତ୍ସବରେ ହୋଇ ଥିବା କାର୍ଯ୍ୟକ୍ରମରେ ବ୍ୟାପକ ଅର୍ଥ ହଡପ ହୋଇ ଥିବା ଭଳି ସଂଗୀନ ଅଭିଯୋଗ ହୋଇଛି। ଏହାର ଖବର ପ୍ରସାରଣ ସହିତ ପିପିଲି ବିଇଓଙ୍କ ପତ୍ର ଲେଖାରେ ଦାଣ୍ଡମକୁନ୍ଦପୁର ଜିଏମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବେ ହରଡ଼ ଘଣାରେ ପଡିଥିବା ଚର୍ଚ୍ଚା ହେଉଛି। ନିଜର ପଦବୀ ବଞ୍ଚାଇବା ପାଇଁ ଦୀର୍ଘ ୪ ମାସ ହେବ ସୂଚନା ଆଇନ ବଳରେ ତଥ୍ୟ ଲୁକାୟତ ରଖି ଶେଷରେ ନାମକୁ ତଥ୍ୟ ଦେବାକୁ ଅଣ୍ଟା ଭିଡିଛନ୍ତି। ସୂଚନା ଆଇନରେ ଏକ ମାସ ମଧ୍ୟରେ ତଥ୍ୟ ପ୍ରଦାନ ନକରି ନିଜ ସିଟ ତଳେ ଚାପିବାରୁ ଆବେଦନକାରୀ ପିପିଲି ବିଇଓଙ୍କ ନିକଟରେ ପ୍ରଥମ ଅପିଲ ଦାଖଲ କରି ଥିଲେ। ପ୍ରଥମ ଅପିଲ ଓ ବିଇଓଙ୍କ ନିର୍ଦ୍ଦେଶକୁ ଉଲଂଘନ ପ୍ରଧାନ ଶିକ୍ଷକ କରିବାରେ ପିପିଲି ବିଇଓ ପ୍ରଧାନ ଶିକ୍ଷକ ବିରୁଦ୍ଧରେ ପୁରୀ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପତ୍ର ଦ୍ୱାରା ଜଣାଇ ଥିବା ବେଳେ ପ୍ରଧାନ ଶିକ୍ଷକ ବଂଚିବାକୁ ଯାଇ ପ୍ରଥମ ସୂଚନା ଆଇନ ତଥ୍ୟ ଦେବାକୁ ଆବେଦନ କାରୀଙ୍କୁ ପତ୍ର ପଠାଇ ଥିବା ସୂଚନା ମିଳି ଅଛି। ଏଠାରେ ପ୍ରଶ୍ନ ଉଠୁଛି ନିଜ ଅବହେଳା ଯୋଗୁ ସଠିକ ସମୟରେ ତଥ୍ୟ ନଦେଇ ଏବଂ ଅପିଲ ସମୟ ଅତିବାହିତ ପରେ କାହିଁକି କିଭଳି ନିଜ ପଟୁ ସୂଚନା ପ୍ରଦାନ କରିବେ ତାହାକୁ ନେଇ ଅନେକ ସନ୍ଦେହ ଦେଖା ଦେଲାଣି। ଏମିତିକି ଏହି ଘଟଣା ଟି ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସମ୍ପୂର୍ଣ୍ଣ ଅଙ୍ଗୁଳି ଦେଖାଉଛି। ଯାହାକୁ ନେଇ ବ୍ଲକ ଠାରୁ ଜିଲ୍ଲା ପର୍ଯ୍ୟନ୍ତ ହେଉଛି ଚର୍ଚ୍ଚା। ପିଏମ ଶ୍ରୀ ଉତ୍ସବ ପାଇଁ ଏକ ବଡ଼ ଧରଣର ଦୁର୍ନୀତି ପ୍ରଧାନ ଶିକ୍ଷକମାନେ କରିଛନ୍ତି ବୋଲି ବିଶେଷ ସୂତ୍ରରୁ ଜାଣିବାକୁ ମିଳିଅଛି। ପିଏମଶ୍ରୀ ଉତ୍ସବ ତଥ୍ୟ ନମିଳିବାରୁ ଯୋଗୁ ପୁରୀ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଧାନ ଶିକ୍ଷକ ବିରୁଦ୍ଧରେ ଚିଠି ଲେଖି ଜଣାଇ ଥିଲେ ପିପିଲି ବ୍ଲକ ଶିକ୍ଷାଧିକାରୀ। ସେ ଲିଖିତ ଚିଠିରେ ଜଣାଇଛନ୍ତି କି ପି ଏମ ଶ୍ରୀ ଉତ୍ସବରେ ସୂଚନା ଆଇନ ପ୍ରଥମ ଅପିଲ ହେବାରୁ ପିପିଲି ବ୍ଲକ ଶିକ୍ଷାଧିକାରୀ ଦାଣ୍ଡମକୁନ୍ଦପୁର ଗୋପବନ୍ଧୁ ମେମୋରୀଆଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ତଥ୍ୟ ଦେବା ପାଇଁ ଚିଠି କରି ଜଣାଇ ଥିଲେ। ଅପିଲ ହେବାର ଏକ ମାସ ବିତି ଯାଇ ଥିଲେ ମଧ ପ୍ରଧାନ ଶିକ୍ଷକ କୌଣସି ଉତ୍ତର ନରଖି ସୂଚନା ଆଇନକୁ ଉଲଂଘନ କରିବାରୁ ପିପିଲି (ବି ଇ ଓ ) ସମ୍ପୃକ୍ତ ପ୍ରଧାନ ଶିକ୍ଷକ ବିରୁଦ୍ଧରେ ପୁରୀ ( ଡିଇଓ )ଙ୍କୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜଣାଇ ଛନ୍ତି। ଏନେଇ ଏହି ପ୍ରତିନିଧି ପୁରୀ ଜିଲ୍ଲା ଡିଇଓଙ୍କ ମତାମତ ଲୋଡ଼ିବାରେ ସେ ଏ ସମ୍ପର୍କରେ କୌଣସି ଉତ୍ତର ନଦେବାରୁ ପି ଏମ ଶ୍ରୀ ଉତ୍ସବ ଦୁର୍ନୀତି ପୁରୀ ଡି ଇ ଓଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ମନେ ହେଉଛି। ସୂଚନା ଅନୁଯାୟୀ ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରି ଭୁବନେଶ୍ୱରଙ୍କ ଦ୍ୱାରା ୪୦୧ ବିଦ୍ୟାଳୟରେ ପ୍ରଧାନମନ୍ତ୍ରୀ ଶ୍ରୀ ଉତ୍ସବ ପାଳନ ବିଦ୍ୟାଳୟ ସ୍ତରୀୟ ହେବା ପାଇଁ ବିଭାଗ ତରଫରୁ ତା ୧୮.୧୨.୨୦୨୫ ରିଖରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇ ଥିଲା।୩ ଲକ୍ଷ ୫୦ ହଜାର ବ୍ୟୟ ବରାଦ ଏହି କାର୍ଯ୍ୟ ପାଇଁ ନିର୍ଦ୍ଧାରଣ ବିଦ୍ୟାଳୟକୁ କରାଯିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଧାରଣ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବ୍ୟାଙ୍କ ଜମାଖାତାକୁ ଆସି ଥାଏ। ସେହି ଅର୍ଥରେ ପ୍ରମାଣ ପତ୍ର ଏବଂ ସ୍ମାରକୀୟ ନିମନ୍ତେ ୬ ହଜାର। ମଧ୍ୟାହ୍ନ ଭୋଜନ ଓ ସଚେତନତା ପାଇଁ ଏକ ଲକ୍ଷ ୫୦ ହଜାର, ୩ ନମ୍ବର ପାଭିଲିଅନ ପାଇଁ ଏକ , ଲକ୍ଷ ୩୫ ହଜାର, ମଞ୍ଚ, ଆଲୋକୀ କରଣ ନିମନ୍ତେ ୮ ୮୫ ହଜ ହଜାର ଟଙ୍କା, ଅନ୍ୟାନ୍ୟ ପାଇଁ ୯ ହଜାର ଏଭଳି ୩ ଲକ୍ଷ ୫୦ ହଜାର ବ୍ୟୟ ବରାଦ ପାଇଁ ଆସି ଅଛି। ଏଭଳିବ୍ୟୟ ବରାଦ ହୋଇ ଥିବା ଭାଉଚର ଗୁଡିକୁ ମଧ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାନେ ପୈଠ କରାଇବାକୁ ନିର୍ଦ୍ଦେଶ ନାମା ରହି ଅଛି। ଏହି ଉତ୍ସବରେ , ଦାଣ୍ଡମକୁନ୍ଦପୁର ବିଦ୍ୟାପୀଠ, ସାମିଲି ରହି ଉଦ୍ଦେଶ୍ୟରେ ମାନେ ପଞ୍ଚ ଥିବା ବେଳେ ପ୍ରଧାନ ଶିକ୍ଷକ ଶିକ୍ଷା ସେତୁ ସଂଗଠନ ନିୟମକୁ ସମ୍ପୂର୍ଣ୍ଣ ଉଲଂଘନ କରି ଅର୍ଥ ହଡପ କରିବା ଶ୍ରୀଉତ୍ସବକୁ ସ୍ୱଚ୍ଛ ଅର୍ଥ ୨୦/୩୦ ହଜାର ମଧ୍ୟରେ ବିନିଯୋଗ କରି ଅବଶିଷ୍ଟ ସରକାରୀ ଅର୍ଥକୁ ହଡପ କରିବା ଭଳି ଅଭିଯୋଗ ଆସି ଅଛି।



# ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ, ୮ ମୃତ



ନୂଆଦିଲ୍ଲୀ ୧୭।୪; ଇଣ୍ଡୋନେସିଆରେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ। ୨୪ ଘଣ୍ଟା ପୂର୍ବରୁ ହେଲିକପ୍ଟର ସହିତ ରାଡାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଦୁର୍ଘଟଣାରେ ଆଠ ଜଣଙ୍କର ମୃତ୍ୟୁ ହୋଇଛି। ଦୁର୍ଘଟଣାସ୍ଥଳରୁ ଏକ ଭିଡିଓ ସାମ୍ନାକୁ ଆସିଛି। ଯେଉଁଥିରେ ହେଲିକପ୍ଟରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଦେଖିବାକୁ ମିଳୁଛି। ହେଲିକପ୍ଟରଟି ଏକ ଜଙ୍ଗଲିଆ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏନେଇ ସରକାର ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ଗଣମାଧ୍ୟମ ଅନୁଯାୟୀ, ଦୁର୍ଘଟଣା ଘଟିବା ସମୟରେ ହେଲିକପ୍ଟରଟି ବୋର୍ନିଓ ଦ୍ୱୀପରେ ପାମ୍ ତେଲ ବଗିଚା ଉପରେ ଉଡୁଥିଲା। ରାଡାର ଯୋଗାଯୋଗ ବିଚ୍ଛିନ୍ନ ହେବା ପରେ ତୁରନ୍ତ ବିମାନର ସନ୍ଧାନ ଆରମ୍ଭ କରାଯାଇଥିଲା। ସରକାରଙ୍କ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ହେଲିକପ୍ଟରଟି ଏକ ଏୟାରବସ୍ ଏଚ୧୩୦ ଭାବରେ ଚିହ୍ନଟ ହୋଇଛି। ବିମାନଟି ପିଟି ମାଥ୍ୟୁ ଏୟାର ନୁସାନ୍ତାରାର ମାଲିକାନା ଥିଲା। ହେଲିକପ୍ଟରର କୁଆଡେ ଯାଉଥିଲା ପୋଲିସ ଏହା ସମ୍ପର୍କରେ ସୂଚନା ପ୍ରଦାନ କରିନି। ହେଲିକପ୍ଟରଟି ଉଡ଼ାଣ ପାଇଁ ପ୍ରସ୍ତୁତ ହେବାକୁ ୪୫ ମିନିଟ୍ ସମୟ ନେଇଥିଲା। ଉଡ଼ାଣ ପାଇଁ ପ୍ରସ୍ତୁତ ହେଉଥିବା ସମୟରେ ବିମାନରେ ଯାନ୍ତ୍ରିକ ସମସ୍ୟା ଦେଖାଦେଇଥିଲା। ହେଲେ, ପାଇଲଟମାନେ ଏହାକୁ ଆକାଶରେ ଉଡାଇବାକୁ ଆଗେଇ ଆସିଥିଲେ। ମାତ୍ର ପାଞ୍ଚ ମିନିଟ୍ ପରେ, ହେଲିକପ୍ଟର ସହିତ ରାଡାର ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲା, ତା'ପରେ କିଛି ସମୟ ପରେ ଦୁର୍ଘଟଣା ଘଟିଥିଲା। ସେକାଡାଉ ପୋଲିସର ଇନ୍ସପେକ୍ଟର ଅନୁଯାୟୀ, ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଅଞ୍ଚଳଟି ଏକ ପାର୍ବତ୍ୟାଞ୍ଚଳ। ଫଳସ୍ୱରୂପ, ଏହି ଅଞ୍ଚଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ କଷ୍ଟକର ହୋଇଛି।

# ୪,୩୩୫ କଏଦୀଙ୍କୁ ମୁକ୍ତ କଲା ମିଆଁମାର

ୟାଙ୍ଗୁନ୍, ୧୭।୪: ମିଆଁମାରର ସାମରିକ ସମର୍ଥିତ ସରକାର ୪,୩୩୫ ଜଣ କଏଦୀଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଛଅ ମାସ ମଧ୍ୟରେ ଏହା ତୃତୀୟ ଅଭ୍ୟାସ। ତେବେ ପୂର୍ବତନ ନେତ୍ରୀ ସୁ କି ଓ ଅନେକ ରାଜନେତା ଏବେ ବି ଜେଲରେ ଅଛନ୍ତି, ଯଦିଓ ସେମାନଙ୍କ ଦଣ୍ଡ ହ୍ରାସ କରାଯାଇଛି। ରାଷ୍ଟ୍ରପତି ମିନ୍ ଆଙ୍ଗ୍ ହ୍ଲାଇଙ୍ଗଙ୍କ ଦ୍ୱାରା ଅନୁମୋଦିତ ଏବଂ ରାଷ୍ଟ୍ରାୟତ୍ତ ଏମ୍‌ଆର୍‌ଟିଭି ମାଧ୍ୟମରେ ଘୋଷଣା କରାଯାଇଥିବା ଏହି ନିଷ୍ପତ୍ତି ଦେଶ ଏହାର ପାରମ୍ପରିକ ନୂଆବର୍ଷ ପାଳନ କରୁଥିବା ବେଳେ ଆସିଛି, ଯାହା ଐତିହାସିକ କ୍ଷମାଦାନ କାର୍ଯ୍ୟ ସହିତ ଜଡିତ। ଅବଶ୍ୟ କଏଦୀମାନଙ୍କ ଏହି ବର୍ଷର ମୁକ୍ତି ଏକ ଦୀର୍ଘ ଗୃହ ସଂଘର୍ଷ ଓ ନିରନ୍ତର ଅନ୍ତର୍ଜାତୀୟ ଯାଞ୍ଚର ପୃଷ୍ଠଭୂମିରେ ଆସିଛି। କର୍ତ୍ତୃପକ୍ଷ ମୁକ୍ତ ହୋଇଥିବା ଲୋକଙ୍କ ପରିଚୟ ପ୍ରକାଶ କରିନଥିଲେ ମଧ୍ୟ ଅଧିକାରୀମାନେ ନିଶ୍ଚିତ କରିଛନ୍ତି ଯେ ମୁକ୍ତ ହୋଇଥିବା ଲୋକଙ୍କ ମଧ୍ୟରେ ୧୭୯ ଜଣ ବିଦେଶୀ ନାଗରିକ ଅଛନ୍ତି ଏବଂ ସେମାନଙ୍କୁ ନିଜ ଦେଶକୁ ପ୍ରତ୍ୟର୍ପଣ କରାଯିବ। କ୍ଷମାଦାନରେ ଗୁରୁତ୍ୱପୂର୍ଣ୍ଣ ଦଣ୍ଡ ହ୍ରାସ, ମୃତ୍ୟୁଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରିବା, ଆଜୀବନ କାରାଦଣ୍ଡକୁ ୪୦ ବର୍ଷକୁ ହ୍ରାସ କରିବା ଏବଂ ଅନ୍ୟାନ୍ୟ ସର୍ତ୍ତାବଳୀକୁ ଏକ ଷଷ୍ଠାଂଶ ହ୍ରାସ



କରିବା ଅନ୍ତର୍ଭୁକ୍ତ। ତଥାପି ବ୍ୟାପକ ଚିତ୍ର ଏକ ଜଟିଳ କାହାଣୀ କହିଥାଏ। ରାଜନୈତିକ କଏଦୀମାନଙ୍କ ପାଇଁ ସହାୟତା ସଂଘ ଅନୁଯାୟୀ, ୨୦୨୧ରେ ସାମରିକ ବିଦ୍ରୋହ ପରଠାରୁ ୩୦,୦୦୦ରୁ ଅଧିକ ରାଜନୈତିକ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି, ଯାହା ମିଆଁମାରର ଦୁର୍ବଳ ଗଣତାନ୍ତ୍ରିକ ଢାଞ୍ଚାକୁ ପ୍ରକାଶ କରୁଛି।

# ସଂସଦରେ ମୋଦିଙ୍କୁ ଯାଦୁକର କହିଲେ ରାହୁଲ

## ବିଜେପିର ଜୋର୍‌ଦାର ହଙ୍ଗାମା

ନୂଆଦିଲ୍ଲୀ, ୧୭।୪: ଲୋକସଭାରେ ମହିଳା ସଂରକ୍ଷଣ ବିଲ ଏବଂ ସୀମା ପୁନଃନିର୍ଦ୍ଧାରଣ ପ୍ରସ୍ତାବକୁ ନେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ । ସଂସଦର ସ୍ୱତନ୍ତ୍ର ଅଧିବେଶନ ସମୟରେ ଲୋକସଭାରେ ଭାଷଣ ଦେଇ ବରିଷ୍ଠ କଂଗ୍ରେସ ନେତା କହିଛନ୍ତି ଯେ, ସରକାର ରାଜନୈତିକ ଉଦ୍ଦେଶ୍ୟ ହାସଲ କରିବା ଏବଂ କ୍ଷମତା ବଜାୟ ରଖିବା ପାଇଁ ମହିଳା ସଂରକ୍ଷଣକୁ ଏକ ଢ଼ାଲ ଭାବରେ ବ୍ୟବହାର କରୁଛନ୍ତି। ସେ କେନ୍ଦ୍ର ଉପରେ ନିର୍ବାଚନମଣ୍ଡଳୀ ପୁନର୍ଗଠନ ମାଧ୍ୟମରେ ଓବିସି ଏବଂ ଦଳିତଙ୍କ ରାଜନୈତିକ ସ୍ୱରକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ ମଧ୍ୟ କରିଛନ୍ତି। ରାହୁଲ ଗାନ୍ଧୀ କହିଛନ୍ତି ଯେ, ସମଗ୍ର ବିରୋଧୀ ଦଳ ଏହାକୁ 'ଦେଶ ବିରୋଧୀ' ପଦକ୍ଷେପ ବୋଲି ବର୍ଣ୍ଣନା କରି ପ୍ରତିରୋଧ କରିବେ ଏବଂ ଦଳୀୟ ଲାଭ ପାଇଁ ଗଣତାନ୍ତ୍ରିକ ଢାଞ୍ଚାକୁ ପରିବର୍ତ୍ତନ କରିବାର ଯେକୌଣସି



ପ୍ରୟାସକୁ ପରାସ୍ତ କରିବେ। ଲୋକସଭାରେ ରାହୁଲ ଗାନ୍ଧୀ କହିଛନ୍ତି, ଏହା ମହିଳା ସଂରକ୍ଷଣ ବିଲ୍ ନୁହେଁ । ମହିଳା ସଶକ୍ତିକରଣ ସହିତ ଏହାର କୌଣସି ସଂପର୍କ ନାହିଁ । ଭାରତର ମାନଚିତ୍ରକୁ ବଦଳାଇବାର ଏହା ଏକ ପ୍ରୟାସ । ସେ କହିଛନ୍ତି ଯେ, ମହିଳା ସଂରକ୍ଷଣ ବିଲ୍ ୨୦୨୩ ମସିହାରେ ଗୃହୀତ ହୋଇଥିଲା। ଏହି ବିଲ୍ ଦେଶର ନିର୍ବାଚନ ମାନଚିତ୍ରକୁ ବଦଳାଇବାର ଏକ ପ୍ରୟାସ। ରାହୁଲ ଗାନ୍ଧୀ କହିଛନ୍ତି, 'ସରକାର ଭୟଭୀତ। ସେମାନେ ଏହା ପୂର୍ବରୁ ଆସାମ ଏବଂ ଜାମ୍ମୁ କାଶ୍ମୀରରେ କରିସାରିଛନ୍ତି, ଏବଂ ଏବେ ସରକାର ଏହା ସାରା ଦେଶରେ କରିବାକୁ ଚାହୁଁଛି।' ଏହି ବିଲର ମହିଳା ସଶକ୍ତିକରଣ ସହିତ କୌଣସି ସମ୍ପର୍କ ନାହିଁ। ଆପଣ କ୍ଷମତା ହାସଲ କରିବାକୁ ଚେଷ୍ଟା କରୁଛନ୍ତି। ଏହି ବିଲ ରାଷ୍ଟ୍ର ବିରୋଧୀ। ଆମେ ସରକାରଙ୍କୁ ଏହା କରିବାକୁ ଦେବୁ ନାହିଁ। ଦକ୍ଷିଣ ଏବଂ ଉତ୍ତର ଭାରତରେ ଭେଦଭାବ କରାଯାଉଛି। ଦଳିତ ଏବଂ ଜନଜାତିଙ୍କ ଅଂଶଗ୍ରହଣ ହ୍ରାସ ପାଉଛି ବୋଲି ଅଭିଯୋଗ କରିଛନ୍ତି ରାହୁଲ ଗାନ୍ଧୀ। ରାହୁଲ ଗାନ୍ଧୀ କହିଛନ୍ତି ଯେ, 'ମହିଳାମାନେ ଆମର ଜାତୀୟ କଳ୍ପନାର ପ୍ରେରଣାଦାୟକ ଶକ୍ତି। ଆମେ ସମସ୍ତେ ଆମ ଜୀବନରେ ମହିଳାମାନଙ୍କଠାରୁ ଶିଖିଛୁ, ପ୍ରଭାବିତ ହୋଇଛୁ ଏବଂ ପ୍ରଚୁର ଜ୍ଞାନ ପାଇଛୁ।' ଏହି ବିଲ୍ ମହିଳାଙ୍କ ପ୍ରତିନିଧିତ୍ୱ ବିଷୟରେ କମ୍ ଏବଂ ନିର୍ବାଚନମଣ୍ଡଳୀ ପୁନଃନିର୍ମାଣ ମାଧ୍ୟମରେ ରାଜନୈତିକ ଇଞ୍ଜିନିୟରିଂ ବିଷୟରେ ଅଧିକ ବୋଲି ସେ କହିଛନ୍ତି। ତେବେ ନାରୀ ଶକ୍ତି ବନ୍ଦନା ଆଇନ ସଂଶୋଧନ ଉପରେ ଏକ ବିତର୍କ ସମୟରେ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ଯାଦୁଗର' ବୋଲି କହିଛନ୍ତି । ଶାସକ ଦଳ ତାଙ୍କ ବକ୍ତବ୍ୟକୁ ଦୃଢ଼ ବିରୋଧ କରିଛି ଏବଂ କ୍ଷମା ମାଗିବାକୁ ଦାବି କରିଛି । କଂଗ୍ରେସ ନେତା ରାହୁଲ ଗାନ୍ଧୀ ତାଙ୍କ ଭାଷଣରେ କହିଛନ୍ତି, 'ମହାଶୟ, ସତ୍ୟ ହେଉଛି ଯାଦୁଗର ଧରାପଡ଼ିଛି। ବାଲାକୋଟର ଯାଦୁକର, ବିମୁଦ୍ରୀକରଣର ଯାଦୁକର, (ଅପରେସନ୍) ସିନ୍ଦୂରର ଯାଦୁଗର ଧରାପଡ଼ିଯାଇଛି । ରାହୁଲ ଗାନ୍ଧୀ ଆଉ କିଛି କହିବା ପୂର୍ବରୁ ଲୋକସଭାରେ ହଟ୍ଟଗୋଳ ହୋଇଥିଲା ।

# ରାହୁଲଙ୍କ ନାଗରିକତ୍ୱକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ

ଲକ୍ଷ୍ନୌ, ୧୭।୪: ଭାରତୀୟ ରାଜନୀତିର ଶୀର୍ଷ ନେତୃତ୍ୱ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନାଗରିକତ୍ୱକୁ ନେଇ ଦୀର୍ଘ ଦିନରୁ ଲାଗି ରହିଥିବା ବିବାଦ ଏବେ ଏକ ନୂଆ ମୋଡ଼ ନେଇଛି। ରାହୁଲ ଗାନ୍ଧୀ ଜଣେ ବିଦେଶୀ ନାଗରିକ କି ନୁହେଁ, ସେଥିପାଇଁ ଏକ ନିରପେକ୍ଷ ତଦନ୍ତ ଆବଶ୍ୟକତା ରହିଛି ବୋଲି ଶୁକ୍ରବାର ଆଲାହାବାଦ ହାଇକୋର୍ଟଙ୍କ ଲକ୍ଷ୍ନୌ ବେଞ୍ଚ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି। କୋର୍ଟ ଉତ୍ତର ପ୍ରଦେଶ ସରକାରଙ୍କୁ ନିଜେ ଏହି ଏହି ମାମଲାର ତଦନ୍ତ କରିବାକୁ କିମ୍ବା ମାମଲାଟିକୁ କେନ୍ଦ୍ରୀୟ ଏଜେନ୍ସିକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଜେପି କର୍ମୀ ଏସ୍. ବିଘ୍ନେଶ ଶିଶିରଙ୍କ ଦ୍ୱାରା ଆଗତ ଏହି ଆବେଦନଟି ପୂର୍ବରୁ ଏକ ନିମ୍ନ ଅଦାଲତରେ ଖାରଜ ହୋଇଯାଇଥିଲା। ଗତ ଜାନୁଆରୀ ୨୮ ତାରିଖରେ ଲକ୍ଷ୍ନୌର ସ୍ୱତନ୍ତ୍ର ଏମପି/ଏମଏଲଏ କୋର୍ଟ ନାଗରିକତ୍ୱ ସମ୍ବନ୍ଧୀୟ ପ୍ରସଙ୍ଗ ନିଜର କ୍ଷମତା ବାହାରେ ବୋଲି କହି ଏଫ୍‌ଆଇଆର୍ ପଞ୍ଜିକରଣ ପାଇଁ ମନା କରିଦେଇଥିଲେ। ମାତ୍ର ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଦାବି କରିଛନ୍ତି ଯେ, ତାଙ୍କ ନିକଟରେ ବ୍ରିଟିଶ ସରକାରଙ୍କର କିଛି ଅତି ଗୋପନୀୟ ଦଲିଲ ଓ ଇମେଲ୍ ରହିଛି ଯାହା ପ୍ରମାଣ କରୁଛି ଯେ ରାହୁଲ ଗାନ୍ଧୀ ବାସ୍ତବରେ ଜଣେ ବ୍ରିଟିଶ ନାଗରିକ। ଯଦି ଏହି ସ୍ପର୍ଶକାତର ଅଭିଯୋଗ ପ୍ରମାଣିତ ହୁଏ, ତେବେ ରାହୁଲଙ୍କ ସାଂସଦ ପଦ ତଥା ନିର୍ବାଚନ ଲଢ଼ିବାର ଯୋଗ୍ୟତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହେବ। ଏହି ମାମଲାରେ ଭାରତୀୟ ନ୍ୟାୟ ସଂହିତା, ସରକାରୀ ଗୋପନୀୟତା ଆଇନ, ବିଦେଶୀ ନାଗରିକ ଆଇନ ଓ ପାସପୋର୍ଟ ଆଇନର ବିଭିନ୍ନ କଠୋର ଧାରା ଅନୁଯାୟୀ ତଦନ୍ତ କରିବାକୁ ଆବେଦନ କରାଯାଇଛି। ପୂର୍ବରୁ ଏହି ଘଟଣାର ଶୁଣାଣି ରାୟବରେଲି କୋର୍ଟରେ ଚାଲିଥିବା ବେଳେ ଡିସେମ୍ବର ୨୦୨୫ରେ ଏହାକୁ ଲକ୍ଷ୍ନୌକୁ ସ୍ଥାନାନ୍ତର କରାଯାଇଥିଲା।

## ନୁର୍ ଖାନ୍ ଏୟାର୍ ବେସ୍‌କୁ ଦୁର୍ଗରେ ପରିଣତ କରୁଛି ପାକିସ୍ତାନ

ଇସଲାମାବାଦ, ୧୭।୪: ଗତବର୍ଷ ଅପରେସନ୍ ସିନ୍ଦୂର ସମୟରେ ଭାରତର ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ପାକିସ୍ତାନର ଗୁରୁତ୍ୱପୂର୍ଣ୍ଣ ନୁର୍ ଖାନ୍ ଏୟାର୍ ବେସକୁ ସେନା ମୁଖ୍ୟ ଅସୀମ ମୁନିର ଏକ ଦୁର୍ଗରେ ପରିଣତ କରୁଛନ୍ତି। ସଦ୍ୟତମ ଉପଗ୍ରହ ଚିତ୍ରରେ ସେନା ମୁଖ୍ୟାଳୟ ନିକଟରେ ଅବସ୍ଥିତ ପାକିସ୍ତାନର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଏୟାର୍ ବେସ୍ ନୁର୍ ଖାନରେ ନୂତନ ନିର୍ମାଣ କାର୍ଯ୍ୟକଳାପ ଦେଖାଯାଇଛି। ଅପରେସନ୍ ସିନ୍ଦୂରର ପ୍ରାୟ ଏକ ବର୍ଷ ପରେ ବି ମରାମତି କାର୍ଯ୍ୟ ଜାରି ରହିଛି, ଯାହା ଭାରତର ଆକ୍ରମଣରେ ହୋଇଥିବା ଏହାର ବ୍ୟାପକ କ୍ଷୟକ୍ଷତିକୁ ଦର୍ଶାଉଛି। ଜିଓ-ଇଣ୍ଟେଲିଜେନ୍ସ ବିଶେଷଜ୍ଞ ଡାମିଏନ୍ ସାଇମନଙ୍କ ଦ୍ୱାରା ପୋଷ୍ଟ କରାଯାଇଥିବା ଉପଗ୍ରହ ଚିତ୍ରରେ ରାୱଲପିଣ୍ଡିର ଏୟାବେସରେ ନୂତନ ହ୍ୟାଙ୍ଗର ନିର୍ମାଣ କରାଯାଉଥିବା ଦେଖାଯାଇଛି। ସାଇମନ୍ ସୂଚାଇ ଦେଇଛନ୍ତି ଯେ ଏହା କୌଣସି ନିୟମିତ ନିର୍ମାଣ ନୁହେଁ। ପ୍ରକୃତ ଉଦ୍ଦେଶ୍ୟ ହେଉଛି ଶତ୍ରୁମାନଙ୍କ ଦ୍ୱାରା ସାଇଟ୍ ଉପରେ ଆଇଏସ୍‌ଆର୍ (ଗୁପ୍ତଚର, ନିରୀକ୍ଷଣ, ଅନୁସନ୍ଧାନ) ତଥ୍ୟ ସଂଗ୍ରହକୁ ସୀମିତ କରିବା। ଏଭଳି ପଦକ୍ଷେପ ଦ୍ୱାରା ପାକିସ୍ତାନ ବାୟୁସେନାର କାର୍ଯ୍ୟକଳାପ ଉପରେ ନଜର ରଖିବା ଭାରତ ପାଇଁ ଅଧିକ କଷ୍ଟକର ହେବ। ମାରାତ୍ମକ ପହଲଗାମ ଆକ୍ରମଣର ଜବାବରେ ଆରମ୍ଭ ହୋଇଥିବା ଅପରେସନ୍ ସିନ୍ଦୂର ପାକିସ୍ତାନର ଦୁର୍ବଳତାକୁ ପ୍ରକାଶ କରିଥିଲା କାରଣ ଭାରତ ଏହାର ୧୧ଟି ପ୍ରମୁଖ ସାମରିକ ଘାଟି ଉପରେ ଆକ୍ରମଣ କରିଥିଲା। ପାକିସ୍ତାନର ରାଜଧାନୀ ଇସଲାମାବାଦଠାରୁ ମାତ୍ର ୨୫ କିଲୋମିଟର ଦୂରରେ ଥିବା ନୁର୍ ଖାନରେ ହୋଇଥିବା ଆକ୍ରମଣ ପାକିସ୍ତାନର ମେରୁଦଣ୍ଡ ଭାଙ୍ଗି ଦେଇଥିଲା ଏବଂ ତିନି ଦିନର ଶତ୍ରୁତା ପରେ ଶେଷରେ ଅସ୍ତ୍ରବିରତି ପାଇଁ ଭାରତ ନିକଟରେ ପହଞ୍ଚିଥିଲା।

## କଂଗ୍ରେସ ବିଧାୟକ ବିନୟ କୁଲକର୍ଣ୍ଣିଙ୍କୁ ଆଜୀବନ କାରାଦଣ୍ଡ

ବେଙ୍ଗାଲୁରୁ, ୧୭।୪: ଶୁକ୍ରବାର ବେଙ୍ଗାଲୁରୁର ଏକ କୋର୍ଟ ଭାରତୀୟ ଜନତା ପାର୍ଟି (ବିଜେପି)ର ସ୍ଥାନୀୟ ନେତା ଯୋଗେଶଗୌଡା ଗୌଡରଙ୍କ ଚାଞ୍ଚଲ୍ୟକର ହତ୍ୟା ମାମଲାରେ କଂଗ୍ରେସ ବିଧାୟକ ବିନୟ କୁଲକର୍ଣ୍ଣିଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ରାୟରେ କୁଲକର୍ଣ୍ଣିଙ୍କୁ କର୍ଣ୍ଣାଟକ ବିଧାନସଭାରୁ ଅଯୋଗ୍ୟ ଘୋଷଣା ହେବାର ଆଶଙ୍କା ମଧ୍ୟ ରହିଛି। ତାଙ୍କ ସହିତ, କୋର୍ଟ ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଅନ୍ୟ ପନ୍ଦର ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ନିର୍ବାଚିତ ପ୍ରତିନିଧିମାନଙ୍କ ସହ ଜଡିତ ମାମଲା ପାଇଁ ସ୍ୱତନ୍ତ୍ର କୋର୍ଟର ବିଚାରପତି ସନ୍ତୋଷ ଗଜାନନ ଭଟ୍ଟ କୁଲକର୍ଣ୍ଣି ଏବଂ ଅନ୍ୟମାନଙ୍କୁ ହତ୍ୟା ଏବଂ ଅପରାଧିକ ଷଡ଼ଯନ୍ତ୍ର ଅଭିଯୋଗ ସମେତ ଆଇପିସିର ବହୁବିଧ ଧାରା ଅନୁଯାୟୀ ଦୋଷୀ ଘୋଷଣା କରିବାର ଦୁଇ ଦିନ ପରେ ଏହି ରାୟ ଆସିଛି। ଏହି ମାମଲାଟି ଜୁନ୍ ୧୫, ୨୦୧୬ର, ଯେତେବେଳେ ଧାରୱାଡର ଜଣେ ଜିଲ୍ଲା ପଞ୍ଚାୟତ ସଦସ୍ୟ ଗୌଦରଙ୍କୁ ସପ୍ତପୁର ଅଞ୍ଚଳରେ ତାଙ୍କ ଜିମ୍ ଭିତରେ ଭଡାଟିଆ ଆକ୍ରମଣକାରୀମାନେ ହତ୍ୟା କରିଥିଲେ।

## ସଞ୍ଜୀବ ଆରୋରାଙ୍କ ଘରେ ଇଡି ଚଢ଼ାଉ

ନୂଆଦିଲ୍ଲୀ, ୧୭।୪: ଅଶୋକ ମିତ୍ତଲଙ୍କ ପରେ ଆଉ ଜଣେ ଆପ୍ ନେତାଙ୍କୁ ଝଟକା ଲାଗିଛି । ପଞ୍ଜାବ କ୍ୟାବିନେଟ୍ ମନ୍ତ୍ରୀ ସଞ୍ଜୀବ ଆରୋରାଙ୍କ ଘରେ ଚଢ଼ାଉ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ -ଇଡି । ଲୁଧିଆନାସ୍ଥିତ ତାଙ୍କ ବାସଭବନରେ ଚଢ଼ାଉ କରାଯାଇଛି । ଘର ବାହାରେ କେନ୍ଦ୍ରୀୟ ପୁଲିସ ମୁତୟନ ଅଛନ୍ତି । ମନ୍ତ୍ରୀ ସଞ୍ଜୀବ ଆରୋରାଙ୍କ ବାସଭବନ ସମେତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଚଢ଼ାଉ କରାଯାଇଛି ।ମନି ଲଣ୍ଡରିଂ ଏବଂ ଜମି କାରବାରରେ ଅନିୟମିତତା ନେଇ ଚଢ଼ାଉ କରିଛି ଇଡି।

# ସୁପ୍ରିମକୋର୍ଟରେ ପବନ ଖେଡ଼ାଙ୍କୁ ମିଳିଲାନି ଆଶ୍ୱସ୍ତି

ନୂଆଦିଲ୍ଲୀ, ୧୭।୪: ଶୁକ୍ରବାର କଂଗ୍ରେସ ନେତା ପବନ ଖେଡ଼ାଙ୍କୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ ଏକ ବଡ଼ ଧରଣର ଆଇନଗତ ଝଟକା ଲାଗିଛି, କୋର୍ଟ ତାଙ୍କ ଅନ୍ତରୀଣ ଜାମିନ ଉପରେ ଥିବା ରୋକକୁ ହଟାଇବାକୁ ମନା କରିଦେଇଛନ୍ତି, ଯାହା ଫଳରେ ତାଙ୍କୁ ଗିରଫ କରିବା ପାଇଁ ଆସାମ ପୋଲିସ ପାଇଁ ବାଟ ପରିଷ୍କାର ହୋଇଯାଇଛି। ଜଷ୍ଟିସ ଜେ.କେ ମାହେଶ୍ୱରୀ ଓ ଜଷ୍ଟିସ ଅତୁଲ ଏସ୍. ଚାନ୍ଦୁରକରଙ୍କ ଖଣ୍ଡପୀଠ ତେଲେଙ୍ଗାନା ହାଇକୋର୍ଟଙ୍କ ପୂର୍ବ ନିଷ୍ପତ୍ତି ଉପରେ ରୋକ ଜାରି ରଖିବା ସହ ଖେଡ଼ାଙ୍କୁ ଗୌହାଟି ହାଇକୋର୍ଟରେ ଅଗ୍ରିମ ଜାମିନ ଆବେଦନ କରିବାକୁ ପରାମର୍ଶ ଦେଇଛନ୍ତି। ବିଶେଷ କରି କୋର୍ଟରେ ଭୁଲ ଦଲିଲ ବା ତ୍ରୁଟିପୂର୍ଣ୍ଣ ଆଧାର ପରିଚୟପତ୍ର ଦାଖଲ କରିଥିବା ଯୋଗୁଁ ସୁପ୍ରିମକୋର୍ଟ ଖେଡ଼ାଙ୍କୁ ଭର୍ତ୍ସନା କରିଛନ୍ତି ଏବଂ ଆସାମର ସମ୍ପୃକ୍ତ ଅଦାଲତକୁ ଏହି ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟଙ୍କ କୌଣସି ପୂର୍ବ ମନ୍ତବ୍ୟ ଦ୍ୱାରା



ପ୍ରଭାବିତ ନହୋଇ କେବଳ ଗୁଣବତ୍ତା ଆଧାରରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏପ୍ରିଲ ୪ ତାରିଖରେ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରୁ ଆରମ୍ଭ ହୋଇଥିଲା ପବନ ଖେଡ଼ାଙ୍କ ସମସ୍ୟା, ପବନ ଖେଡ଼ା ଅଭିଯୋଗ କରିଥିଲେ ଯେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ପତ୍ନୀ ରିନିକି ଭୂୟାଁ ଶର୍ମାଙ୍କ ପାଖରେ ତିନୋଟି ଦେଶର ପାସପୋର୍ଟ ଏବଂ ଦୁବାଇରେ ବହୁ ପରିମାଣର ଅଘୋଷିତ ସମ୍ପତ୍ତି ରହିଛି। ଶର୍ମା ପରିବାର ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ମିଥ୍ୟା ଓ ଏହାକୁ ପାକିସ୍ତାନୀ ସୋସିଆଲ ମିଡିଆ ଗ୍ରୁପ୍ ଦ୍ୱାରା ପ୍ରସ୍ତୁତ 'ଏଆଇ(କୃତ୍ରିମ ବୁଦ୍ଧିମତା)-ଜନିତ ଜାଲିଆତି' ବୋଲି ଦର୍ଶାଇଛନ୍ତି।

# ପାକିସ୍ତାନକୁ ୨ ବିଲିୟନ ଡଲାର ସହାୟତା ପ୍ରଦାନ କଲେ ମହମ୍ମଦ ବିନ୍ ସଲମାନ୍




ନୂଆଦିଲ୍ଲୀ, ୧୭।୪: ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବେ ସାଉଦି ଆରବ, କତାର ଏବଂ ତୁର୍କୀକୁ ତିନିଟି ରାଷ୍ଟ୍ର ଗସ୍ତରେ ଅଛନ୍ତି। ତାଙ୍କର ଏହି ଗସ୍ତ ସମୟରେ ସାଉଦି ଆରବ ପାକିସ୍ତାନକୁ ୨ ବିଲିୟନ ଡଲାର ସହାୟତା ପ୍ରଦାନ କରିଛି। ପାକିସ୍ତାନକୁ ପ୍ରଥମେ ସଂଯୁକ୍ତ ଆରବ ଏମିରେଟ୍ସ ଏହି ମାସ ଶେଷ ସୁଦ୍ଧା ୩ ବିଲିୟନ ଡଲାର ଋଣ ପରିଶୋଧ କରିବାକୁ କହିଥିଲା। ତେଣୁ ପାକିସ୍ତାନ ଏବେ ଋଣ ପରିଶୋଧ ପାଇଁ ସାଉଦି ଆରବର ସହାୟତା ଲୋଡ଼ିଛି । ପାକିସ୍ତାନୀ ଗଣମାଧ୍ୟମ ଡନ୍ ରିପୋର୍ଟ କରିଛି ଯେ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ପାକିସ୍ତାନ ଆଜି ନିଶ୍ଚିତ କରିଛି ଯେ, ପାକିସ୍ତାନ ସାଉଦି ଆରବରୁ ୨ ବିଲିୟନ ଡଲାର ସହାୟତା ପାଇଛି । ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ମଧ୍ୟପ୍ରାଚ୍ୟରେ ଶାନ୍ତି ବୃଦ୍ଧି କରିବା ଏବଂ କୂଟନୈତିକ ପ୍ରୟାସକୁ ଆଗକୁ ବଢ଼ାଇବା ପାଇଁ ସାଉଦି ଆରବରେ ଥିବା ସମୟରେ ଏହି ସମ୍ପର୍କ ବୃଦ୍ଧି ପାଇଛି । ଡନ୍ ଅନୁସାରେ, ସାଉଦି ଆରବ ଗୋଟିଏ ଦିନ ପୂର୍ବରୁ ପାକିସ୍ତାନ ପାଇଁ ଅତିରିକ୍ତ ୩ ବିଲିୟନ ଡଲାର ଦେବାକୁ ପ୍ରତିଶ୍ରୁତି ଦେଇଥିଲା ଏବଂ ଏହାର ଉପସ୍ଥିତ ୫ ବିଲିୟନ ଡଲାର ସୁବିଧାକୁ ଅତିରିକ୍ତ ତିନି ବର୍ଷ ପାଇଁ ବୃଦ୍ଧି କରିଥିଲା।

## କାର୍-ବସ୍ ଦୁର୍ଘଟଣା: ଗୋଟିଏ ପରିବାରର ୯ ଜଣଙ୍କ ମୃତ୍ୟୁ

ବେଙ୍ଗାଲୁରୁ୧୭।୪: ବସ୍ ସହ କାର୍ ମୁହାଁମୁହିଁ ଧକ୍କା। ଏଥିରେ ଗୋଟିଏ ପରିବାର ୯ ଜଣକର ମୃତ୍ୟୁ ହୋଇଥିବା ବେଳେ, ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଏଭଳି ଏକ ଭୟଙ୍କର ଦୁର୍ଘଟଣା ଘଟିଛି କର୍ଣ୍ଣାଟକ ସୁରପୁର ବ୍ଲକ ଯାଦଗିରରେ । ଶୁକ୍ରବାର ଏଠାରେ ଏକ କାର ଏବଂ ଘରୋଇ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କାରେ ଯାଇଛି ୯ ଜଣଙ୍କର ଜୀବନ। ଏସପି ପୃଥ୍ୱୀକ ଶଙ୍କର କହିଛନ୍ତି କାରଟି ଯାତ୍ରା କରୁଥିବା ପରିବାର ରାଇଚୁର ଜିଲ୍ଲାର ସିରୱାର ତାଲୁକର ବାସିନ୍ଦା। ସେମାନେ ଯାଦଗିରରୁ ରାଇଚୁର ଅଭିମୁଖେ ଯାଉଥିଲେ। ସେହିଭଳି ବସଟି ବେଙ୍ଗାଲୁରୁରୁ କଲାବୁରାଗି ଅଭିମୁଖେ ଯାତ୍ରା କରୁଥିଲା। ହେଲେ ସୁରପୁର ତାଲୁକର ଶାନ୍ତାପୁରା କ୍ରସ ନିକଟରେ କାରଟିର ଟାୟାର ଫାଟିଯାଇଥିଲା। ଆଉ ଏହା ସାମ୍ନାରୁ ଆସୁଥିବା ବସ୍ ସହ ପିଟିହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, କାରଟି ବସ୍ ସହ ପିଟି ହେବା ମାତ୍ରେ ସେଥିରେ ନିଆଁ ଲାଗିଯାଇଥିଲା। ଧକ୍କାର ପ୍ରଭାବ ଏତେ ତୀବ୍ର ଥିଲା ଯେ, କାର ଏବଂ ବସ୍ ନିଆଁରେ ସମ୍ପୂର୍ଣ୍ଣ ପୋଡ଼ି ଯାଇଛି। ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ହେଲେ ସେତେବେଳକୁ କାରରେ ଥିବା ମୋଟ ୧୦ ଯାତ୍ରୀଙ୍କ ମଧ୍ୟରୁ ଦୁଇ ପିଲାଙ୍କ ସମେତ ଚାରି ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ ।

## ଟିସିଏସ୍ ନାସିକ୍ ଯୌନ ନିର୍ଯାତନା ମାମଲା ତଦନ୍ତ କରିବ ଜାତୀୟ ମହିଳା ଆୟୋଗ

ନୂଆଦିଲ୍ଲୀ, ୧୭।୪: ମହାରାଷ୍ଟ୍ରର ନାସିକ୍ ସ୍ଥିତ ଟିସିଏସ୍ ବିପିଓ ସେଣ୍ଟରରେ ମହିଳାଙ୍କୁ ଯୌନ ନିର୍ଯାତନା ଦିଆଯିବା ମାମଲାରେ ଜାତୀୟ ମହିଳା ଆୟୋଗ (ଏନସିଡବ୍ଲ୍ୟୁ) ଘଟଣାକୁ ସ୍ୱତଃ ସଂଜ୍ଞାନକୁ ନେବା ସହିତ ଏହାର ତଦନ୍ତ କରିବା ପାଇଁ ଏକ ତଥ୍ୟ ଅନୁସନ୍ଧାନ କମିଟି ଗଠନ କରିଛି। ଏନସିଡବ୍ଲ୍ୟୁ ଏକ ବିବୃତି ଜାରି କରି କହିଛି ଯେ, ଏହା ନାସିକ୍ ଟିସିଏସ୍ ବିପିଓ ଅଫିସ ଯାଇ ଯୌନ ନିର୍ଯାତନା ମାମଲାର ତଦନ୍ତ କରିବ। ଏହି ଘଟଣାକୁ ଆୟୋଗ ଗମ୍ଭୀରତାର ସହ ବିଚାରକୁ ନେଇଛି। ଜାତୀୟ ମହିଳା ଆୟୋଗ ଆଇନ, ୧୯୯୦ ର ଧାରା ୮ ଅନୁଯାୟୀ ଆୟୋଗ ଏହାର କ୍ଷମତା ବ୍ୟବହାର କରି, ଘଟଣାର ବିସ୍ତୃତ ତଦନ୍ତ କରିବା ପାଇଁ ଏକ ତଥ୍ୟ ଅନୁସନ୍ଧାନ କମିଟି ଗଠନ କରିଛି। କମିଟି ଶନିବାର ଘଟଣାସ୍ଥଳ ପରିଦର୍ଶନ କରିବେ।ଏକ ସରକାରୀ ବିବୃତି ଅନୁଯାୟୀ କିମିଟିରେ ବମ୍ବେ ହାଇକୋର୍ଟଙ୍କ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ସାଧନା ଯାଧବ, ହରିୟାଣାର ପୂର୍ବତନ ଡିଜିପି ବିକେ ସିହ୍ନା, ସୁପ୍ରିମକୋର୍ଟ ଓକିଲ ମୋନିକା ଆରୋରା ଏବଂ ଏନସିଡବ୍ଲ୍ୟୁର ବରିଷ୍ଠ ସଂଯୋଜକ ଲୀଳାବତୀ ଅଛନ୍ତି। କମିଟି ୧୦ ଟି କାର୍ଯ୍ୟ ଦିବସ ମଧ୍ୟରେ ଏହାର ରିପୋର୍ଟ ଦାଖଲ କରିବ। ଟିସିଏସ୍ ଆଉଟସୋର୍ସିଂ ୟୁନିଟ୍ରେ ଦୀର୍ଘ ଦିନ ହେଲା କାର୍ଯ୍ୟକ୍ଷେତ୍ରରେ ନିର୍ଯାତନା ଓ ଧର୍ମ ପରିବର୍ତ୍ତନ ପରି ଗମ୍ଭୀର ଅଭିଯୋଗ ହୋଇଛି।

# ପରମାଣୁ ଚୁକ୍ତିକୁ ନେଇ ଟ୍ରମ୍ପଙ୍କ ଦାବିକୁ 'ମିଥ୍ୟା' କହିଲା ଇରାନ

## ୟୁରାନିୟମ୍ ହସ୍ତାନ୍ତରକୁ ନେଇ ବଢ଼ିଲା ବିବାଦ

ନୂଆଦିଲ୍ଲୀ, ୧୭।୪ :ଇରାନ ଓ ଆମେରିକା ମଧ୍ୟରେ ପରମାଣୁ ବୁଝାମଣାକୁ ନେଇ ଦୁଇ ଦେଶ ମଧ୍ୟରେ ପୁଣି ଥରେ ବାକ୍ ଯୁଦ୍ଧ ଆରମ୍ଭ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି ଯେ, ଇରାନ ନିଜର ସମୃଦ୍ଧ ୟୁରାନିୟମ୍ ଭଣ୍ଡାରକୁ ହସ୍ତାନ୍ତର କରିବାକୁ ସମ୍ମତି ପ୍ରକାଶ କରିଛି। ଇରାନ ସହିତ ଏକ ବଡ଼ ଧରଣର ଚୁକ୍ତି ହେବାକୁ ଯାଉଛି ଏବଂ ସେମାନେ ନିଜର ୟୁରାନିୟମ ଫେରାଇବାକୁ ରାଜି ହୋଇଛନ୍ତି । କିନ୍ତୁ ଇରାନ ପକ୍ଷରୁ ଏହି ଦାବିକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରାଯାଇଛି। ଇରାନର ସଂସଦ ବାଚସ୍ପତି ମହମ୍ମଦ ବାଘେର ଘାଲିବାଫଙ୍କ ଅନୁଯାୟୀ,



ଆମେରିକାକୁ ପରମାଣୁ ସାମଗ୍ରୀ ହସ୍ତାନ୍ତର କରିବା ନେଇ କୌଣସି ଆଲୋଚନା ହୋଇନାହିଁ ଏବଂ ଟ୍ରମ୍ପଙ୍କ ଏହି ମନ୍ତବ୍ୟକୁ ସେ 'ମିଥ୍ୟା' ବୋଲି କହିଛନ୍ତି। ଟ୍ରମ୍ପ୍ ହ୍ୱାଇଟ ହାଉସ ଠାରେ ସମ୍ବାଦଦାତାମାନଙ୍କ ସହ କଥାବାର୍ତ୍ତା ବେଳେ ସୂଚନା ଦେଇଥିଲେ ଯେ, ଆଗାମୀ ଚୁକ୍ତି ଅନୁଯାୟୀ ଇରାନ କେବେ ବି ପରମାଣୁ ଅସ୍ତ୍ର ପ୍ରସ୍ତୁତ କରିପାରିବ ନାହିଁ ଏବଂ ଏହି କଟକଣା ସ୍ଥାୟୀ ଭାବେ ଲାଗୁ ହେବ। ଏଥିପାଇଁ ସେ ଇସଲାମାବାଦ ଯାଇ ଚୁକ୍ତି ସ୍ୱାକ୍ଷର କରିପାରନ୍ତି ବୋଲି ମଧ୍ୟ ସଙ୍କେତ ଦେଇଥିଲେ। ଅପରପକ୍ଷରେ, ଇରାନର ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯେ ଯେପର୍ଯ୍ୟନ୍ତ ଆମେରିକା ଇରାନର ସମସ୍ତ ସର୍ତ୍ତ ପୂରଣ ନକରିଛି, ସେପର୍ଯ୍ୟନ୍ତ କୌଣସି ସମାଧାନ ସମ୍ଭବ ନୁହେଁ। ଗତ କିଛି ସପ୍ତାହର ସାମରିକ ଉତ୍ତେଜନା ପରେ ଉଭୟ ଦେଶ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଚେଷ୍ଟା କରୁଥିଲେ ମଧ୍ୟ ସାର୍ବଜନୀନ ବିବୃତି ଏବଂ ବାସ୍ତବ ସ୍ଥିତି ମଧ୍ୟରେ ଥିବା ବଡ଼ ପାର୍ଥକ୍ୟ ଏହି କୂଟନୈତିକ ପ୍ରକ୍ରିୟାକୁ ଜଟିଳ କରିଦେଇଛି।

## ଚୋରା ମୋବାଇଲ୍ ର୍ୟାକେଟ୍‌ର ପର୍ଦ୍ଦାଫାସ

### ପଶ୍ଚିମବଙ୍ଗର ୨ ଗିରଫ, ୨୬ ମୋବାଇଲ, ୩୯ ବ୍ୟାଟେରୀ ଓ ସିମ୍ କାର୍ଡ ଜବତ



ବେଲଗୁଣ୍ଠା(ନିପ୍ର): ବେଲଗୁଣ୍ଠା ଥାନା ପୋଲିସକୁ ମିଳିଛି ଏକ ବଡ଼ ସଫଳତା । ସହରର ବେଦିରି ସାହି ଅଞ୍ଚଳରେ ଚାଲିଥିବା ଏକ ଚୋରା ମୋବାଇଲ୍ କାରବାର ଉପରେ ଚଢ଼ାଉ କରି ପୋଲିସ ଦୁଇଜଣ ଆନ୍ତଃରାଜ୍ୟ ଅପରାଧୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ପଶ୍ଚିମବଙ୍ଗର ବୋଲି ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ବେଲଗୁଣ୍ଠା ବେଦିରି ସାହିରେ ଏକ ଭଡ଼ା ଘରେ ରହି କିଛି ବ୍ୟକ୍ତି ବେଆଇନ କାର୍ଯ୍ୟକଳାପ ଚଳାଉଥିବା ନେଇ ପୋଲିସ ନିକଟରେ ଖବର ପହଞ୍ଚିଥିଲା । ପୋଲିସ ଏହି ସ୍ଥାନରେ ଚଢ଼ାଉ କରିବା ସମୟରେ ବିପୁଳ ପରିମାଣର ଚୋରା ମୋବାଇଲ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଉଦ୍ଧାର କରିଥିଲା । ଜବତ ହୋଇଥିବା ସାମଗ୍ରୀ ମଧ୍ୟରେ ୨୬ଟି ବିଭିନ୍ନ କମ୍ପାନୀର ଚୋରା ମୋବାଇଲ୍ ଫୋନ୍, ୩୯ଟି ମୋବାଇଲ୍ ବ୍ୟାଟେରୀ, ୧୬ଟି ବିଭିନ୍ନ ଟେଲିକମ୍ କମ୍ପାନୀର ସିମ୍ କାର୍ଡ, ଗୋଟିଏ ହିରୋ ହୋଣ୍ଡା ସ୍ପ୍ଲେଣ୍ଡର ପ୍ରୋ ମୋଟରସାଇକେଲ, ଗୋଟିଏ ଟିଭିଏସ୍ ଏକ୍ସେଲ୍ ମୋପେଡ୍ ରହିଥିବା ବେଲଗୁଣ୍ଠା ପୋଲିସ ସୂଚନା ଦେଇଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ମାଲଦା ଜିଲ୍ଲାର ହରିଶ୍ଚନ୍ଦ୍ରପୁର ଥାନା ଅଞ୍ଚଳର ତାଲଗାଛି ଗ୍ରାମର ଆଶ୍ରାଫୁଲ୍ ହକ୍ (୪୨) ଓ ଖିଦିରପୁର୍ ଗ୍ରାମର ନୁରୁଲ୍ ଇସଲାମ୍ (୩୦) ଉଭୟଙ୍କ ଘର । ସେମାନେ ଏଠାରେ ଫେରିବାଲା ଭାବେ କାମ କରିବା ଆଳରେ ଚୋରା ମୋବାଇଲ୍ କାରବାର କରୁଥିବା ସନ୍ଦେହ କରାଯାଉଛି । ଏହି ମାମଲାରେ ବେଲଗୁଣ୍ଠା ପୋଲିସ କେସ୍ ନଂ- ୧୭୮/୨୬ ଅନୁଯାୟୀ ଏକ ମାମଲା ରୁଜୁ କରିଛି । ଭାରତୀୟ ନ୍ୟାୟ ସଂହିତା ଧାରା ୩୩୧(୪), ୩୩୧(୩), ୩୦୫, ୩୩୬(୩), ୩୪୦(୨) ଏବଂ ୩(୫) ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ଗ୍ୟାଙ୍ଗ ସହ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି ଏବଂ ଏହି ମୋବାଇଲ୍‌ଗୁଡ଼ିକ କେଉଁଠାରୁ ଚୋରି ହୋଇଥିଲା, ସେ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ବୋଲି ଥାନାଧିକାରୀ ରେବତୀ ଶବର ପ୍ରକାଶ କରିଛନ୍ତି ।

## ଆପାର୍ଟମେଣ୍ଟ ସୁରକ୍ଷା ଚିନ୍ତା, ଆଇପି ଲେବଲ କ୍ୟାମେରା ବାଧ୍ୟତାମୂଳକ

ଭୁବନେଶ୍ୱର(ନିପ୍ର): ସହରରେ ବିଭିନ୍ନ ପ୍ରକାରର ଅପରାଧ ବଢୁଥିବାରୁ କମିଶନରେଟ ପୋଲିସ ଆପାର୍ଟମେଣ୍ଟ ସୁରକ୍ଷାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ସହରର ପ୍ରମୁଖ ଆପାର୍ଟମେଣ୍ଟଗୁଡ଼ିକରେ ଆଇପି ଲେବଲ କ୍ୟାମେରା ଲଗାଇବାକୁ ବାଧ୍ୟତାମୂଳକ ନୋଟିସ ଜାରି କରାଯାଇଛି । ଏହା ସହ ସିସିଟିଭି ଫୁଟେଜ ଏବଂ ତଥ୍ୟ ପୋଲିସକୁ ତୁରନ୍ତ ପ୍ରଦାନ କରିବାକୁ ମଧ୍ୟ ନୋଟିସରେ ଉଲ୍ଲେଖ କରାଯାଇଛି । କମିଶନରେଟ ପୋଲିସ ପକ୍ଷରୁ ଜଣାପଡ଼ିଛି ଯେ, ସହରରେ ଭିନ୍ନ ଭିନ୍ନ ଧରଣର ଅପରାଧୀ ସକ୍ରିୟ ରହିଛନ୍ତି । ଏହି ଅପରାଧଗୁଡ଼ିକୁ ରୋକିବା ଏବଂ ଅପରାଧୀମାନଙ୍କୁ ଶୀଘ୍ର କାବୁ କରିବା ପାଇଁ ପୋଲିସ ଏକ ସମନ୍ୱିତ ପ୍ରକ୍ରିୟା ଆରମ୍ଭ କରିଛି । ଏହି ପ୍ରକ୍ରିୟାର ଏକ ଅଂଶ ହେଉଛି ଆପାର୍ଟମେଣ୍ଟ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରିବା । ଏନେଇ ଆପାର୍ଟମେଣ୍ଟ ୱେଲଫେୟାର ସୋସାଇଟି ସହ କମିଶନରେଟ ପୋଲିସ ବିସ୍ତୃତ ଆଲୋଚନା କରିଛି । ଉଭୟ ପକ୍ଷର ସହମତି ପରେ ଏହି ନୋଟିସ ଜାରି କରାଯାଇଛି । ନୋଟିସରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ, ପ୍ରତ୍ୟେକ ଆପାର୍ଟମେଣ୍ଟରେ ଉଚ୍ଚ ଗୁଣବତ୍ତାର ଆଇପି ଲେବଲ କ୍ୟାମେରା ଲଗାଇବା ଆବଶ୍ୟକ । ଏହି କ୍ୟାମେରାଗୁଡ଼ିକ ରାତ୍ରି ଦର୍ଶନ ସମେତ ଉନ୍ନତ ଫିଚ୍‌ର ଯୁକ୍ତ ହେବା ଉଚିତ୍ । ଏହା ଦ୍ୱାରା ଆପାର୍ଟମେଣ୍ଟ ଭିତରେ ଓ ବାହାରେ ହେଉଥିବା ଯେ କୌଣସି ଅସ୍ୱାଭାବିକ କାର୍ଯ୍ୟକଳାପ ରେକର୍ଡ ହୋଇପାରିବ ଏବଂ ଆବଶ୍ୟକ ସମୟରେ ପୋଲିସକୁ ସହଜରେ ପ୍ରଦାନ କରାଯାଇପାରିବ । ନୋଟିସରେ ଆହୁରି କୁହାଯାଇଛି ଯେ, କୌଣସି ଅପରାଧ ଘଟଣା ଘଟିଲେ ସିସିଟିଭି ଫୁଟେଜ ତୁରନ୍ତ ପୋଲିସକୁ ହସ୍ତାନ୍ତର କରିବା ଆବଶ୍ୟକ । ଏହି ତଥ୍ୟ ପ୍ରଦାନ ନକରିବା କ୍ଷେତ୍ରରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି । ଆପାର୍ଟମେଣ୍ଟ ୱେଲଫେୟାର ସୋସାଇଟି ପ୍ରତିନିଧିମାନେ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି । ସେମାନେ କହିଛନ୍ତି ଯେ, ସହରର ଆପାର୍ଟମେଣ୍ଟଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ମଜବୁତ କରିବା ଆମର ମୁଖ୍ୟ ଲକ୍ଷ୍ୟ । ପୋଲିସ ସହ ଏହି ସହଯୋଗିତା ଦ୍ୱାରା ବାସିନ୍ଦାମାନଙ୍କ ମଧ୍ୟରେ ନିରାପତ୍ତାର ଭାବ ବଢ଼ିବ । ପୋଲିସ ଅଧିକାରୀମାନେ ମଧ୍ୟ କହିଛନ୍ତି ଯେ, ଆଧୁନିକ ପ୍ରଯୁକ୍ତି ବ୍ୟବହାର କରି ଅପରାଧ ନିୟନ୍ତ୍ରଣ କରିବା ଏବଂ ନାଗରିକଙ୍କ ସୁରକ୍ଷା ନିଶ୍ଚିତ କରିବା ହେଉଛି ସରକାରର ପ୍ରାଥମିକତା । ସହରର ବିଭିନ୍ନ ପ୍ରମୁଖ ଆପାର୍ଟମେଣ୍ଟ, ରେସିଡେନ୍ସିଆଲ କମ୍ପ୍ଲେକ୍ସ ଏବଂ ଅନ୍ୟାନ୍ୟ ବଡ଼ ଆବାସିକ କୋଠାରେ ଏହି ନୋଟିସ ଲଗାଯାଇଛି । ପୋଲିସ ପକ୍ଷରୁ କୁହାଯାଇଛି ଯେ, ନୋଟିସ ପ୍ରାପ୍ତ ପରେ ଆପାର୍ଟମେଣ୍ଟ ସୋସାଇଟିଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆଇପି କ୍ୟାମେରା ଲଗାଇବା ଏବଂ ସେହି କ୍ୟାମେରାକୁ ପୋଲିସ ସିଷ୍ଟମ ସହ ଲିଙ୍କ କରିବାକୁ ପଡ଼ିବ । ଏହା ଦ୍ୱାରା ଅପରାଧ ତଦନ୍ତ କାର୍ଯ୍ୟ ଆହୁରି ସହଜ ହେବ ବୋଲି ଆଶା କରାଯାଉଛି ।ଏହି ପଦକ୍ଷେପ କେବଳ ଆପାର୍ଟମେଣ୍ଟ ସୀମିତ ନୁହେଁ, ଏହା ସହରର ସମଗ୍ର ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବାର ଏକ ବୃହତ୍ତର ଯୋଜନାର ଅଂଶ । ଆଗାମୀ ଦିନରେ ଅନ୍ୟାନ୍ୟ ଆବାସିକ ଏଲାକାରେ ମଧ୍ୟ ଏହି ପ୍ରକାରର ନୋଟିସ ଜାରି କରାଯିବ ବୋଲି ସୂଚନା ମିଳିଛି ।

## ୧୪ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

କଟକ(ନିପ୍ର): ବ୍ରାଉନସୁଗାର ବେପାର କରିବା ଅଭିଯୋଗରେ ଶୁକ୍ରବାର କଟକ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ଼ ପକ୍ଷରୁ ସ୍ଥାନୀୟ ମଧୁପାଟଣା ଥାନା ଅନ୍ତର୍ଗତ ସମ୍ରାଟ ସିନେମା ହଲ ସାମ୍ନାରେ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ଭୁଇନପୁର ଗ୍ରାମର ରାଜେଶ ସାହୁ (୨୯) । ଅଭିଯୁକ୍ତ ନିକଟରୁ ଅବକାରୀ ପୋଲିସ ୧୦୭ଗ୍ରାମ ବ୍ରାଉନସୁଗାର ସହିତ ଗୋଟିଏ ବାଜାଜ ଅଟୋ (ଓଡ଼ି୦୨ବିଇ ୭୪୦୧) ଜବତ କରିଛି । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୪ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଏସଆଇ ଅମିତ ବିଶ୍ୱାଳ ଓ ଶେଖ ସାକିର ଉଲ୍ଲା, ଏଏସଆଇ କର୍ଣ୍ଣ ଓରାମ ଓ ଅଜୟ ସାହୁ, କନେଷ୍ଟବଳ ଦିଲଜିତ ଦାଶ, ଗୌରାଙ୍ଗ ନାୟକ, ଅନ୍ନପୂର୍ଣ୍ଣା ଗଣ୍ଡ, ଶଙ୍କର୍ଷଣ ରାଉତ, ଜଗନ୍ନାଥ ସାହୁ, ଚନ୍ଦ୍ରକାନ୍ତ ସାହୁ, ଶିବାନନ୍ଦ ଷଡଙ୍ଗୀ ଓ କୃଷ୍ଣ ମୋହନ ଦାସ ପ୍ରମୁଖ ସାମିଲ ଥିଲେ । ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ୨ ନିଶା ବେପାରି ଗିରଫ

ପୁରୀ(ନିପ୍ର): ଦେଶୀ ମଦ ଓ ନିଶା ଔଷଧ ବିକ୍ରି କରୁଥିବା ବେଳେ କୁମ୍ଭାରପଡା ଓ ବାସେଳୀ ସାହି ଥାନା ପୁଲିସ ଚକ୍ରଉ କରି ୨ ଜଣଙ୍କୁ ଗିରଫ କରିଛି । କୁମ୍ଭାରପଡା ଥାନା ପୁଲିସ ପଇଁତରା ମାରୁଥିବା ବେଳେ ଶ୍ରୀସେତୁ ନିକଟରେ ଦେଶୀ ମଦ ବିକ୍ରି ହେଉଥିବା ଖବର ମିଳିଥିଲା । ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ଦେଖି ମଦ କିଣୁଥିବା ବ୍ୟକ୍ତି ଖସିପଳାଇଥିବା ବେଳେ ପୁଲିସ ଜଣେ ମହିଳାଙ୍କୁ କାବୁ କରିଥିଲା । ଗିରଫ ଅଭିଯୁକ୍ତ ନରେନ୍ଦ୍ରକୋଣ ବିଶେଶ୍ୱରୀ ଲେନର ସୁକାନ୍ତି ଭୋଇ(୪୦) ବୋଲି ଜଣାପଡିଛି । ପୁଲିସ ଯାଞ୍ଚ ବେଳେ ତାଙ୍କଠାରୁ ୫ଟି ପ୍ଲାଷ୍ଟିକ ପାତ୍ରରେ ୧୦ ଲିଟର ଦେଶୀ ମଦ ଜବତ କରାଯାଇଛି । ସେହିପରି ମଙ୍ଗଳାଘାଟ ଛକ ନିକଟ ଏକ ନିକାଞ୍ଚନ ସ୍ଥାନରେ ଜଣେ ଦୁର୍ବୃତ୍ତ କଫ ସିରପ ବିକ୍ରି କରୁଥିବା ଜଣାପଡିଥିଲା । ବାସେଳୀ ସାହି ଥାନା ପୁଲିସ ସେଠାରେ ଚଢଉ କରି ମାଟିତୋଟା ପ୍ରଧାନ ସାହିର ରାଜା ଓରଫ ରାଜେନ୍ଦ୍ର ଜେନା (୪୧)କୁ ଗିରଫ କରିଛି । ଘଟଣାସ୍ଥଳରୁ ପୁଲିସ ୭୪ ବୋତଲ କଫ ସିରପ, ସ୍କୁଟି , ମୋବାଇଲ ଫୋନ ଓ ୧୭୫୦ଟଙ୍କା ଜବତ କରିଛି । ଗିରଫ ଅଭିଯୁକ୍ତ ବିରୋଧରେ ଟାଉନଥାନା, ବାସେଳୀ ସାହି ଥାନା ଓ ସତ୍ୟବାଦୀ ଥାନରେ ୧୩ଟି ଅପରାଧିକ ମାମଲା ରହିଥିବା ଜଣାପଡିଛି । ପୁଲିସ ଉଭୟ ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର ଅଦାଲତ ଚାଲାଣ କରିଛି ।

## ଡକାୟତି ଯୋଜନା ପଣ୍ଡ: ୭ଜଣଙ୍କୁ ମାଡି ବସିଲା ପୋଲିସ

ଆସିକା(ନିପ୍ର): ଡକାୟତି ଯୋଜନା କରୁଥିବା ବେଳେ ହୋଟେଲରେ ୭ଜଣଙ୍କୁ ମାଡି ବସିଲା ପୋଲିସ । ପ୍ରକାଶ ଥାଉକି ଗତକାଲି ପୋଲିସ ପେଟ୍ରୋଲିଙ୍ଗ ସମୟରେ ଆସିକା ଥାନା ଅଧୀନ କଳିଙ୍ଗ ରୋଡ଼ ବିଏସ.ଏନ.ଏଲ ଅଫିସ ନିକଟ ଏକ ହୋଟେଲରେ କିଛି ସନ୍ଦିଗ୍ଧ ବ୍ୟକ୍ତି ରହିଥିବା ଖବର ପାଇ ଆସିକା ପୋଲିସ ଅଚାନକ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ହୋଟେଲ ମଧ୍ୟରେ ଡକାୟତି ଯୋଜନା କରୁଥିବା କିଛି ଯୁବକଙ୍କୁ ପୋଲିସ ଗିରଫ କରି ତଦନ୍ତ ଆରମ୍ଭ କରିଥିଲା । ଗିରଫମାନେ ହେଲେ ଉତ୍ତର ପ୍ରଦେଶ ଗାଜିଆବାଦର ଅନକିତ ଠାକୁର (୨୮), ମନପ୍ରୀତ ଲାଖ (୩୨), ଉତ୍ତର ପ୍ରଦେଶ ଫରିଦାବାଦ ଅମନଦୀପ ଚନ୍ଦ୍ର(୨୬), ବିହାର ରାଜ୍ୟର ଧର୍ମେନ୍ଦ୍ର କୁମାର (୩୩), ଉତ୍ତର ପ୍ରଦେଶର ଏମଡି ସାନୁ, ଗଞ୍ଜାମ କବିସୂର୍ଯ୍ୟନଗରର ସଂଜୟ ସାହୁ, ଗଞ୍ଜାମ ଶେରଗଡର ବାବୁ ବେହେରାଙ୍କୁ ଗିରଫ କରିବା ସହ ଏମାନଙ୍କ ନିକଟରୁ ଡିଏଲ -୧୦-ସିଓ୍ୱାୟୀ -୩୨୪୪ ନମ୍ବରର ଗୋଟିଏ କଳା ରଙ୍ଗର ସ୍କର୍ପିଓ ଓଡ଼ି-୦୫-ଏ ଏମ-୫୬୨୭ ନମ୍ବର ବିଶିଷ୍ଟ ଲାଲ ରଙ୍ଗର ଚାଭୋଲେଟ ସ୍ପାର୍କ ଗାଡି ଜବତ କରିବା ସହ ୩ଟି ଲୁହାରଡ୍, ଗୋଟିଏ ଭୁଜାଲି, ୩ଟି ବାଡ଼ି, ୪ଟି ମାସ୍କ, ୨ଟି ଛୁରୀ ଓ ନଗଦ ୧୯ ହଜାର ଟଙ୍କା ଜବତ କରିବା ସହ ଆସିକା ଥାନା କେସ୍ ନମ୍ବର ୧୭୪/୨୬ ଧାରା ୩୧୦(୪), ୩୧୦(୫)ରେ ମାମଲା ରୁଜୁକରି କୋର୍ଟ ଚାଲାଣ କରିଥିବା ଆସିକା ଥାନା ପକ୍ଷରୁ ସୂଚନା ମିଳିଛି ।

## ଚୋରା ଗଞ୍ଜେଇ ଚାଲାଣ, ୫ ନିଶା ବେପାରୀ ଗିରଫ

ଭୁବନେଶ୍ୱର(ନିପ୍ର): ଚୋରା ଗଞ୍ଜେଇ ଚାଲାଣ କରୁଥିବା ୫ଜଣ ନିଶା ବେପାରୀଙ୍କୁ ନୂଆପଲ୍ଲୀ ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସୁଜିତ ପ୍ରଧାନ, ବିଜୟ ସାହୁ, ସୁଶାନ୍ତ ସାହୁ, ରାହୁଲ ନାୟକ ଓ ଦିବାକାର ସାହୁ । ପୁଲିସ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ, ନୟାପଲ୍ଲୀ ଥାନାର ଏକ ସ୍ୱତନ୍ତ୍ର ଦଳ ସଦଳବଳେ ସିଆରପି ରେଣ୍ଟାଲ୍ କଲୋନୀ ସ୍ଥିତ ଏକାମ୍ର ପାର୍କ ନିକଟରେ ଅତର୍କିତ ଚଢ଼ଉ କରିବା ସହ ସାଲିଆ ସାହି ଅଞ୍ଚଳକୁ ବେଆଇନ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ନିମ୍ନୋକ୍ତ ପାଞ୍ଚଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଛାନବିନ ସମୟରେ ପୁଲିସ ଅଭିଯୁକ୍ତ ମାନଙ୍କ ହେପାଜତରୁ ମୋଟ ୨୨ କେଜି ୯୮୦ ଗ୍ରାମ ଓଜନର ଦୁଇବସ୍ତା ଗଞ୍ଜେଇ, ଏକ ଇନୋଭା କାର, ଏବଂ ୨,୦୭୦ ଟଙ୍କା ଜବତ କରିଥିଲେ । ଅଧିକ ପଚରାଉଚରାରୁ, ଅଭିଯୁକ୍ତମାନେ ଉକ୍ତ ଗଞ୍ଜେଇକୁ ପୁଲିସ ନଜରରୁ ଲୁଚାଇବା ତଥା ସ୍ଥାନୀୟ ଗ୍ରାହକ ମାନଙ୍କୁ ବିକ୍ରୟ ଉଦ୍ଦେଶ୍ୟ ରଖି ଏକ କାର ଯୋଗେ ସାଲିଆ ସାହି ଅଞ୍ଚଳକୁ ଚାଲାଣ କରୁଥିବା ନେଇ, ପ୍ରକାଶ କରିଥିଲେ । ଏହି ଘଟଣାକୁ କେନ୍ଦ୍ରକରି ନୟାପଲ୍ଲୀ ଥାନା ପୁଲିସ ଏକ ବେଆଇନ ଗଞ୍ଜେଇ ବିକ୍ରି ଜନିତ ମାମଲା ରୁଜୁ କରିବା ସହ ସମସ୍ତ ପାଞ୍ଚଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

## ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ

ଠାକୁରମୁଣ୍ଡା: ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା କାଳିଆପୋଷି ଗ୍ରାମ ନିକଟ ଏକ ଗଛରୁ ଜଣେ ନାବାଳିକା ଓ ଜଣେ ୧୯ ବର୍ଷୀୟ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି । ସେମାନେ ପ୍ରେମୀ ଯୁଗଳ ଥିଲେ ବୋଲି କୁହାଯାଉଛି । ମୃତ ନାବାଳିକାଙ୍କ ନାଁ ଚନ୍ଦୁ ଦେଓଗାମ,ବୟସ ୧୬ । ତାଙ୍କ ଘର କାଳିଆପୋଷି ଗାଁର । ମୃତ ଛାତ୍ରଙ୍କ ଘର କରଞ୍ଜିଆ ଥାନା ସୁନାପୋଷି ଗାଁରେ । ତାଙ୍କ ନାଁ ପଞ୍ଚ ମୁର୍ମୁ ।ପଞ୍ଚ ଭଦ୍ରକରେ ଏକ କଲେଜରେ ପଢୁଥିଲେ ବୋଲି ଜଣାପଡ଼ିଛି । ସେ ଗତକାଲି ଭଦ୍ରକରୁ ଗାଁକୁ ଆସିଥିଲେ ।ନାବାଳିକା ଜଣଙ୍କ ଗତକାଲି ରାତିରେ ଖାଇବା ପରେ ତାଙ୍କ ବଡ଼ ବାପାଙ୍କ ଘରକୁ ଶୋଇବାକୁ ଯାଇଥିଲେ । ଶୁକ୍ରବାର ସକାଳେ ଗ୍ରାମବାସୀମାନେ ଏକ କରଞ୍ଜ ଗଛରେ ସେମାନଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ । ଗୋଟିଏ ଶାଢିରେ ସେମାନେ ଝୁଲି ରହିଥିଲେ । ଗାଁର ୱାର୍ଡ ମେମ୍ବର ପୁଲିସକୁ ସୂଚନା ଦେଇଥିଲେ । ସୂଚନା ପାଇ ଘଟଣାସ୍ଥଳରେ ଉପଖଣ୍ଡ ପୁଲିସ ଅଧିକାରୀ, ଠାକୁରମୁଣ୍ଡା ଥାନା ଅଧିକାରୀ ଏବଂ ମାଜିଷ୍ଟ୍ରେଟ ଭାବେ ଠାକୁରମୁଣ୍ଡା ତହସିଲଦାର ପହଞ୍ଚି ଥିଲେ । ମୃତକ ଦ୍ୱୟଙ୍କ ଘର ଲୋକଙ୍କ ଉପସ୍ଥିତିରେ ପୁଲିସ ଗଛରୁ ମୃତଦେହ ଦୁଇଟିକୁ ତଳକୁ ଓହ୍ଲାଇଥିଲା ଓ ଯାଞ୍ଚ କରିବା ପରେ ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଉପଖଣ୍ଡ ହସ୍‌ପିଟାଲକୁ ପଠାଇଥିଲା ।ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଓ ତଦନ୍ତ ଶେଷ ହେବା ପରେ ଉଭୟଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଉଛି ।

## କାର୍ ଚାଳକଙ୍କୁ ନିସ୍ତୁକ ମାଡ଼

ପୁରୀ(ନିପ୍ର): କାର୍ ଚାଳକଙ୍କୁ ନିସ୍ତୁକ ମାଡ଼ ହୋଇଛି । ସିସିଟିଭିରେ ଏହି ଦୃଶ୍ୟ କଏଦ ହୋଇଛି ଭିଡ଼ିଓ । ପୁରୀ ସମୁଦ୍ରକୂଳ ଥାନା ଅନ୍ତର୍ଗତ ସାନ୍ତନା ବାର ଗଳିରେ ବାଇକ୍‌କୁ ଏକ କାର ଧକ୍କା ଦେବାରୁ କାର୍ ଚାଳକଙ୍କୁ ନିସ୍ତୁକ ପିଟିଛନ୍ତି ବାଇକ ଚାଳକ ଓ ସାଥୀ । ଏନେଇ କାର ଚାଳକ ସମୁଦ୍ରକୂଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଦୁର୍ଘଟଣା ପରେ ବାଇକ୍ ଚାଳକ ଓ ସାଥୀମାନେ କାରକୁ ଟେକା, ପଥର ଫୋପାଡ଼ିବା ସହ ଚାଳକଙ୍କୁ ନିସ୍ତୁକ ମାଡ଼ ମାରିଥିଲେ । ଏହି ଘଟଣାରେ ମାମଲା ରୁଜୁ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ସମୁଦ୍ରକୂଳ ଥାନା ଅଧିକାରୀ । ସୂଚନାଯୋଗ୍ୟ, ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ କବାଡ଼ି ଦୋକାନୀ ନିଜ ଜିନିଷ ରଖିଥିବାରୁ ରାସ୍ତା ସଂକୁଚିତ ହେବା ସହ ପ୍ରାୟ ସମୟ ଜାମ ରହିଥାଏ ।

### ଧାମନଗରରେ ଯୋଗାଣ ନିରୀକ୍ଷକଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ

## ୭ ଦିନରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଧାରଣା ଚେତାବନୀ



ଧାମନଗର(ନିପ୍ର): ଧାମନଗର ବ୍ଲକର କାର୍ଯ୍ୟରତ ଯୋଗାଣ ନିରୀକ୍ଷକଙ୍କ ବିରୋଧରେ ଦୁର୍ନୀତି ଓ ବେଆଇନ କାର୍ଯ୍ୟକଳାପ ନେଇ ବିଜେଡ଼ି ପକ୍ଷରୁ ଗୁରୁତର ଅଭିଯୋଗ ହୋଇଛି । ବିଭିନ୍ନ ପଞ୍ଚାୟତର ବିଜେଡ଼ି ସମର୍ଥିତ ଲୋକ ପ୍ରତିନିଧିମାନେ ଏ ନେଇ ଜିଲ୍ଲାପାଳ, ଏସିପି ଓ ଧାମନଗର ବିଡିଓଙ୍କୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରି ତୁରନ୍ତ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଅଭିଯୋଗ ପତ୍ରର ଉଲ୍ଲେଖ ଅନୁସାରେ, ଯୋଗାଣ ନିରୀକ୍ଷକ ସରକାରୀ ସାମଗ୍ରୀ ବଣ୍ଟନରେ ଅନିୟମିତତା କରୁଥିବା ସହ ରିଟେଲରମାନଙ୍କ ଠାରୁ ଅନଧିକୃତ ଭାବରେ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହେଉଛି । ରିଟେଲର ମାନଙ୍କୁ ମିଳୁଥିବା ଅର୍ଥରୁ ୧୨ ପ୍ରତିଶତ ଦାବି, ଡିଲରଙ୍କ (ରାସନ ଚାଉଳ) ରିନ୍ୟୁଆଲ ପାଇଁ ପ୍ରତି କ୍ୱିଣ୍ଟାଲରେ ଅତିରିକ୍ତ ଟଙ୍କା, ଟ୍ରେଜେରୀ କାମ ପାଇଁ ଅଲଗା ଅର୍ଥ ଓ ବ୍ୟକ୍ତିଗତ ଲାପଟପ କ୍ରୟ ପାଇଁ ମଧ୍ୟ ଟଙ୍କା ଆଦାୟ ହେଉଥିବା ଅଭିଯୋଗ ରହିଛି । ଲୋକପ୍ରତିନିଧି ମାନଙ୍କ କହିବା ଅନୁସାରେ, ଏହି ଅନିୟମିତତା ଫଳରେ ସାଧାରଣ ଖାଉଟିମାନେ ସିଧାସଳଖ ପ୍ରଭାବିତ ହେଉଛନ୍ତି ଏବଂ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି । ଏହି ଘଟଣାକୁ ନେଇ ପୂର୍ବରୁ ଯୋଗାଣ ନିରୀକ୍ଷକଙ୍କ ପାଖକୁ ଯାଇଥିଲା ବେଳେ ଅସଭ୍ୟ ବ୍ୟବହାର ଓ ଧମକ ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗରେ ଦର୍ଶାଯାଇଛି । ଏନେଇ ପୂର୍ବରୁ ବିଡିଓଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ ନ ହେବାରୁ ଅସନ୍ତୋଷ ଦେଖାଦେଇଛି । ଲୋକପ୍ରତିନିଧି ମାନେ ଦରଖାସ୍ତରେ ସ୍ପଷ୍ଟ କରିଛନ୍ତି ଯେ, ୭ ଦିନ ମଧ୍ୟରେ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ ନ କରାଗଲେ, ଧାମନଗର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡ଼ି ପକ୍ଷରୁ ଧାରଣା ଦିଆଯିବ । ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ଶର୍ମିଷ୍ଠା ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

## ଏସିରୁ ତମ୍ବା ପାଇପ୍ ଓ ବିଦ୍ୟୁତ୍ ତାର ସିରିଜ୍ ଲୁଟ୍

### ଲୁଟେରା ଗୋଷ୍ଠୀଙ୍କୁ କାବୁ କରିବାରେ ପୁଲିସ ବିଫଳ

ହିଞ୍ଜିଳିକାଟୁ(ନିପ୍ର): ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ତଥା ହିଞ୍ଜିଳିକାଟୁ ପୌରାଞ୍ଚଳରେ ଗତ କିଛି ଦିନ ଧରି ଲଗାତାର ଭାବେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମେତ ବ୍ୟବସାୟିକ ପ୍ରତିଷ୍ଠାନ ଓ ଘରେ ଲାଗିଥିବା ଏସି ଗୁଡିକରୁ ଲୁଟେରା ଗୋଷ୍ଠୀ ତମ୍ବା ପାଇପ୍ ଓ ବିଦ୍ୟୁତ୍ ତାର ଲୁଟି ନେଇଛନ୍ତି । ଗତ ପ୍ରାୟ ୨ ସପ୍ତାହ ମଧ୍ୟରେ ସ୍ଥାନୀୟ ପୌରାଞ୍ଚଳର ୨ଟି ସରକାରୀ କାର୍ଯ୍ୟାଳୟ ସମେତ ୫ଟି ବ୍ୟବସାୟିକ ପ୍ରତିଷ୍ଠାନ ଓ ୨ଟି ଘରେ ଲାଗିଥିବା ଏସିରୁ ଲୁଟେରା ଗୋଷ୍ଠୀ ତମ୍ବା ପାଇପ୍ ଓ ବିଦ୍ୟୁତ୍ ତାର କାଟି ଲୁଟି ନେଇଛନ୍ତି । ପୁଲିସ ଆଖିରେ ଧୂଳିଛାଟି ବିଳମ୍ବିତ ରାତିରେ ଗୋଟିଏ ପରେ ଗୋଟିଏ ଘରୁ, ବ୍ୟବସାୟିକ ପ୍ରତିଷ୍ଠାନ ଓ ସରକାରୀ କାର୍ଯ୍ୟାଳୟରେ ସଂଯୋଗ ହୋଇଥିବା ଏସିରୁ ତମ୍ବା ପାଇପ୍ ଓ ବିଦ୍ୟୁତ୍ ତାର ଲୁଟି ନେଉଥିବା ଅଭିଯୋଗ ହୋଇଛି । ବିଶେଷ କରି ସ୍ଥାନୀୟ ପୁଲିସ ପ୍ରଶାସନର ଢିଲା ପାଟ୍ରୋଲିଂ ଯୋଗୁଁ ଲୁଟେରା ଗୋଷ୍ଠୀ ଗୋଟିକ ପରେ ଗୋଟିଏ ଲୁଟ୍ କରି ଚମ୍ପଟ ମାରିବାରେ ସକ୍ଷମ ହେଉଛନ୍ତି । ପୁଲିସ କେବଳ ଥାନାରେ ମାମଲା ରୁଜୁକରି ଚୁପ୍ ରହୁଥିବା ଅଭିଯୋଗ ହେଉଛି । ଗୁରୁବାର ବିଳମ୍ବିତ ରାତିରେ ସ୍ଥାନୀୟ ପୌରାଞ୍ଚଳରେ ଅବସ୍ଥିତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସଂଯୋଗ ହୋଇଥିବା ୨ଟି ଏସିରୁ ଲୁଟେରା ଗୋଷ୍ଠୀ ତମ୍ବା ପାଇପ୍ ଓ ବିଦ୍ୟୁତ୍ ତାର କାଟି ଲୁଟି ନେଇଥିବା ନେଇ ଗୋଷ୍ଠୀ ଶିକ୍ଷାଧିକାରୀ ଚାନ୍ଦିନୀ ପଣ୍ଡା ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି । ଗତ କିଛି ଦିନ ଧରି ହିଞ୍ଜିଳିକାଟୁ ଅଞ୍ଚଳରେ ଜମିରୁ ତମ୍ବା ପାଇପ୍ ଓ ବିଦ୍ୟୁତ୍ ତାର ସିରିଜ ଲୁଟ୍ ହେଉଥିବା ବେଳେ ସ୍ଥାନୀୟ ଅଞ୍ଚଳର ଏସି ବ୍ୟବହାର କରୁଥିବା ଗ୍ରାହକଙ୍କ ମଧ୍ୟରେ ଛନକା ପଶିଛି । ଆଉ କେତୋଟି ସ୍ଥାନରୁ ଲୁଟ୍ ହେବା ପରେ ସ୍ଥାନୀୟ ପୁଲିସ ପ୍ରଶାସନର ନିଦ ଭାଙ୍ଗିବ ବୋଲି ଅଞ୍ଚଳବାସୀ କହିଛନ୍ତି । ରାତ୍ରିକାଳୀନ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବା ସହ ଲୁଟେରା ଗୋଷ୍ଠୀଙ୍କୁ ଗିରଫ କରିବାକୁ ଦାବି ହୋଇଛି ।

## ନିରାକାରପୁରରେ ମାଙ୍କଡ଼ ଆତଙ୍କ: ରାଜମିସ୍ତ୍ରୀ ଗୁରୁତର



ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳ ଏବେ ବଣୁଆ ମାଙ୍କଡ଼ଙ୍କ କବ୍‌ଜାରେ । କିଛି ଦିନର ଶାନ୍ତି ପରେ ପୁଣି ଥରେ ନିରାକାରପୁରରେ ମାଙ୍କଡ଼ଙ୍କ ହିଂସ୍ର ରୂପ ଦେଖିବାକୁ ମିଳିଛି । ଶୁକ୍ରବାର ଜଣେ କର୍ତ୍ତବ୍ୟରତ ରାଜମିସ୍ତ୍ରୀଙ୍କୁ ଏକ ହିଂସ୍ର ହନୁ ମାଙ୍କଡ଼ ଆକ୍ରମଣ କରି ଗୋଡ଼ରୁ ମାଂସ ତାଡ଼ି ନେଇଯାଇଥିବା ଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ଏହି ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ସହିତ ପ୍ରଶାସନ ପ୍ରତି ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସୂଚନା ମୁତାବକ, ନିରାକାରପୁର ସାହିର ୩୯ ବର୍ଷୀୟ ରାଜମିସ୍ତ୍ରୀ ଶ୍ୟାମ ସୁନ୍ଦର ବେହେରା ସ୍ଥାନୀୟ ଚିତ୍ରକୁଟ ବିହାର ବିଦ୍ୟାଳୟର ମୁଖ୍ୟ ଫାଟକ (ଗେଟ୍) ଲଗାଇବା କାମରେ ବ୍ୟସ୍ତ ଥିଲେ । ଏହି ସମୟରେ ଏକ ଅତ୍ୟନ୍ତ ହିଂସ୍ର ହନୁ ମାଙ୍କଡ଼ ପଛପଟୁ ଆସି ତାଙ୍କ ଡାହାଣ ଗୋଡ଼ର ନଳୀ ପଛ ପାଖକୁ ଏଭଳି ଭାବେ କାମୁଡ଼ି ଧରିଥିଲା ଯେ ତାଙ୍କ ଗୋଡ଼ରୁ ପୁଳାଏ ମାଂସ ବାହାରି ଆସିଥିଲା । ଶ୍ୟାମଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଡାକ୍ତରଖାନା ଓ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ସ୍ଥାନାନ୍ତର କରିଛନ୍ତି । ପୂର୍ବରୁ ଏହି ଅଞ୍ଚଳରେ ମାଙ୍କଡ଼ କାମୁଡ଼ାରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଲୋକ ଲହୁଲୁହାଣ ହୋଇଥିଲେ । ସେତେବେଳେ ବନ ବିଭାଗ ଗୋଟିଏ ମାଙ୍କଡ଼କୁ ଧରି ଅଞ୍ଚଳକୁ ସୁରକ୍ଷିତ ଘୋଷଣା କରିଥିଲା । ମାତ୍ର କିଛି ଦିନର ବ୍ୟବଧାନ ପରେ ପୁଣି ପାତି ଓ ହନୁ ମାଙ୍କଡ଼ଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି । ଗତ କିଛି ଦିନ ମଧ୍ୟରେ ନିରାକାରପୁର ସାହିର ୫ରୁ ଅଧିକ ମହିଳା ଓ ପୁରୁଷ ଏହି ଆକ୍ରମଣର ଶିକାର ହୋଇ ଚିକିତ୍ସିତ ହେଉଛନ୍ତି । ବାରମ୍ବାର ଏଭଳି ଦୟନୀୟ ଆକ୍ରମଣ ଘଟୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ପ୍ରତିକାର କରାଯାଉ ନଥିବାରୁ ସ୍ଥାନୀୟ ଜନସାଧାରଣ ତୀବ୍ର କ୍ଷୋଭ ପ୍ରକାଶ କରିଛନ୍ତି । ଆକ୍ରମଣ କରୁଥିବା ମାଙ୍କଡ଼ଙ୍କୁ ତୁରନ୍ତ କାବୁ କରାନଗଲେ, ଆଗାମୀ ଦିନରେ ନିରାକାରପୁରବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

### ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁକୁ ନେଇ ତୀବ୍ର ଉତ୍ତେଜନା

## କ୍ଷତିପୂରଣ ପ୍ରତିଶ୍ରୁତି ପରେ ହଟିଲା ରାସ୍ତା ଅବରୋଧ



ନିରାକାରପୁର(ନିପ୍ର): ପ୍ରଶାସନିକ ପ୍ରତିଶ୍ରୁତି ପରେ ଶେଷରେ ହଟିଛି ରାସ୍ତା ଅବରୋଧ । ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ହଜ ଅଞ୍ଚଳରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ଉତ୍ତେଜନା ଥମିଛି । ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଏବଂ ଅଞ୍ଚଳରେ ହାତୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରତିଶ୍ରୁତି ମିଳିବା ପରେ ପ୍ରାୟ ୩ ଘଣ୍ଟା ଧରି ଜାରି ରହିଥିବା ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଛି । ଗୁରୁବାର ରାତି ପ୍ରାୟ ୧୦: ୩୦ ମିନିଟ୍ ସମୟରେ ନିଧିପୁର ଆଦିବାସୀ ସାହିର ସୁଶାନ୍ତ କୁମାର ପ୍ରଧାନ (୩୫) ହଜ ଗ୍ରାମରୁ କାମ ସାରି ସାଇକେଲ ଯୋଗେ ଘରକୁ ଫେରୁଥିଲେ । ହଜ-ନିଧିପୁର ରାସ୍ତାର କଲରାଝର ଗ୍ରାମ ନିକଟରେ ସେ ଏକ ଦନ୍ତା ହାତୀ ହାବୁଡ଼ରେ ପଡ଼ିଯାଇଥିଲେ । ହାତୀଟି ତାଙ୍କୁ ଦଳିଚକଟି ମାରିଦେବା ସହ ସାଇକେଲଟିକୁ ମଧ୍ୟ ସମ୍ପୂର୍ଣ୍ଣ ଭାଙ୍ଗି ଚୁର୍‌ମାର କରିଦେଇଥିଲା । ଶୁକ୍ରବାର ସକାଳୁ ଏହି ଖବର ଜଣାପଡ଼ିବା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ହଜ ଛକଠାରେ ନୟାଗଡ଼-ପୁରୀ ନୂଆ ଜଗନ୍ନାଥ ସଡ଼କକୁ ଅବରୋଧ କରିଥିଲେ । ଉତ୍ତେଜନା ବଢ଼ିବା ଦେଖି ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଜଙ୍କିଆ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରା ଏବଂ ଟାଙ୍ଗୀ ରେଞ୍ଜର ଦେବାଶିଷ ଭୋଇ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ । ଦୀର୍ଘ ସମୟର ବୁଝାସୁଝା ପରେ ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ସହାୟତା, ଅନ୍ତ୍ୟୋଷ୍ଟିକ୍ରୀୟା ପାଇଁ ରେଡକ୍ରସ ପାଣ୍ଠିରୁ ତୁରନ୍ତ ୩୦ ହଜାର ଟଙ୍କା ପ୍ରଦାନ ଓ ହାତୀର ଗତିବିଧି ଉପରେ ବନ ବିଭାଗ ପକ୍ଷରୁ କଡ଼ା ନଜର ରଖିବା ସହ ଅଞ୍ଚଳବାସୀଙ୍କ ସୁରକ୍ଷା ନିଶ୍ଚିତ କରିବାର ପ୍ରତିଶ୍ରୁତି ଦେବା ସହିତ ବିଧାୟକ ଶ୍ରୀ ସାହୁ ଏହି ହାତୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ପ୍ରତିଶ୍ରୁତି ପରେ ଗ୍ରାମବାସୀମାନେ ଅବରୋଧ ହଟାଇଥିଲେ ଏବଂ ଯାତାୟାତ ସ୍ୱାଭାବିକ ହୋଇଥିଲା । ପୋଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି । ମୃତ ସୁଶାନ୍ତଙ୍କ ପରିବାରରେ ତାଙ୍କ ବିଧବା ମା', ସ୍ତ୍ରୀ ଓ ଦୁଇଟି ଛୋଟ ପିଲା ଥିବାରୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଆସନ୍ତାକାଲି ତାଙ୍କୁ ବନ ବିଭାଗ ପକ୍ଷରୁ ୧ ଲକ୍ଷ ଟଙ୍କା ସହାୟତା ମିଳିବ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପରେ ବାକି ୯ ଲକ୍ଷ ମିଳିଯିବ ବୋଲି ଜଣାପଡ଼ିଛି ।

### ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଭଙ୍ଗା ବୋତଲରେ ଆକ୍ରମଣ

## ନାବାଳକ ଗୁରୁତର: ଯୁବକ ଗିରଫ



ହିଞ୍ଜିଳିକାଟୁ(ନିପ୍ର): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ନାବାଳକଙ୍କୁ ଭଙ୍ଗା ବିୟର ବୋତଲରେ ଆକ୍ରମଣ ହୋଇଛି । ଆକ୍ରମଣରେ ନାବାଳକ ଜଣଙ୍କ ଗୁରୁତର ଆହତ ହୋଇଛନ୍ତି । ଆହତ ନାବାଳକ ଜଣଙ୍କ ହେଲେ ପୁରୁଷୋତ୍ତମପୁର ଥାନା ସୁନାତର ଗ୍ରାମର ଚିନ୍ମୟ ରାଉଳ (୧୬) । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ଘଟଣା ନେଇ ଆହତ ଚିନ୍ମୟ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନଂ - ୨୧୬/୨୬ରେ ଏକ ମାମଲା ରୁଜୁକରି ପୁଲିସ ଘଟଣାର ତଦନ୍ତ ଚଳାଇଥିଲା । ସଂପୃକ୍ତ ଘଟଣାରେ ପୁଲିସ ଶୁକ୍ରବାର ଆକ୍ରମଣକାରୀଙ୍କୁ ଗିରଫ କରିଛି । ଗିରଫ ଜଣଙ୍କ ହେଲେ ହିଞ୍ଜିଳି ଥାନା ଶାସନଆମ୍ବ ଗାଁର ଜିତେନ୍ଦ୍ର ବେହେରା (୨୫) । ଗିରଫ ଯୁବକଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ସୂତ୍ରରୁ ପ୍ରକାଶ ।




ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ପୁଷ୍ପ ଅର୍ପଣ (ଫଟୋ- ଦିନଲିପି)

## ୪ ପ୍ରସ୍ତାବିତ କୃଷି ଭିତ୍ତିକ କଲେଜ ପାଇଁ ୫୦ କୋଟି

ବଲାଙ୍ଗୀର, ୧୭/୪(ନିପ୍ର): ରାଜ୍ୟରେ ୪ ନୂତନ କୃଷି ଭିତ୍ତିକ କଲେଜ ଖୋଲିବା ପାଇଁ ରାଜ୍ୟ ସରକାର ଗତ ବିଧାନସଭା ବଜେଟ ଅଧିବେଶନରେ ଘୋଷଣା କରିଥିଲେ। ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଅଧିନରେ ବଲାଙ୍ଗିରରେ କୃଷି ବିଜ୍ଞାନ କଲେଜ, ସୁବର୍ଣ୍ଣପୁରରେ ମତ୍ସ୍ୟ ବିଜ୍ଞାନ, ଚିପିଲିମାରେ ପ୍ରାଣୀ ବିଜ୍ଞାନ ଓ ମୟୂରଭଞ୍ଜରେ ଏକ କୃଷି ବିଜ୍ଞାନ କଲେଜ ପ୍ରତିଷ୍ଠା କରିବା ପ୍ରସ୍ତାବ ରାଜ୍ୟ ବଜେଟରେ ସ୍ଥାନ ପାଇଥିଲା। ଏହା ମଧ୍ୟରୁ ବଲାଙ୍ଗୀରରେ ସ୍ଥାପନ ହେବାକୁ ଥିବା କୃଷି ବିଜ୍ଞାନ କଲେଜର ସବିଶେଷ ତଥ୍ୟ ଜାଣିବା ପାଇଁ ବଲାଙ୍ଗୀରର ବିଶିଷ୍ଟ ସୂଚନା କର୍ମୀ ହେମନ୍ତ କୁମାର ପଣ୍ଡା ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗକୁ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ବଜେଟ ଓ ଫାଇନାନ୍ସ ସେକ୍ସନ ପକ୍ଷରୁ ଜନ ସୂଚନା ଅଧିକାରୀ ତଥା ଉପ ସଚିବ ଦେବାଶିଷ ସାହୁ ସୂଚନା କର୍ମୀ ଶ୍ରୀ ପଣ୍ଡାଙ୍କୁ ଜଣାଇଛନ୍ତି ଯେ, ଓୟୁଏଟି, ଭୁବନେଶ୍ୱର ଅଧିନରେ ନୂତନ ଭାବେ ଘୋଷିତ ୪ଟି କୃଷି ଭିତ୍ତିକ କଲେଜ ପାଇଁ ୫୦ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ସମୁଦାୟ ୫୦ କୋଟି ଟଙ୍କାରୁ ପ୍ରସ୍ତାବିତ ବଲାଙ୍ଗୀର କୃଷି ବିଜ୍ଞାନ ମହାବିଦ୍ୟାଳୟ ପାଇଁ ୧୦ କୋଟି ଟଙ୍କା ଇୟରମାର୍କ ତଥା ନିର୍ଦ୍ଧାରିତ କରାଯାଇଛି ବୋଲି ତଥ୍ୟରେ କୁହାଯାଇଛି।

## ଛାତ୍ରୀ ମୃତ୍ୟୁ: ନିଲମ୍ବିତ ହେଲେ ପ୍ରଧାନ ଶିକ୍ଷକ

**ଗଜପତି, ୧୭/୪(ନିପ୍ର):** ଗଜପତି ଜିଲ୍ଲା ରା.ଉଦୟଗିରି ଥାନା ଅଧୀନ ରୁବୁଡିସିଂ ପ୍ରାଥମିକ ବିଦ୍ୟାଳୟରେ ପାଚେରୀ ଭୁଶୁଡି ଦୁଇ ନିର୍ଦ୍ଦୋଷ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ଆସିଛି ବଡ଼ କାର୍ଯ୍ୟାନୁଷ୍ଠାନ। ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିବାବେଳେ, ନିର୍ମାଣ କାମ କରୁଥିବା ଠିକାଦାର ପ୍ରମିଳା ପୂଜାରୀଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଛି। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ବବିତା ପାତ୍ରଙ୍କ ସମୀକ୍ଷା ପରେ ଜିଲ୍ଲା ପ୍ରଶାସନ ଏହି କଠୋର ପଦକ୍ଷେପ ନେଇଛି। ସେହିସହ ୭ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ମଧ ଦିଆଯାଇଛି। ଗତ ବୁଧବାର ସକାଳୁଆ ସ୍କୁଲ ପରେ ପିଲାମାନେ ବିଦ୍ୟାଳୟ ପରିସରରେ ଖେଳୁଥିବା ବେଳେ ଘଟିଥିଲା ଏହି ଦୁର୍ଘଟଣା। ଚତୁର୍ଥ ଶ୍ରେଣୀର ଦୁଇ ଛାତ୍ରୀ ସାଙ୍ଗମାନଙ୍କ ସହ ଖେଳୁଥିବା ସମୟରେ ହଠାତ ପାଚେରୀ ଭାଙ୍ଗି ସେମାନଙ୍କ ଉପରେ ପଡିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ଘଟିଥିଲା।



କେନ୍ଦୁଝର: ଅସହ୍ୟ ଗ୍ରୀଷ୍ମରେ ଦିଶୁ ନଥିବା ଲୁହ.. (ଫଟୋ- ସୁଧା ଦାଶ)

## ଭିତର ରତ୍ନ ଭଣ୍ଡାରର ୮୦ ଅଳଙ୍କାର ଗଣତିମଣତି

**ପୁରୀ, ୧୭/୪(ନିପ୍ର):** ଦ୍ୱିତୀୟ ଦିନ ସୁଦ୍ଧା ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରର ପ୍ରାୟ ୮୦ଟି ଅଳଙ୍କାର ଗଣତିମଣତି ହୋଇଛି । ଗୁରୁବାର ପ୍ରାୟ ୭ ଘଣ୍ଟା ହୋଇଥିଲା ଗଣତିମଣତି । ସେପଟେ ଦ୍ୱିତୀୟ ଦିନରେ ମଧ ଅଲୌକିକ ଘଟଣା ଦେଖିବାକୁ ମିଳିଥିଲା । ଶ୍ରୀଜିଉଙ୍କଠାରୁ ଆଜ୍ଞା ନେଇ ଟିମ ଭିତରକୁ ଯିବା ସମୟରେ ବଳଭଦ୍ର ଶ୍ରୀଅଙ୍ଗରୁ ମାଳ ଛିଡ଼ିଥିଲା ବୋଲି କୁହାଯାଉଛି।। ଭିତରେ ଭଣ୍ଡାରରେ ରହିଛି ପ୍ରାୟ ୫୯୮ ପ୍ରକାର ଅଳଙ୍କାର । ୧୯୭୮ ମସିହାରେ ପ୍ରସ୍ତୁତ ହୋଇଥିବା ରତ୍ନ ଅଳଙ୍କାର ସହ ମେଳକ ପ୍ରକ୍ରିୟା ହୋଇଛି । ଏପର୍ଯ୍ୟନ୍ତ ସମସ୍ତ ମେଳକ ପ୍ରକ୍ରିୟା ଶତ ପ୍ରତିଶତ ସ୍ୱଚ୍ଛ ଭାବେ ହୋଇଛି ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ । ମାର୍ଗଦର୍ଶିକା ମୁତାବକ ପୂର୍ବାହ୍ଣ ପ୍ରାୟ ୧୦ଟା ୩୫ ରେ ସିଂହଦ୍ୱାର ଦେଇ ଭିତରକୁ ପ୍ରବେଶ କରିଥିଲା ଟିମ୍ । ପ୍ରାୟ ୧୨ ଟା ୩୫ରେ ଭିତର ଭଣ୍ଡାରକୁ ପ୍ରବେଶ କରିଥିଲେ ଟିମ୍ ସଦସ୍ୟ ।

## ନୂତନ ଶିଶୁ ମଙ୍ଗଳ କମିଟିଙ୍କ ଦାୟିତ୍ୱ ଗ୍ରହଣ

**ପୁରୀ, ୧୭/୪(ନିପ୍ର):** ମହିଳା ଓ ଶିଶୁ ବିକାଶ ବିଭାଗ, ଓଡିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ପୁରୀରେ ନୂତନ ଶିଶୁ ମଙ୍ଗଳ କମିଟି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ନୂତନ ସିଡବ୍ଲୁସିର ଅଧକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ ପୂର୍ବତନ ଅଧକ୍ଷ ଡଃ ଅଜିତ କୁମାର ମହାପାତ୍ରଙ୍କଠାରୁ ୧୭ ତାରିଖ ଶିଶୁ ମଙ୍ଗଳ କମିଟି କାର୍ଯ୍ୟାଳୟଠାରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅଧକ୍ଷ ଶ୍ରୀ ସାହୁଙ୍କ ସହିତ ଅନ୍ୟ ସଦସ୍ୟ ସଦସ୍ୟା ଶକ୍ତିପାଦ ମିଶ୍ର, ଦୀପ୍ତି ଦାସ, ବିଜୟଲକ୍ଷ୍ମୀ ମହାନ୍ତି, ସୌଭାଗ୍ୟ ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ସେହିପରି ପୂର୍ବତନ କମିଟିର ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ସଦସ୍ୟା ଲକ୍ଷ୍ମୀପ୍ରିୟା ପାତ୍ର, ଦେବଯାନୀ ହିମାଂଶୁ ଉପସ୍ଥିତ ରହି ବିଗତ ବର୍ଷ ଗୁଡିକର କାର୍ଯ୍ୟ, ଅଭିଜ୍ଞତା ପରିପ୍ରକାଶ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ଦାୟିତ୍ୱ ହସ୍ତାନ୍ତର, ସ୍ୱାଗତ ଓ ବିଦାୟ କାଳିନ କାର୍ଯ୍ୟକୁ ପରିଚାଳନା କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ରୋଜାଲିନ ପାତ୍ର, ସନ୍ତୋଷ କୁମାର ସାହୁ, ସ୍ନିଗ୍ଧାରାଣୀ ସାହୁ, ହରେକୃଷ୍ଣ ସାହୁ, ଚାଇଲଡ ହେଲ୍ପ ଲାଇନ କାର୍ଯ୍ୟକର୍ତ୍ତା କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ଫ୍ୟାମିଲି ଗେଟ ଟୁଗେଦର ଭଳି ଲାଗିଲା: ଦିଲ୍ଲୀପ ରାୟ

ଭୁବନେଶ୍ୱର, ୧୭/୪(ନିପ୍ର): ବିଜୁ ଲିଗାସୀ ଏକାଠି ହେବା ଉପରେ ପ୍ରତିକ୍ରିୟା ରଖିଛନ୍ତି ସାଂସଦ ଦିଲ୍ଲୀପ ରାୟ । ସେ କହିଛନ୍ତି ଯେ, ଏହା ଫ୍ୟାମିଲି ଗେଟ ଟୁଗେଦର ଭଳି ଲାଗିଲା । ବିଜୁ ଲିଗାସୀ କଥା ଟିଭି ଓ ସୋସିଆଲ ମିଡ଼ିଆରେ ଚାଲିଛି । ବିଜୁଙ୍କରୋଷେଆ ଖଇରାତି, ଡ୍ରାଇଭର ପ୍ରଫୁଲ୍ଲ ଓ ଟାଇପିଷ୍ଟ ମୁନା ଖାନ ହେଲେ ପ୍ରକୃତ ବିଜୁ ଲିଗାସୀ । ବିଜୁଙ୍କ କାର୍ଯ୍ୟ ଆଦର୍ଶ କେତେ ପ୍ରଭାବ ପକାଇଛି ତାହା ପ୍ରକୃତ ବିଜୁ ଲିଗାସୀ । ଯେଉଁମାନେ ବିଜୁ ବାବୁଙ୍କୁ ଦେଖି ନାହାନ୍ତି, ଜାଣି ନାହାନ୍ତି ସେମାନେ ବିଜୁ ବାବୁଙ୍କ କଥା ଆମକୁ ବୁଝାଉଛନ୍ତି । ବିଜୁ ବାବୁଙ୍କ ସ୍ନେହ, ଉପଦେଶ, ରାଗ ସବୁ ଦେଖିଛି । ବିଜୁବାବୁଙ୍କ ଶେଷ ଦେଢ଼ ବର୍ଷ ତାଙ୍କ ସେବା କରିବାର ସୁଯୋଗ ପାଇଛି ବୋଲି ସେ କହିଛନ୍ତି ।

## ଷ୍ଟେଜ-୧ ସ୍ଥିତିରେ ଅଛି ପୁରୀ ବିମାନବନ୍ଦର କାମ: ଜଙ୍ଗଲ ମନ୍ତ୍ରୀ

ଭୁବନେଶ୍ୱର, ୧୭/୪(ନିପ୍ର): ପୁରୀ ଏୟାରପୋର୍ଟର ପରିବେଶ ମଞ୍ଜୁରୀ ନେଇ ଜଙ୍ଗଲମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ପୁରୀ ଏୟାରପୋର୍ଟ କାମଷ୍ଟେଜ-୧ ସ୍ଥିତିରେ ଅଛି। ଏବେ ଗୁଡ଼ିଏ ଦିଗକୁ ନେଇ ତଦନ୍ତ ଜରାଯାଉଛି। ସବୁ କ୍ଷେତ୍ରର ଲୋକଙ୍କସହ ପରାମର୍ଶ ନିଆଯାଇ କାମ ହେବ। ଏଥିରେ ସମସ୍ତଙ୍କର ମତ ନିଆଯାଇ କାମ କରାଯିବ। ଏହାକୁ ନେଇ କମିଟି ଗଠନ କରାଯିବ। ସେ କମିଟିର ବିଚାରକୁ ଆଧାର କରି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲିମନ୍ତ୍ରୀ କହିଛନ୍ତି ।

■ ବୋଲେରୋ ଚଢ଼ାଇ ହତ୍ୟା ମାମଲା

## ରାମସିଂ ମୁଣ୍ଡାକୁ ଆଜୀବନ କାରାଦଣ୍ଡ

କେନ୍ଦୁଝର, ୧୭/୪(ନିପ୍ର): କେନ୍ଦୁଝରରେ ବୋଲେରୋ ଚଢ଼ାଇ ହତ୍ୟା ମାମଲାରେ ଅଭିଯୁକ୍ତ ରାମସିଂ ମୁଣ୍ଡାକୁ ଆଜୀବନ କାରାଦଣ୍ଡ ସଜା ଶୁଣାଇଲେ ଜିଲ୍ଲା ଦୌରାଜଜ୍ କୋର୍ଟ । ଏହାସହ ୧୦ ହଜାର ଟଙ୍କା ଜୋରିମାନା କଲେ । ଜୋରିମାନା ଅନାଦେୟ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଶୁଣାଇଲେ କୋର୍ଟ ।ବାଂଶପାଳ ବ୍ଲକ ନୟାକୋଟ ଥାନା ଲୁହାକଳା ଗାଁରେ ଗତ ୭-୧-୨୦୨୫ ଦିନ ଘଟିଥିଲା ଏହି ଘଟଣା । ବାଇକ୍‌ର ଇଏମଆଇ ଆଦାୟ ପାଇଁ ଲୁହାକଳା ଗାଁର ରାସସିଂ ମୁଣ୍ଡା ଘରକୁ ଯାଇଥିଲେ ମନୋଜ କୁମାର ମହାନ୍ତ ଏବଂ ତାରିଣୀ ପ୍ରସାଦ ମହାନ୍ତ । ହେଲେ ସେମାନଙ୍କୁ ଏଟିଏମରୁ ଟଙ୍କା ଉଠାଇ ଦେବ କହି ସେମାନଙ୍କୁ କାଦକଳା ଯିବାକୁ କହିଥିଲା ରାମସିଂ ମୁଣ୍ଡା । ମନୋଜ କୁମାର ମହାନ୍ତ ଏବଂ ତାରିଣୀ ପ୍ରସାଦ ମହାନ୍ତ ବାଇକ୍ ରେ ଆଗରେ ଯାଉଥିବା ବେଳେ ପଛରେ ଏକ ବୋଲେରୋ ଚଲାଇ ଆସୁଥିବା ରାମସିଂ ମୁଣ୍ଡା ପଛରୁ ତାଙ୍କ ଉପରେ ବୋଲେରୋ ଚଢ଼ାଇ ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାରିଣୀ ପ୍ରସାଦଙ୍କର ମୃତ୍ୟୁ ଘଟିଥିବା ବେଳେ ମନୋଜ ଗୁରୁତର ଆହତ ହୋଇଥିଲେ । ଘଟଣାର ସାକ୍ଷୀ ମନୋଜ କୁମାର ମହାନ୍ତଙ୍କର ଅଭିଯୋଗ କ୍ରମେ, ନୟାକୋଟ ପୋଲିସ ଅଭିଯୁକ୍ତ ରାସସିଂ ମୁଣ୍ଡାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ମାମଲାରେ ୧୧ ଜଣ ସାକ୍ଷୀଙ୍କର ବୟାନକୁ ଭିତ୍ତି କରି କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି ।

## ବିଡିଏ ପକ୍ଷରୁ ବଡ଼ଧରଣର ଉଚ୍ଛେଦ ଅଭିଯାନ

ଭୁବନେଶ୍ୱର, ୧୭/୪(ନିପ୍ର): ଶୁକ୍ରବାର ଭରତପୁର ଥାନା ସୀମା ଅନ୍ତର୍ଗତ ଶାମପୁର ମୌଜାରେ ଏକ ବଡ଼ ଧରଣର ଉଚ୍ଛେଦ ଅଭିଯାନ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଦ୍ୱାରା କରାଯାଇଥିଲା। ବିଡିଏ ଉପାଧକ୍ଷ ଚଞ୍ଚଳ ରାଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଯୁଗ୍ମ କମିଶନର ରଞ୍ଜନ କୁମାର ଜେନାଙ୍କ ନେତୃତ୍ୱରେ, ଏହି ଅଭିଯାନରେ ଛଅଟି ଜେସିବି ମେସିନ୍ ନିୟୋଜିତ କରାଯାଇଥିଲା ଯାହା



୧୮୭ଟି ଅନଧିକୃତ ଘର ଭାଙ୍ଗି ଦେଇଥିଲା, ଯେଉଁଥିରେ ୩୧ଟି ନିର୍ମାଣାଧୀନ ଘର ମଧ ସାମିଲ ଥିଲା। ଏହି ଅଭିଯାନ ବର୍ଷ ବର୍ଷ ଧରି ଜବରଦଖଲ ହୋଇଥିବା ପ୍ରାୟ ୮ ଏକର ପ୍ରମୁଖ ସରକାରୀ ଜମିକୁ ସଫଳତାର ସହ ପୁନରୁଦ୍ଧାର କରିଥିଲା। ଅଭିଯାନ ସୁରୁଖୁରୁରେ ଆଗକୁ ବଢ଼ିବା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପ୍ରାୟ ୧୦ ପ୍ଲାଟୁନ୍ ପୋଲିସ କର୍ମଚାରୀ ଏବଂ ୫୦ ଜଣ ପୋଲିସ ଅଧିକାରୀଙ୍କୁ ସେଠାରେ ନିୟୋଜିତ କରାଯାଇଥିଲା। ଅଧିକାରୀମାନେ ରିପୋର୍ଟ କରିଥିଲେ ଯେ ସମ୍ପୂର୍ଣ୍ଣ ଅଭିଯାନ ଶାନ୍ତିପୂର୍ଣ୍ଣ ଭାବରେ ଚାଲିଥିଲା ଏବଂ କୌଣସି ଅପ୍ରୀତିକର ଘଟଣା ଘଟିନଥିଲା। ଉଚ୍ଛେଦ ପୂର୍ବରୁ, ବିଡିଏ ଜବରଦଖଲ କାରୀଙ୍କୁ ଅନେକ ନୋଟିସ୍ ଜାରି କରିଥିଲା। ଏବଂ ଲାଉଡସ୍ପିକର ମାଧ୍ୟମରେ ବାରମ୍ବାର ସାର୍ବଜନୀନ ଘୋଷଣା କରିଥିଲା।

## 'ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସମସ୍ତେ ଦୃଢ଼ ସମର୍ଥନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, ୧୭/୪(ନିପ୍ର): ନାରୀ କେବଳ ପରିବାରର ନୁହେଁ, ସମାଜ ଓ ଜାତିର ମୂଳ ଶକ୍ତି ଭାବେ ପରିଚିତ। ନାରୀଶକ୍ତିର ବିଶାଳ



ସମାଗମ ଭବିଷ୍ୟତ ଓଡ଼ିଶାର ଉନ୍ନତି ପାଇଁ ଏକ ସକାରାତ୍ମକ ସଙ୍କେତ ବୋଲି ଅନୁଗୋଳରେ ଆୟୋଜିତ 'ନାରୀଶକ୍ତି ବନ୍ଦନ' କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ପଂଚାୟତରୁ ସଂସଦ ପର୍ଯ୍ୟନ୍ତ ନେତୃତ୍ୱ ନେବାକୁ ଆହ୍ୱାନ କରି କହିଥିଲେ ଯେ ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସମସ୍ତେ ସମର୍ଥନ କରିବା ଆବଶ୍ୟକ । ସେ କହିଥିଲେ ଯେ ନାରୀଙ୍କ ଉନ୍ନତି ବିନା ଦେଶର ସମ୍ପୂର୍ଣ୍ଣ ବିକାଶ ସମ୍ଭବ ନୁହେଁ ଓ ନାରୀ ସଶକ୍ତିକରଣ ହେଉଛି ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତର ମୂଳ ଆଧାର। ନାରୀ ଶକ୍ତି ବନ୍ଦନ ବିଲ୍‌କୁ ବିରୋଧ ଅର୍ଥ ନାରୀ ଶକ୍ତିର ଅସମ୍ମାନ। ଏହାର ବିରୋଧ ହେଉଛି ନାରୀ ସଶକ୍ତିକରଣର ବିରୋଧ। ଏହାକୁ ନାରୀ ସମାଜ କେବେ କ୍ଷମା ଦେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ଭାରତୀୟ ସଂସ୍କୃତିରେ ନାରୀଙ୍କ ସମ୍ମାନ ଓ ପୂଜାର ପରମ୍ପରାକୁ ଉଲ୍ଲେଖ କରି କହିଥିଲେ ଯେ "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତାଃ" ବାକ୍ୟ ଆମ ସମାଜର ମୂଲ୍ୟବୋଧକୁ ପ୍ରକାଶ କରେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି 'ମହିଳାଙ୍କ ନେତୃତ୍ୱରେ ବିକାଶ' ଆଜି ଦେଶର ମହିଳାମାନଙ୍କୁ ନୂଆ ଦିଗ ଦେଉଛି। ମହିଳାମାନେ ଆଜି ଶିକ୍ଷା, ସୁରକ୍ଷା, ବିଜ୍ଞାନ, କ୍ରୀଡ଼ା ଓ ପ୍ରଶାସନ ସମେତ ପ୍ରତ୍ୟେକ କ୍ଷେତ୍ରରେ ନିଜ ସାମର୍ଥ୍ୟ ପ୍ରମାଣ କରୁଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସେ ନାରୀଶକ୍ତିର ପ୍ରେରଣାଦାୟୀ ପ୍ରତୀକ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଅନୁଗୋଳ ଜିଲ୍ଲାରେ ୯୦ ହଜାରରୁ ଅଧିକ ଲକ୍ଷପତି ଦିଦି ଥିବାବେଳେ ସମଗ୍ର ରାଜ୍ୟରେ ୧୭ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ଅଛନ୍ତି ବୋଲି ପ୍ରକାଶ କରିଥିଲେ।

## ମହଙ୍ଗା ହେଲା ସୁନା: ରୁପା ମୂଲ୍ୟରେ ସାମାନ୍ୟ ହ୍ରାସ

ନୂଆଦିଲ୍ଲୀ, ୧୭/୪(ନିପ୍ର): ଘରୋଇ ସୁନା ବଜାରରେ, ଆଜି ପ୍ରାରମ୍ଭିକ ବ୍ୟବସାୟ ସମୟରେ ସୁନା ମୂଲ୍ୟରେ ବୃଦ୍ଧିର ଧାରା ସ୍ପଷ୍ଟ ହୋଇଛି। ତଥାପି, ଆଜିର ବାଣିଜ୍ୟ ଅଧିବେଶନରେ ରୁପାରେ ସାମାନ୍ୟ ହ୍ରାସ ପରିଲକ୍ଷିତ ହୋଇଛି। ପ୍ରାରମ୍ଭିକ ବ୍ୟବସାୟରେ, ସୁନା ୨୦୦ଟଙ୍କା ପ୍ରତି ୧୦ ଗ୍ରାମ ରୁ ନେଇ ୨୨୦ ଟଙ୍କା ପ୍ରତି ୧୦ ଗ୍ରାମ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ଅନ୍ୟପକ୍ଷରେ ଚାନ୍ଦି ମୂଲ୍ୟ ଆଜି ପ୍ରାରମ୍ଭିକ ବ୍ୟବସାୟ ସମୟରେ ୨୦୦ ଟଙ୍କା ପ୍ରତି କିଲୋଗ୍ରାମ ପର୍ଯ୍ୟନ୍ତ ନାମମାତ୍ର ହ୍ରାସ ରେକର୍ଡ କରାଯାଇଛି। ଅନ୍ତର୍ଜାତୀୟ ବଜାରରେ, ଭୌତିକ ସୁନା ୦.୬୩ ପ୍ରତିଶତ ବୃଦ୍ଧି ପାଇବା ସହିତ ୪,୮୦୯.୧୬ ଡଲାର ସ୍ତରରେ ପହଞ୍ଚିଛି। ସେହିପରି, ରୂପା ଆଜି ଆଉନ୍ସ ପ୍ରତି ୭୯.୬୧ ଡଲାର ମୂଲ୍ୟରେ ବିକ୍ରି ହେଉଛି। ଘରୋଇ ସୁନା ବଜାରରେ ମୂଲ୍ୟ ବୃଦ୍ଧି ଯୋଗୁଁ, ଦେଶର ଅଧିକାଂଶ ସୁନା ବଜାରରେ ୨୪ କ୍ୟାରେଟ୍ ସୁନା ଆଜି ପ୍ରତି ୧୦ ଗ୍ରାମ ପାଇଁ ୧,୫୫,୫୮୦ ରୁ ୧,୫୬,୬୭୦ ଟଙ୍କାର ସ୍ତରରେ କାରବାର ହେଉଛି। ଏହି ସମୟରେ, ଆଜି ୨୨ କ୍ୟାରେଟ୍ ସୁନା ପ୍ରତି ୧୦ ଗ୍ରାମ ୧,୪୨,୬୧୦ ରୁ ୧,୪୩,୬୧୦ ମଧ୍ୟରେ ବିକ୍ରି ହେଉଛି। ଅନ୍ୟପକ୍ଷରେ, ଏହାର ମୂଲ୍ୟରେ ଦୁର୍ବଳତାକୁ ପ୍ରତିଫଳିତ କରି, ଆଜି ଦିଲ୍ଲୀ ସୁନା ବଜାରରେ ଧଳା ଧାତୁ ପ୍ରତି କିଲୋଗ୍ରାମ ୨,୬୯,୯୦୦ ରେ କାରବାର ହେଉଛି।

**AFFIDAVIT**

By virtue of an affidavit sworn before The Notary Public Khordha affidavit no.1090 datd.17.04.2026, I Sasmita Biswal W/o-Ashok Kumar Biswal, At-Mali Colony, Siripur, Po-Baramunda Colony, Ps-Baramunda, Bhubaneswar, Odisha-751003 do hereby declare that I have changed my name from Rasmita Biswal to Sasmita Biswal. Henceforth I shall be known as Sasmita Biswal for all purposes.

**Sd-Sasmita Biswal**

**AFFIDAVIT**

By virtue of an affidavit sworn before The Notary Public, Khordha affidavit no.1047 dtd.08.04.2026, I Gitanjali Parimanik M/o Rojalin Nayak@Parimanik D/o Prabitra Parimanik At-Gunthuni Po-Golabai, Ps-Jankia, Dist-Khordha Odisha-752020 do hereby declare that I have changed my daughter's name from Rojalin Nayak to Rojalini Parimanik. Henceforth she will be known as Rojalini Parimanik for all purposes.

**Sd/-Gitanjali Parimanik**



ଓୟୁଏଟି କନଫରେନ୍ସ ହଲରେ ଓଡ଼ିଶା ନାଗରିକ ମଞ୍ଚ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳନ (ଫଟୋ-ଦିନଲିପି)

# ହୋଟେଲରେ ପୋଡ଼ା ଇଞ୍ଜିନ ତେଲ ଜାଳି ରୋଷେଇ

■ ବିଷାକ୍ତ ଧୂଆଁରେ ପରିବେଶ; ଖାଦ୍ୟ ଖାଇ କ୍ୟାନସର

■ ଶ୍ୱାସଜନିତ ସମସ୍ୟା ଏବଂ ଚର୍ମ ରୋଗ ହେବାର ଆଶଙ୍କା

ମାଲକାନଗିରି, ୧୭/୪(ନିପ୍ର): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ମାତ୍ର ୨୦୦ ମିଟର ଦୂରରେ ଥିବା କିଙ୍ଗସ୍ ହୋଟେଲରେ ଖରାପ (ପୋଡା )ଇଞ୍ଜିନ ତେଲ ଜାଳି ରୋଷେଇ କରୁଥିବା ଜଣାପଡ଼ିଛି । ଖରାପ ଇଞ୍ଜିନ ତେଲ ବ୍ୟବହାର କରି ରୋଷେଇ କରିବା ପରିବେଶ ପାଇଁ ଅତ୍ୟନ୍ତ ବିପଦଜନକ ଏବଂ ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥିବା ବେଳେ ଉକ୍ତ ହୋଟେଲ ମାଲିକ ଲୋକଙ୍କ ସ୍ୱାସ୍ଥ୍ୟ ସହିତ ଖେଳୁଥିବା ଅଭିଯୋଗ ହୋଇଛି। ଖରାପ ଇଞ୍ଜିନ ତେଲ ଜଳିଲେ କର୍କଟ ସୃଷ୍ଟିକାରୀ ପଦାର୍ଥ ଏବଂ କ୍ଷତିକାରକ ଧୂଆଁ ବାହାରିଥାଏ । ଏହି ଧୂଆଁ ରୋଷେଇ ଘରର ପରିବେଶକୁ ବିଷାକ୍ତ କରିବା ସହ ଖାଦ୍ୟରେ ମିଶି ପେଟ ରୋଗ, ଶ୍ୱାସଜନିତ ସମସ୍ୟା ଏବଂ ଦୀର୍ଘମିଆଦୀ ରୋଗର କାରଣ ହୋଇଥାଏ । କିନ୍ତୁ ହୋଟେଲ ମାଲିକ ଜଣକ ଏସବୁକୁ ଖାତିର ନକରି କିଛି ଲାଭବାନ ହେବା ଆଶାରେ ଲୋକଙ୍କ ଜୀବନକୁ ବିପଦକୁ ଠେଲିଦେଉଥିବା ଜଣାପଡ଼ିଛି । ଏହି ତେଲକୁ ଖାଦ୍ୟ ତିଆରିରେ ବ୍ୟବହାର କରିବା ଖାଦ୍ୟ ନିରାପତ୍ତା ଆଇନ ଅନୁଯାୟୀ ଅପରାଧ ହୋଇଥିବା ବେଳେ ଉକ୍ତ ତେଲରୁ ବାହାରୁଥିବା ଧୂଆଁ ତୀବ୍ର ବିଷାକ୍ତ ଏବଂ ଦୁର୍ଗନ୍ଧଯୁକ୍ତ ହୋଇଥିବାରୁ ଆଖ ପାଖ ପରିବେଶକୁ ପ୍ରଦୂଷିତ କରିବା ସହ ଖାଦ୍ୟର ଗୁଣବତ୍ତା ଉପରେ ପ୍ରଭାବ ପକାଉଛି । ଏହାସହ ଉକ୍ତ ହୋଟେଲରେ ଅତ୍ୟନ୍ତ ଅପରିଷ୍କାର ପରିବେଶ ଏବଂ ଆବର୍ଜନା ଭିତରେ ଖାଦ୍ୟ ପ୍ରସ୍ତୁତ କରାଯାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ସମୟରେ ଖାଦ୍ୟକୁ ଆକର୍ଷଣୀୟ କରିବା ପାଇଁ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ରଙ୍ଗ ମିଶାଯାଉଥିବା ଜଣାପଡିଛି । ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଏଭଳି ହୋଟେଲ ଗୁଡିକ ଉପରେ କଡା ନଜର ରଖିବା ସହ ଉଚିତ ଜରିମାନା ଆଦାୟ କରିବା ପାଇଁ ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି । ଏନେଇ ହୋଟେଲ ମାଲିକଙ୍କୁ ପଚାରିବାରୁ ସେ ବର୍ତ୍ତମାନ ଏଲପିଜି ଗ୍ୟାସ୍ ସଙ୍କଟ ଯୋଗୁଁ ଉକ୍ତ ତେଲ ବ୍ୟବହାର କରି ରୋଷେଇ କରୁଥିବା କହିଛନ୍ତି । ଏ ସମ୍ପର୍କରେ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ ଉକ୍ତ ବିଷୟ ଉପରେ କୌଣସି ଧାରଣା ନଥିବା କହି ସେ ବିଷୟରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ କହିଥିଲେ ।

# ରେଳ କ୍ଷତି ୯୨% ହ୍ରାସ ପାଇଛି: ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ, ୧୭/୪(ପିଆଇବି): ପ୍ରଭାବଶାଳୀ ବାସ୍ତବ-ସମୟ ଡିଜିଟାଲ ମନିଟରିଂ ଏବଂ ୩୦,୦୦୦ ଜିପିଏସ-ଆଧାରିତ କୁହୁଡ଼ି ସୁରକ୍ଷା ଉପକରଣର ବିଶ୍ୱସନୀୟ ପରିଚାଳନା, ଏପରିକି କମ୍ ଦୃଶ୍ୟମାନତା ସତ୍ତ୍ୱେ, ଜନସାଧାରଣଙ୍କ ବିଶ୍ୱାସ ସୃଷ୍ଟି କରିବାରେ ସହାୟକ ହେଉଛି ଭାରତୀୟ ରେଳବାଇ ପ୍ରତିଦିନ ବିଶ୍ୱର ସର୍ବବୃହତ ଏବଂ ସବୁଠାରୁ ଜଟିଳ ରେଳ ନେଟୱାର୍କରେ ଦୁଇ କୋଟିରୁ ଅଧିକ ଯାତ୍ରୀ ପରିବହନ କରିଥାଏ, ୧୪,୦୦୦ ରୁ ଅଧିକ ଯାତ୍ରୀ ସେବାରେ ଦୈନିକ ୨୫,୦୦୦ ରୁ ଅଧିକ ଟ୍ରେନ୍ ଚଳାଉଛି । ଦଶନ୍ଧି ଦଶନ୍ଧି ଧରି, ରେଳବାଇକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଆଲୋଚନା ସମ୍ପ୍ରସାରଣ ଏବଂ ସଂଯୋଗୀକରଣ ଉପରେ କେନ୍ଦ୍ରିତ ଥିଲା। ତେବେ, ୨୦୧୪ ମସିହାରୁ, ଏକ ମୌଳିକ ନୀତି ପୁନଃନିର୍ଦ୍ଧାରଣ ସମସ୍ତ କାର୍ଯ୍ୟକଳାପର ମୂଳରେ ସୁରକ୍ଷାକୁ ରଖିଥିଲା। ହାର୍ଡ୍ ଡାଟାରେ ବର୍ତ୍ତମାନ ଦୃଶ୍ୟମାନ ହେଉଥିବା ଫଳାଫଳଗୁଡିକ ଏକ ପରିବର୍ତ୍ତନକୁ ପ୍ରତିଫଳିତ କରେ ଯାହା ସମାନ ପରିମାଣରେ ସଂରଚନାତ୍ମକ, ବୈଷୟିକ ଏବଂ ଆର୍ଥିକ ଅଟେ। କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ଜାତୀୟ ପ୍ରକାଶନରେ ଲେଖିଛନ୍ତି ଯେ ବିଶ୍ୱ ସ୍ତରରେ, ରେଳ ସୁରକ୍ଷାକୁ ପ୍ରତି ବିଲିୟନ ଯାତ୍ରୀ-କିଲୋମିଟରରେ ମୃତ୍ୟୁ କିମ୍ବା ଦୁର୍ଘଟଣା ମାଧ୍ୟମରେ ମାପ କରାଯାଏ, ଯାହା ବିଭିନ୍ନ ପ୍ରକାରର ବ୍ୟବସ୍ଥାରେ ତୁଳନା କରିବାକୁ ଅନୁମତି ଦେଇଥାଏ। ଶ୍ରୀ ବୈଷ୍ଣବ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଥମ କାର୍ଯ୍ୟକାଳରେ ଏକ ସ୍ପଷ୍ଟ ବାର୍ତ୍ତା ଦିଆଯାଇଥିଲା: ସୁରକ୍ଷା ପ୍ରଥମେ ଏବଂ ୨୦୧୪ ମସିହାରୁ, ଭାରତୀୟ ରେଳବାଇ ଏହାର ସୁରକ୍ଷା ଇକୋସିଷ୍ଟମରେ ଏକ ବ୍ୟାପକ, ବୈଷୟିକ ନେତୃତ୍ୱାଧୀନ, ନିରନ୍ତର ପାଣ୍ଠି ଯୋଗାଣ ପରିବର୍ତ୍ତନ କରିଛି।



Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ